
‘ଲଢ଼େଇ’ରେ ଅଭିଲିପ୍ସା
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-44 THURSDAY 7 AUGUST 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୪୪ ଗୁରୁବାର ୭ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦


### ବାଲେଶ୍ୱର, ବଲଙ୍ଗା ପରେ ପଟ୍ଟାମୁଣ୍ଡାଇ

# ନିଜକୁ ଜାଳିଦେଲେ ଆଉ ଜଣେ ଛାତ୍ରୀ



■ ପଟ୍ଟାମୁଣ୍ଡାଇ, ୬।୮ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ବଲଙ୍ଗାରେ ଜଣେ ନାବାଳିକାଙ୍କୁ ପୋଡ଼ିବା ନେଇ ରାଜ୍ୟରେ ରୋଷର ନିଆଁ ଜଳୁଛି । ଏହି ସମୟରେ ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ସମ୍ପୃକ୍ତ ଛାତ୍ରୀ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବିଡ଼ମ୍ବନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ, ଏପଟେ ଉତ୍ପୀଡ଼ନ ଅତିଷ୍ଠ ହେଲା । ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଛାତ୍ରୀଜଣକ ନିଜ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଲେ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶୀକାନ୍ତ ପରିଡାଙ୍କ ଝିଅ ପିଡି ସଙ୍ଗୀତା ବଡ଼ପଡ଼ା କଲେଜରେ +୩ ଶେଷବର୍ଷ କଳାରେ ପାଠ ପଢୁଥିଲେ। ଆଜି ସକାଳ ୭.୩୦ ମିନିଟ ସମୟରେ ସଙ୍ଗୀତାଙ୍କ ବାପାମାଆ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ ଓ ଘରେ ଝିଅ ସଙ୍ଗୀତା ଏକୁଟିଆ ଥିଲେ। ମାତ୍ର ଘରକୁ ଫେରିବା ପରେ ବାପାମାଆ ସଂଗୀତାଙ୍କ କୋଠରୀ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ବହୁ ଡକାଡକି ପରେ ସେ କବାଟ ନ ଖୋଲିବାରୁ ବାଧ ହୋଇ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ। ମାତ୍ର ଘରଭିତରେ ସଙ୍ଗୀତାଙ୍କ ବଦଳରେ ମିଳିଥିଲା ତାଙ୍କର ପୋଡ଼ା ଶରୀର। ଘର ସାରା କିରାସିନି ଗନ୍ଧ ହେଉଥିବାରୁ ସେ ଦେହରେ କିରାସିନି ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ମାତ୍ର ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନଥିଲା ବୋଲି ସଙ୍ଗୀତାଙ୍କ ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ବିବାଦୀୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମାତ୍ର ଏହି ଘଟଣାରେ

- ପୁରୁଷ ବନ୍ଧୁର ଉତ୍ପୀଡ଼ନ, ପୁଲିସ ବେଫିକର
- ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ
- ଭିଡିଓ ଭାଇରାଲ ଧମକ ଦେଉଥିଲା ପ୍ରେମିକ
- ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍

ସଙ୍ଗୀତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତେରୋହି ଗ୍ରାମର ଜଣେ ଯୁବକ ସଙ୍ଗୀତାକୁ ଭଲ ପାଉଥିଲା। ମାତ୍ର ପରିବାର ଲୋକମାନେ ଏହାକୁ ସ୍ୱୀକୃତି ଦେଉ ନ ଥିଲେ। ଉକ୍ତ ଯୁବକ ଜଣକ ସଙ୍ଗୀତାଙ୍କ କେତେକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ତେଣୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପରିବାର ଲୋକେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୁଲିସର କୌଣସି ଭୂମିକା ନାହିଁ ଓ ସଙ୍ଗୀତାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଛାତ୍ରୀ ଆତ୍ମହତ୍ୟା ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ରୀଙ୍କ ମୋବାଇଲ ଓ ପୋଷାକକୁ ପୁଲିସ ଜବତ କରିଛି ।

### ଟ୍ରମ୍ପଙ୍କ ଡବଲ୍ ଛାଟ

# ଭାରତକୁ ୫୦% ଶୁଳ୍କ

## ଜବାବୀ କାର୍ଯ୍ୟାନୁଷ୍ଠାନ ନେଲେ ଆହୁରି ଶୁଳ୍କ ବୃଦ୍ଧି ଧମକ

■ ୱାଶିଂଟନ, ୬।୮ (ଏଜେନ୍ସି): ଶୁଳ୍କକୁ ନେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଦାଉ ସାଧୁଛନ୍ତି। ଆମେରିକୀୟ କମ୍ପାନୀ ରୁଷ୍ ସହ କାରବାର ଜାରି ରଖିଥିବାବେଳେ ସେ ଭାରତକୁ ନିଶାଣ କରି ଚାଲିଛନ୍ତି। ମସ୍କୋ ସହ ତୈଳ କାରବାରକୁ ନେଇ ଭାରତକୁ ଅନୁଚିତ ଏବଂ ଅଯୌକ୍ତିକ ଭାବେ ଦୋଷ ଦେଉଛନ୍ତି। ରୁଷ୍ ସହ କାରବାର କରୁଥିବା ଚୀନ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇଥିବା ବେଳେ ଭାରତ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଧମକ ଦେବାର ୨୪ ଘଣ୍ଟା ପରେ ଟ୍ରମ୍ପ ପୁଣି ଶୁଳ୍କ ପ୍ରହାର କରିଛନ୍ତି। ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଉପରେ ଟ୍ରମ୍ପ



### ଅତିରିକ୍ତ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ

### ଭାରତ ହରାଇବ ଜିଡିପିର ୧ ପ୍ରତିଶତ

ବୁଧବାର ସ୍ୱାକ୍ଷର କରିଛନ୍ତି। ଏହି ଶୁଳ୍କ ଆଜିଠାରୁ ୨୧ ଦିନ ପରେ ଅର୍ଥାତ୍ ୨୭ ତାରିଖରୁ ଲାଗୁ ହେବ। ଏହା ପୂର୍ବରୁ ଟ୍ରମ୍ପ ଗତ ୩୦ ତାରିଖରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହାକୁ ମିଶାଇ ସେ ନୂଆଦିଲ୍ଲୀ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି। ରୁଷଠାରୁ ତୈଳ କ୍ରୟ ଜାରି ରଖିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଯଦି ଏହା ଉପରେ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଶୁଳ୍କ ବୃଦ୍ଧି କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପଟେ ଟ୍ରମ୍ପ ଏହି ଶୁଳ୍କ ଦ୍ୱାରା ଭାରତ ବହୁଳ ଭାବେ ପ୍ରଭାବିତ ହେବ। ୬୪ ବିଲିୟନ୍ ଡଲାରର ରପ୍ତାନି ଉପରେ ନକରାତ୍ମକ ପ୍ରଭାବ ପଡ଼ିବ। ଫଳରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧ ପ୍ରତିଶତ ତଥା ୩.୨୪ ଲକ୍ଷ କୋଟି ଟଙ୍କା କ୍ଷତିହେବ ବୋଲି କୁହାଯାଉଛି।

ପୃଷ୍ଠା-୭






### ବିହାର ଭୋଟର ତାଳିକା ସଂଶୋଧନ

## ନିର୍ବାଚନ କମିଶନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

# ୬୫ ଲକ୍ଷର ହିସାବ ଦିଅ

■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଳିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ଶନିବାର ସୁଦ୍ଧା ପୂର୍ଣ୍ଣାଙ୍ଗ ତଥ୍ୟ ଦେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ବିଭିନ୍ନ ରାଜନୈତିକ ଦଳଙ୍କୁ ତଥ୍ୟ ଦେଇଥିବା ବେଳେ ଅନ୍ୟତମ ଆବେଦନକାରୀ ଏଡିଆର୍‌କୁ ମଧ୍ୟ ଏହି ତଥ୍ୟ ଦେବାକୁ ପଡ଼ିବ।

ଆଜି ଏହି ମାମଲାର ଶୁଣାଣି ବେଳେ ଏଡିଆର ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା ଯେ କମିସନ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ସେଥିରେ ଅନେକ ବିଭ୍ରାନ୍ତି ରହିଛି। କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ଏବଂ କେଉଁମାନେ



### ୬୫ ଭାଗ ଭୋଟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ

ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଳିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନିର୍ବାଚନ କମିସନ। ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଶୁଣାଣି ବେଳେ କହିଛନ୍ତି ଯେ କମିସନ କେବଳ ଚିଠାପ୍ରସ୍ତାବ ଜାରି କରିଛନ୍ତି। ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରାଯିବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ନିର୍ଦ୍ଦିଷ୍ଟ ତଥ୍ୟ ଦେଉ ନାହାନ୍ତି। ମାନ୍ୟବର ବେଞ୍ଚ ନିର୍ବାଚନ କମିସନଙ୍କ ଓକିଲଙ୍କୁ କହିଲେ ଯେ ତାଲିକା ସଂଶୋଧନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ସଂପର୍କରେ ଆମକୁ ତଥ୍ୟ ଦରକାର। ତେଣୁ ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଦାଖଲ କରିବା ଲାଗି

ପୃଷ୍ଠା-୭

### ମୟୂରଭଞ୍ଜରେ ଲଜ୍ଜା

# ନାବାଳିକାଙ୍କୁ ଦୁଷ୍କର୍ମ

■ କୁଆମରା, ୬।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ



### ନାବଳକ ସମେତ ୩ ଗିରଫ

ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣଙ୍କ ବୟସ ୨୩ ଓ ୧୮ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କ ବୟସ ୧୩। ଦୁଇ ଦିନ ତଳେ ପୀଡିତାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଏହି ଘଟଣା କାହାରିକୁ ନ କହିବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ପୀଡିତାଙ୍କ ମା’ ଘରକୁ ଫେରିବା ପରେ ଘଟଣା ସଂପର୍କରେ ଜାଣିବାକୁ ପାଇଥିଲେ। ଫଳରେ ପୀଡିତାଙ୍କ ମାଆ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

# ଟ୍ରକ୍ ଧକ୍କାରେ ଚାଲିଗଲା ପରିବାରର ୩ ଜୀବନ

■ ତେଲକୋଇ, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରଠାରେ ଏକ ବାଇକ୍ ପଛକୁ ଟ୍ରକ୍ ଧକ୍କା ଦେବ ଫଳରେ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନାଞ୍ଚଳର ଟଙ୍କଧର ପାତ୍ର, ତାଙ୍କ ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନ ଓ ୧୫ ବର୍ଷର ଝିଅ ମାମୁନି ପ୍ରଧାନ। ରୁଗୁଡ଼ିହି ଟୋଲ ପ୍ଲାଜାରେ ଟ୍ରକ୍‌ଟିକୁ ଅଟକ ରଖାଯାଇଛି।

ଟଙ୍କଧର (ଓଆର ୦୨ବିଜି ୧୪୬୫) ବାଇକ୍ ଯୋଗେ ଝିଅ ମାମୁନିକୁ କାଞ୍ଜିପାଣିସ୍ଥିତ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବାକୁ ପତ୍ନୀଙ୍କ ସହ ଯାଉଥିଲେ। ଜଗମୋହନପୁର ଶିବ ମନ୍ଦିର ନିକଟରେ (ଏନଏଲ୍ ୦୧ଏସି ୨୦୧୯) କଣ୍ଟେନର ଟ୍ରକ୍‌ଟି ସଂପୃକ୍ତ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା। ତେଲକୋଇ ଥାନା ପୁଲିସ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଇବାକୁ ଚେଷ୍ଟା କରିଥିଲା। ୫-୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲରେ ଶବ ବ୍ୟବଚ୍ଛେଦ କରାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଗମୋହନପୁର ବଜାରର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନା ଅନୁସାରେ, ମୃତ ଟଙ୍କ ପାତ୍ରଙ୍କ ଘର ବାହାଡ଼ାପଶି ଗ୍ରାମରେ। ସେ ତାଙ୍କର ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନଙ୍କୁ ଧରି ପାଳଲହଡ଼ା ଅଞ୍ଚଳରେ ରହୁଛନ୍ତି। ଅନ୍ୟପଟେ ମୃତ ଝିଲ୍ଲି ପ୍ରଧାନ ମଧ୍ୟ ପୂର୍ବରୁ ଅନ୍ୟ ଜଣଙ୍କୁ ବିବାହ କରିଥିବା କୁହାଯାଉଛି।

## ହାତୀ ପାଇଁ ହଙ୍ଗାମା: ଅମ୍ବାନୀଙ୍କ ଚିଡ଼ିଆଖାନାକୁ ପଠାଇବାକୁ ବିରୋଧ

ମୁମ୍ବାଇ, ୬।୮ (ଏଜେନ୍ସି): ତିନି ବର୍ଷ ବୟସରୁ ଲୋକଙ୍କ ଗହଣରେ ରହି ଆସୁଥିଲା। ଅନାବିଳ ସ୍ନେହ ପାଉଥିଲେ। ପର୍ବପର୍ବାଣୀ ହେଉ ଅବା କୌଣସି ଶୁଭକାର୍ଯ୍ୟ ସବୁଥିରେ ତାକୁ ଲୋଡା ହେଉଥିଲା। ୩୩ ବର୍ଷ ହେଲା ଧାର୍ମିକ ଶୋଭାଯାତ୍ରାର ଶୋଭା ମଣ୍ଡନ କରୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଲୋକେ ନିଜ ସନ୍ତାନ ପରି ତାକୁ ପାଳୁ ଥିଲେ। ମାତ୍ର ଏକ ସଂଗଠନ ଏହା ସହି ପାରି ନ ଥିଲା। ଅସୁସ୍ଥ ଏବଂ ଯନ୍ତ୍ରଣା ଦିଆଯାଉଥିବା ଦର୍ଶାଇ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶରେ ଲୋକଙ୍କଠାରୁ ତାକୁ ଦୂରକୁ ନେଇ ଯାଇଥିଲା। ତାକୁ ନେବା ସମୟରେ ଲକ୍ଷାଧିକ ଲୋକ ଏକାଠି ହୋଇଥିଲେ। ଅଶ୍ରୁଭରା ନୟନରେ ବିଦାୟ ଦେଇଥିଲେ। ଏହି କାହାଣୀ କୌଣସି ମନୁଷ୍ୟର ନୁହେଁ, ଏକ ହାତୀର। ଏହି ହାତରୀ ନାମ ମହାଦେବୀ। ଲୋକେ ତାକୁ ଶ୍ରଦ୍ଧାରେ ମାଧୁରୀ ଡାକନ୍ତି।



ମାଧୁରୀ ମହାରାଷ୍ଟ୍ର କୋହ୍ଲାପୁରରେ ନନ୍ଦିନୀ ମଠରେ ରହୁଥିଲା। ଏହି ହାତୀ ପାଇଁ ଏବେ ସାରା ଅଞ୍ଚଳ କାନ୍ଦୁଛି। ଲୋକେ ତାକୁ ଫେରାଇ ଆଣିବା ପାଇଁ ନିରବ ପ୍ରତିବାଦ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ ଚଲାଇ ମୁକେଶ ଅମ୍ବାନୀଙ୍କ ବନ୍‌ତାରାରୁ ଫେରାଇ ଆଣିବାକୁ ଦାବି କରୁଛନ୍ତି। ଏନ୍‌ଜିଓ ପେଟା ସହ ମିଶି ଷଡ଼ଯନ୍ତ୍ର କରି ଏହି ଶିଳ୍ପପତି ହାତୀକୁ ବନତାରାକୁ ନେଇ ଯାଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ହଜାର ହଜାର ଲୋକେ ମୁକେଶ ଅମ୍ବାନୀଙ୍କ ଜିଓ ସିମ୍ ଚଲାଉ ନାହାନ୍ତି। ଏହାକୁ ପୋର୍ଟ କରି ଅନ୍ୟ କମ୍ପାନୀକୁ ନେଇ ଯାଇଛନ୍ତି। ରାଜନେତାଙ୍କ ସଭାରେ ଏକାଠି ହୋଇ ହାତୀକୁ ଫେରାଇ ଆଣିବା ପାଇଁ ଦାବି କରୁଛନ୍ତି। ବନତାରାକୁ କାହିଁକି ପଠାଇଲେ ବୋଲି ପଚାରୁଛନ୍ତି। ଏବେ ମହାରାଷ୍ଟ୍ର ସରକାର ମଧ୍ୟ ଲୋକଙ୍କ ସମର୍ଥନରେ ବାହାରିଛନ୍ତି। ହାତୀକୁ ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୭ ବର୍ଷ ପରେ ଚୀନ୍ ଯିବେ ପ୍ରଧାନମନ୍ତ୍ରୀ: ଏସ୍‌ସିଓ ସମ୍ମିଳନୀରେ ଭାଗ ନେବେ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂଘାଇ ସହଯୋଗ ସମ୍ମଳନୀ (ଏସ୍‌ସିଓ) ରେ ଯୋଗ ଦେବାକୁ ଚୀନ୍ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ହେଉଥିବା ଏହି ସମ୍ମିଳନୀରେ ଭାରତ, ଚୀନ ଓ ରୁଷ ସମେତ ୧୦ଟି ସଭ୍ୟରାଷ୍ଟ୍ର ଭାଗ ନେବେ। ତେବେ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିପ୍ରେକ୍ଷୀରେ ମୋଦୀଙ୍କର ଏହି ଚୀନ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାସହିତ ୨୦୨୦ ଗଲୱାନ ଘାଟୀରେ ଦୁଇଦେଶର ସୈନିକମାନଙ୍କ ସଂଘର୍ଷ ପରେ ମୋଦୀ ପ୍ରଥମଥର ପାଇଁ ଚୀନ୍ ଗସ୍ତରେ ଯାଉଛନ୍ତି। ଦୁଇ ଦେଶ ମଧ୍ୟରେ ସଂପର୍କକୁ ସ୍ୱାଭାବିକ କରିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ୨୦୧୮ ରେ ଚୀନ୍ ଗସ୍ତରେ ଯାଇଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ଭାବେ



ମୋଦୀ ଷଷ୍ଠଥର ପାଇଁ ଚୀନ୍ ଗସ୍ତରେ ଯିବେ। ଗତ ୭୦ ବର୍ଷ ମଧ୍ୟରେ ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ସର୍ବାଧିକ ଥର ଗସ୍ତ ହେବ। ଗତମାସରେ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତରେ ଯାଇଥିଲେ ଓ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିଥିଲେ। ଶେଷଥର ପାଇଁ ମୋଦୀ ୨୦୨୪ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷିଆରେ ଜିନପିଙ୍ଗଙ୍କୁ ଭେଟିଥିଲେ। ସେତେବେଳେ ଦୁଇ ନେତାଙ୍କ ମଧ୍ୟରେ ୫୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି ୨୦୦୧ରେ ଏସ୍‌ସିଓ ଗଠନ କରାଯାଇଥିଲା। ସେତେବେଳେ ଚୀନ୍, ରୁଷ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକସ୍ତାନ, ଉଜବେକିସ୍ତାନ ମିସିକରି ଏସ୍‌ସିଓ ଗଠନ କରିଥିଲେ। ୨୦୧୭ରେ ଭାରତ ଓ ପାକିସ୍ତାନକୁ ଏହି ସଂଗଠନରେ ସାମିଲ କରାଯାଇଥିଲା। ୨୦୨୩ରେ ଇରାନକୁ ମଧ୍ୟ ଏହାର ସଦସ୍ୟତା ପ୍ରଦାନ କରାଯାଇଥିଲା।

## ଥାଇଲାଣ୍ଡରେ ବିବାହ କଲେ ଭଜନଲାଲଙ୍କ ନାତୁଣୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପୂର୍ବତନ ହରିୟାଣା ମୁଖ୍ୟମନ୍ତ୍ରୀ ଚୌଧୁରୀ ଭଜନଲାଲଙ୍କ ନାତୁଣୀ ଦାମିନୀ ବିଷ୍ଣୋଇ ଥାଇଲାଣ୍ଡରେ ବିବାହ କରିଛନ୍ତି। ଏଥିରେ କେବଳ ତାଙ୍କ ପରିବାର ଲୋକ ସାମିଲ ଥିଲେ। ଗୋପନୀୟ ଭାବେ ଏହି ବିବାହ ସମ୍ପର୍ଣ୍ଣ ହୋଇଥିଲେ। ନିର୍ବନ୍ଧଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଥାଇଲାଣ୍ଡର ଫୁକେଟ୍‌ରେ ସମ୍ପର୍ଣ୍ଣ ହୋଇଥିଲା। କୌଣସି ରାଜନେତାଙ୍କୁ ଏହି ବିବାହକୁ ଆମନ୍ତ୍ରିତ କରାଯାଇ ନଥିଲା। ଏହି ବିବାହ ଫୁକେଟ୍‌ର ଏକ ପଞ୍ଚ ତାରକା ହୋଟେଲରେ ଆୟୋଜନ ହୋଇଥିଲା। ଦାମିନୀଙ୍କ ସ୍ୱାମୀଙ୍କ ନାମ ପ୍ରଣୟ। ଦାମିନୀ ମଧ୍ୟ ବିଜେପି ନେତା ତଥା ପୂର୍ବତନ ବିଧାୟକ କୁଳଦୀପ ବିଷ୍ଣୋଇଙ୍କ ଝିଆରି। ତେବେ ନିର୍ବନ୍ଧର ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା। ଦାମିନୀ ମଧ୍ୟ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ପଞ୍ଚକୁଲା ବିଧାୟକ ଚନ୍ଦ୍ରମୋହନଙ୍କ ଝିଅ। ଦାମିନୀ ଇଂଲଣ୍ଡ ନିଜର ପାଠ ପଢ଼ା କରିଥିଲେ। ବିବାହ ପରେ ଚନ୍ଦ୍ରମୋନହଙ୍କ ପରିବାର ଥାଇଲାଣ୍ଡରେ ଅଛନ୍ତି। ଭାରତ ଫେରିବା ପରେ ଚନ୍ଦ୍ରମୋହନ ବିବାହ ଭୋଜିର ଆୟୋଜନ କରିବେ।

## ହିମାଚଳରେ ଭୂସ୍ଖଳନ: ୨ ଶ୍ରଦ୍ଧାଳୁ ମୃତ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ହିମାଳୟ ପାଦ ଦେଶ ଓ ପାହାଡି ଅଞ୍ଚଳରେ ମୌସୁମୀର ପ୍ରକୋପ ଜାରି ରହିଛି। ମଙ୍ଗଳବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। କିନ୍ନୋର ଜିଲ୍ଲାରେ ପ୍ରତିବର୍ଷ ହେଉଥିବା ବାଲି କିନ୍ନର କୈଳାଶ ଯାତ୍ରାକୁ ଯାଇଥିବା ଦୁଇ ଶ୍ରାଦ୍ଧାଳୁ ବନ୍ୟାରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି। ଆଇଟିବିପିର ଯବାନମାନେ ୪୧୩ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଏବେ ମଧ୍ୟ କେତେକ ଶ୍ରଦ୍ଧାଳୁ ଫସି ରହିଛନ୍ତି। ସେହିପରି ମଙ୍ଗଳବାର ରାତିରେ ଚଣ୍ଡିଗଡ଼- ମନାଲୀ ଜାତୀୟ ରାଜପଥ ଭୂସ୍ଖଳନ ଯୋଗୁଁ ବନ୍ଦ ହୋଇଛି। ବଡ଼ବଡ଼ ପଥର ଖଣ୍ଡ ଖସିବା ଫଳରେ ୫୦୦ରୁ ଉର୍ଦ୍ଧ୍ୱ ସଡକ ବନ୍ଦ ରହିଛି।

## ୟୁକ୍ରେନର ଅଭିଯୋଗ: ରୁଷିଆ ଡ୍ରୋନ୍‌ରୁ ଭାରତୀୟ ଯନ୍ତ୍ରାଂଶ ମିଳିଛି

କିଭ୍, ୬।୮ (ଏଜେନ୍ସି): ରୁଷିଆ- ୟୁକ୍ରେନ ଯୁଦ୍ଧରେ ଏବେ ଭାରତର ଭୂମିକା ପଦାକୁ ଆସିଛି। ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ୟୁକ୍ରେନ ରାଷ୍ଟ୍ରପତ ଭୋଲୋଡିମୀର ଜେଲେନସ୍କି ଚିଫ୍ ଅଫ୍ ଷ୍ଟାଫ୍ ଆଣ୍ଡ୍ରି ୟେରମାକ ଏ ନେଇ ଅଭିଯୋଗ ଆଣିଛନ୍ତି। ରୁଷିଆକୁ ବିଦେଶୀ ଯନ୍ତ୍ରାଂଶ ପଠାଯିବା ବନ୍ଦ ହେବ ଆବଶ୍ୟକ। ଏହାକୁ ବ୍ୟବହାରେ କରି ରୁଷି ୟୁକ୍ରେନ ନାଗରିକଙ୍କ ଜୀବନ ନେଉଛି ବୋଲି ସେ କହିଛନ୍ତି। ଭାରତ ରୁଷିଆ ଠାରୁ ତୈଳ କ୍ରୟ କରି ପରୋକ୍ଷରେ ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆକୁ ସହାୟତା ପ୍ରଦାନ କରୁଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ସମୟରେ ୟେରମାନ ଏହି କଥା କହିଛନ୍ତି। କେବଳ ଜୁଲାଇ ମାସରେ ରୁଷିଆ ୟୁକ୍ରେନ ଉପରେ ୬୦୦୦ରୁ ଉର୍ଦ୍ଧ୍ୱ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆର ଏହା ସର୍ବାଧିକ ଡ୍ରୋନ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏହି ଆକ୍ରମରେ ଡଜନେରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଆହତ ହୋଇଛନ୍ତି। ଚଳିତ ଅଗଷ୍ଟ ମାସରେ ମଧ୍ୟ ରୁଷିଆ ତା'ର ଡ୍ରୋନ ଆକ୍ରମଣ ଜାରି ରଖିଛି ବୋଲି ୟୁକ୍ରେନ କହିଛି। ଅଗଷ୍ଟ ୨ରେ ରୁଷିଆ ୭୬ ଡ୍ରୋନ ଓ ୭ ମିସାଇଲ ୟୁକ୍ରେନ ଉପରେ ମାଡ କରିଥିଲା। ୟୁକ୍ରେନ ମଧ୍ୟ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି।

## ଧରାପଡ଼ିଲା ମହିଳା ସାଂସଦଙ୍କ ଚେନ୍ ଲୁଟେରା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନଙ୍କ ବେକରୁ ୩୦ ଗ୍ରାମ୍‌ର ଚେନ୍ ଛଡାଇନେଥିବା ଲୁଟେରା ବୁଧବାର ଧରା ପଡ଼ିଛି। ଦିଲ୍ଲୀ ପୁଲିସ ଏ ନେଇ ସୂଚନା ଦେଇଛି। ସୋହନ ରାୱତ ଏହି ଚେନ୍ ଛଡାଇ ନେଇଥିଲା ବୋଲି ପୁଲିସ କହିଛି। ସୋହନଠାରୁ ପୁଲିସ ସ୍କୁଟି ଓ ସାଂସଦଙ୍କ ଚେନ୍ ଜବତ କରିଛି। ସିସିଟିଭ ଫୁଟେଜ ଆଧାର କରି ସୋହନର ଗତିବିଧି ଉପରେ ନଜର ରଖାଯିବା ପରେ ତାକୁ ଗିରଫ୍ କରାଯାଇଛି। ସୋହନ ନାମରେ ପୂର୍ବରୁ ୨୬ଟି ଅପରାଧିକ ମାମଲା ରୁଜୁ ହୋଇଛି। ଏଗୁଡିକ ମଧ୍ୟରୁ ଅଧିକାଂଶ ଚୋରି ଓ ଛଡାଇନେବା ମାମଲା ରହିଛି। ଗତ ଏପ୍ରିଲ୍‌ରେ ଏକ ଗାଡି ଚୋରି ମାମଲାରେ ଗିରଫ କରାଯାଇଥିଲା। ଜୁନ୍ ୨୭ରେ ସେ ଜାମିନରେ ବାହରକୁ ଆସିଥିଲା। ଉଲ୍ଲେଖଥାଉ କି, ଜୁଲାଇ ୪ରେ ଦିଲ୍ଲୀର ଚାଣକ୍ୟପୁରୀ ଇଲାକାରେ ତାମିଲନାଡୁ ଭବନ ନିକଟ୍‌ରେ ସୁଧା ପ୍ରାତ ଭ୍ରମଣ କରୁଥିବା ବେଳେ ସ୍କୁଟିରେ ଆସି ତାଙ୍କଠାରୁ ଚେନ୍ ଛଡାଇ ନେଇଥିଲା। ଫଳରେ ସୁଧା ତଳେ ପଡ଼ିଯାଇଥିଲେ। ତାଙ୍କ ଗଳାରେ ଆଘାତ ଲାଗିଥିଲା ଓ ତାଙ୍କ ପୋଷାକ ମଧ୍ୟ ଚିରି ଯାଇଥିଲା। ସୁଧା ତାମିଲନାଡୁର ମାଇଲାଦୁଥୁରାଇ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ରହିଛନ୍ତି। ସଂସଦର ମୌସୁମୀ ଅଧିବେଶନରେ ଭାଗ ନେବାକୁ ସେ ଦିଲ୍ଲୀ ଆସିଥିଲେ। ଚାଣକ୍ୟପୁରୀ ଦିଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ଜଣାଶୁଣା। ଏଠାରେ ଏକାଧିକ ଦେଶର ଦୂତାବାସ ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ରହିଛି।

## ବନ୍ୟା ପରେ ଉତ୍ତରାଖଣ୍ଡ ବେହାଲ

# ମାଟିତଳୁ ଜୀବନ ଖୋଜା

### ୧୧ ଯବାନ, ୨୮ ପର୍ଯ୍ୟଟକଙ୍କ ପତ୍ତା ମିଳୁନି

ଡେରାଡୁନ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଧରାଲୀ ଗାଁରେ ମଙ୍ଗଳବାର ବାଦଲ ଫଟା ବର୍ଷା ଯୋଗୁଁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏସ୍‌ଡିଆରଏଫ୍, ଏନ୍‌ଡିଆରଏଫ୍, ଆଇଟିବିପ ଓ ସେନା ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଖରାପ ପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଏମାନଙ୍କର ପରିଚୟ ମିଳିପାରି ନାହିଁ। ୧୦୦ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ୧୧ ଜଣ ଯବାନଙ୍କ ସମେତ ଗତ ୨୪ ଘଣ୍ଟା ମଧ୍ୟରେ ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହାପରେ ଧାମୀ ଧରାଲୀ ସମେତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅନ୍ୟ ସ୍ଥାନଗୁଡିକ ହେଲିକପ୍ଟର ଯୋଗ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ସେ ଉଦ୍ଧାର କାର୍ଯ୍ୟ ନେଇ ଅଧିକାରୀମାନଙ୍କ ବୈଠକରେ ଆଲୋଚନା କରିଛନ୍ତି। ବାଦଲ ଫଟା ବର୍ଷା ଓ ଅଚାନକ ବନ୍ୟାରେ ଧରାଲୀ ଗାଁର ବଜାର, ଘର, ହେଟେଲ ସବୁ କିଛି ବହିଯାଇଛି। ମାତ୍ର ୩୪ ସେକେଣ୍ଡ ମଧ୍ୟରେ ଏହି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ଧରାଲୀକୁ ବାଦ୍ ଦେଲେ ସୁକ୍କୀ ଓ ହର୍ଷିଲରେ ମଧ୍ୟ ବାଦଲ ଫଟା ବର୍ଷା ହୋଇଥିଲା। ତେବେ ଏଠାରେ ଧରାଲୀ ଭଳି କ୍ଷୟକ୍ଷତି ହୋଇନାହିଁ। ଧରଲୀର ୧୫୦୦ ବର୍ଷ ପୁରୁଣା କଳ୍ପ କେଦାର ମନ୍ଦିର ମଧ୍ୟ ଧ୍ୱଂସ ପାଇଛି। ଏହି ନତୀ ଭାଗୀରଥୀ ନଦୀକୂଳରେ ଅବସ୍ଥିତ ଥିଲା। ଧରାଲୀ ଗଙ୍ଗୋତ୍ରୀ ଧାମଠାରୁ ମାତ୍ର ୧୮ କିମି ଦୂରରେ ଅବସ୍ଥିତ। ବିପର୍ଯ୍ୟୟରେ ଏତେ ଭୟଙ୍କର ଥିଲା ଯେ, ଲୋକଙ୍କୁ ଦୌଡ଼ି ପଳାଇବାକୁ ସମୟ ନଥିଲା।

### ଖରାପ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

କୋଚି: ଉତ୍ତରାଖଣ୍ଡର ବନ୍ୟା ବିଭୀଷିକାରେ କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ନିଖୋଜ ହୋଇଥିବାର ପରିବାର ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ୨୮ ଜଣଙ୍କ ମଧ୍ୟରୁ ୨୦ ଜଣ ପର୍ଯ୍ୟଟକ ମହାରାଷ୍ଟ୍ରରେ ଅବସ୍ଥାପିତ ହୋଇଛନ୍ତି। ବାକି ୮ ଜଣ କେରଳର ବିଭିନ୍ନ ସ୍ଥାନରୁ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ମଙ୍ଗଳବାର ସକାଳ ୮.୩୦ରେ ଏହି ପର୍ଯ୍ୟଟକମାନେ ଉତ୍ତରାକାଶୀରୁ ଗଙ୍ଗୋତ୍ରୀ ଯାତ୍ରା କରିଥିଲେ ଓ ରାସ୍ତାରେ ହିଁ ଭୂସ୍ଖଳନ ହୋଇଥିଲା। ଏହାପରଠାରୁ ସେମାନଙ୍କ ସହିତ କୌଣସି ଯୋଗଯୋଗ ହୋଇପାରିନାହିଁ। ହରିଦ୍ୱାରର ଏକ ଟ୍ରାଭେଲ ଏଜେନ୍ସି ପର୍ଯ୍ୟଟକଙ୍କ ପାଇଁ ୧୦ ଦିନିଆ ଯାତ୍ରାର ବ୍ୟବସ୍ଥା କରିଥିଲା ସେମାନଙ୍କ ପରିବାର ତରଫରୁ କୁହାଯାଇଛି। ଉତ୍ତରାଖଣ୍ଡରେ ବୁଧବାର ହୋଇଥିବା ପ୍ରବଳ ବର୍ଷାରେ ପୋଡି ଜିଲ୍ଲାର ବୁରାଁସୀ ଗାଁରେ ଜଣେ ମହିଳା ମାଟି ତଳେ ଦବିଯାଇ ପ୍ରାଣ ହରାଇଛନ୍ତି। ୫ ଜଣ ନେପାଳୀ ଶ୍ରମିକ ମଧ୍ୟ ଭାସି ଯାଇଥିବା ସୂଚନା ମିଳିଛି।





# ପ୍ରାକୃତିକ ବିପର୍ଯ୍ୟୟ ମୁହଁରେ ଉତ୍ତରକାଶୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ମଙ୍ଗଳବାର ହୋଇଥିବା ବାଦଲ ଫଟା ବର୍ଷା ପ୍ରଳୟଙ୍କାରୀ ବନ୍ୟା ଆଣିବା ସହ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଅଚାନକ ଆସିଥିବା ବନ୍ୟାରେ ହର୍ଶଲି ନିକଟସ୍ଥ ଧରାଲୀ ଗ୍ରାମ୍ ସମ୍ପୂର୍ଣ୍ଣ ରୂପେ ଭାସି ଯାଇଛି। ଏହି ମହା ବିପର୍ଯ୍ୟର ଭୌଗଳିକ କାରଣ ନେଇ ଆଲୋଚନା କରିବା

**କ୍ଷେତ୍ରର ଭୌଗଳିକ ସ୍ଥିତି:** ପ୍ରଭାବିତ ଏହି କ୍ଷେତ୍ର ଗରୱାହଲ ହିମାଳୟର ଗହୀରରେ ଅବସ୍ଥିତ। ପାହାଡୀ ଗଡ଼ାଣୀ, ଅସ୍ଥିର ପାର୍ବତ୍ୟ ଚଟାଣ ଓ ହିମ ପ୍ରବାହ ଆସୁଥିବା ନଦୀଗୁଡିକର ଜାଲ ମଧ୍ୟରେ ଏହି କ୍ଷେତ୍ର ରହିଛି। ତେଣୁ ଏହିଭଳି ଭୌଗଳିକ ସ୍ଥିତି ଧରାଲୀ ସମେତ ହର୍ଶୀଲ ଓ ଗଙ୍ଗୋତ୍ରୀ ଭଳି ସ୍ଥାନଗୁଡିକରେ ଭୂସ୍ଖଳନ, ଅଚାନକ ବନ୍ୟା, କାଦୁଅ ଓ ଅବଶେଷ ଧାରକୁ ଡାକିଆଣିଥାଏ। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ଭଳି ନଦୀ ଏହି ରାଜ୍ୟରୁ ଉତ୍ପତ୍ତି ହେବା ସହ ପତଳା ଉପତ୍ୟାକା ଦେଇ ଗତି କରୁଛି। ଏହି ନଦୀଗୁଡିକରେ ହିମ ପ୍ରବାହ ମଧ୍ୟ ହୋଇଥାଏ। ବର୍ଷା ଦିନରେ ଏହ ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି। ବ୍ୟାପକ ଭାବେ ଜଙ୍ଗଲ କଟାଯିବା, ରାସ୍ତା ନିର୍ମାଣ ଓ ଅନିୟନ୍ତ୍ରିତ ବିକାଶ ହିଁ ଏହି ଅଞ୍ଚଳର ଭୌଗଳିକ ସନ୍ତୁଳନକୁ ବିଗାଡିବା ସହ ବିପର୍ଯ୍ୟୟକୁ ଡାକିଆଣୁଛି।

**ଭାଗୀରଥୀ ନଦୀର ସ୍ରୋତ ଓ ଉତ୍ସ:** ଭାଗୀରଥୀ ନଦୀ ଗଙ୍ଗୋତ୍ରୀ ହିମପ୍ରବାହର ଉତ୍ସ ଗୋମୁଖରୁ ବାହାରିଛି। ଏହି ନଦୀ ଉତ୍ତରକାଶୀ ଜିଲ୍ଲାର ୪, ୦୦୦ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ତେଣୁ ଏହି ନଦୀ ବର୍ଷା ଦିନ ବିପଜ୍ଜନକ ହୋଇଥାଏ। ଏଠାରୁ ଭାଗୀରଥୀ ଗଙ୍ଗୋତ୍ରୀ, ହର୍ଶୀଲ, ଉତ୍ତରକାଶୀ ଓ ତେହରୀ ଦେଇ ପ୍ରବାହୀତ ହେଉଛି। ପୁଣି ଜଦ୍ଧ ଗଙ୍ଗା, କେଦାର ଗଙ୍ଗା, ଭିଲାଙ୍ଗ ଭଳି ସାଖା ନଦୀକୁ ସହ ମିଶି ଭାଗୀରଥୀ ଦେବପ୍ରୟାଗଠାରେ ଅଳକାନନ୍ଦା ସହ ମିଶି ଗଙ୍ଗାନଦୀ ସୃଷ୍ଟି କରୁଛି। ଗଙ୍ଗାକୁ ଅଳକାନନ୍ଦା ଅଧିକ ଦଳ ଦେଇଥିଲେ ମଧ୍ୟ ଭାଗୀରଥୀ ଗଙ୍ଗାର ମୁଖ୍ୟ ତଥା ପବିତ୍ର ଉଦ୍‌ଗମ ସ୍ଥଳ ବିବେଚିତ ହେଉଛି। ବର୍ଷା ଦିନେ ମୌସୁମୀ ପ୍ରବାହରୁ ଏହି ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି।

**ଧରାଲୀର ଗଙ୍ଗୋତ୍ରୀ ନିକଟତା:** ଧରାଲୀ ଗାଁ ସମୁଦ୍ର ପତନଠାରୁ ୨, ୬୮୦ମି. ଉଚ୍ଚରେ ଭାଗୀରଥୀ କୂଳରେ ଓ ଦେବଦାରୀ ଓ ପାଇନ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଏହା ଜାତୀୟ ରାଜପଥ- ୧୦୮ (ଗଙ୍ଗୋତ୍ରୀ ରୋଡ) ପାଖରେ ଅବସ୍ଥିତ। ଏହା ହର୍ଶୀଲଠାରୁ ୬ କିମି ଓ ଗଙ୍ଗୋତ୍ରୀଠାରୁ ୧୪ କିମି ପୂର୍ବରେ ରହିଛି। ପୁଣି ଜିଲ୍ଲା ମୁଖ୍ୟାଳୟ ଧରାଲୀଠାରୁ ୮୦ କିମି ଦୂରରେ ରହିଛି। ଗଙ୍ଗୋତ୍ରୀ ନିକଟତା ମଧ୍ୟ ବିପର୍ଯ୍ୟୟର ଅନ୍ୟଏକ କାରଣ ବୋଲି କୁହାଯାଇପାରେ। ହର୍ଶୀଲ ଡେରାଡୁନ୍‌ଠାରୁ ୨୦୦ କିମି ଦୂରରେ ଅବସ୍ଥିତ।

**ଭାଗୀରଥୀ ସମେତ ଅନ୍ୟ ହିମାଳୟ ନଦୀର ଉତ୍ସ:** ଭାଗୀରଥୀ ସମେତ ହିମାଳୟର ଅନ୍ୟ ନଦୀ ସବୁ ଏହି ଉତ୍ତରାଖଣ୍ଡରୁ ସୃଷ୍ଟି ହୋଇଛି। ପୁଣି କେତୋଟି ଗ୍ଲାସିଏର ତଥା ହିମ ପ୍ରବାହ ମଧ୍ୟ ଏଠରେ ରହିଛି। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ପିଣ୍ଡାର ନଦୀ ବିଭିନ୍ନ ବିଭିନ୍ନ ହିମ ପ୍ରବାହରୁ ସୃଷ୍ଟି ହୋଇଛି। ଏହି ସବୁ ନଦୀ ଚିରସ୍ରୋତା ଅର୍ଥାତ ବାରମାସୀ। କିନ୍ତୁ ମୌସୁମୀରେ ଏହି ନଦୀଗୁଡିକର ଜଳ ପତନ ଅଶାତୀତ ବୃଦ୍ଧି ପାଇଥାଏ ଓ ଭୟଙ୍କର ରୂପ ଧାରଣ କରିଥାଏ। ତେଣୁ ଉତ୍ତରକାଶୀର ବିଭିନ୍ନ ସ୍ଥାପ ପ୍ରତି ବିପଦ ସୃଷ୍ଟି ହୋଇଥାଏ।

## ୨୦୧୩, ୨୦୨୧ ଆସିଥିଲା ପ୍ରଳୟଙ୍କରୀ ବନ୍ୟା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡରେ ବର୍ଷା ଦିନେ ପ୍ରଳୟଙ୍କାରୀ ବନ୍ୟା ଆସିଥାଏ। ୨୦୧୩ରେ କେଦାରନାଥରେ ଓ ୨୦୨୧ରେ ରିଷିଗଙ୍ଗାରେ ବନ୍ୟା ଯୋଗୁଁ ପ୍ରଳୟ ଆସିଥିଲା। କେଦାରନାଥ ବନ୍ୟାରେ ଜୁନ୍ ୧୫ରୁ ୧୭ ମଧ୍ୟରେ ହୋଇଥିଲା। ଏହି ପ୍ରଳୟଙ୍କାରୀ ବନ୍ୟାରେ ୫, ୭୦୦ରୁ ୬, ୦୦୦ ଲୋକ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ସେହିପରି ୨୦୨୧ ଫେବୃଆରୀ ୭ରେ ନନ୍ଦାଦେବୀ ହିମପ୍ରବାହର ଭାଙ୍ଗିବା ଓ ବାଦଲ ଫଟା ବର୍ଷା ଫଳରେ ବନ୍ୟା ଆସିଥିଲା। ଏହି ବିପର୍ଯ୍ୟୟରେ ୨୦୦ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ଅନୁମାନ କରାଯାଉଛି। ଏହି ଦୁଇଟି ବନ୍ୟାରେ ବିପୁଳ କ୍ଷୟକ୍ଷତି ହେବା ସହ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ନିଖୋଜ ହୋଇଥିଲେ।

## ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି; ସଂସଦ ମୁଲତବୀ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ସଂସଦରେ ମୌସୁମୀ ଅଧିବେଶନ ଚାଲିଥିବା ବେଳେ ବୁଧବାର ଥିଲା ଏକାଦଶ ଦିବସ। ଅଧିବେଶନରେ ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି ରହିଥିଲା। ଫଳରେ ରାଜ୍ୟସଭା ଓ ଲୋକସଭା ବୁଧବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରହିଛି। ପୋର୍ଟ, ସିପିଂ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ବୁଧବାର ଲୋକସଭାରେ ମର୍ଚ୍ଚାଣ୍ଟ ସିପିଂ ବିଲ୍ ଉପସ୍ଥାପନ କରିଥିଲେ। ବିରୋଧୀ ଦଳଗୁଡିକର ହଙ୍ଗାମା ମଧ୍ୟରେ ଏହି ବିଲ୍ ପାରିତ ହୋଇଥିଲା। କିନ୍ତୁ ଗୃହ ଆରମ୍ଭ ହେବା ମାତ୍ରେ ସକାଳେ ଦୁଇ ଗୃହରେ ବିରୋଧୀ ଦଳ ସଦସ୍ୟମାନେ ବିହାର ଭୋଟର ଲିଷ୍ଟ ଭେରିଫିକୋସନ ମାମଲାକୁ ନେଇ ହଙ୍ଗାମା ଆରମ୍ଭ କରିଥିଲେ। ଏଥିସହ ବରୋଧୀ ଦଳ ନେତାମାନେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଓ ନ୍ୟାସନାଲ ଆଣ୍ଟି ଡୋପିଂ (ବିଧେୟକ)-୨୦୨୫କୁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି (ଜେପିସି) କୁ ପଠାଇବାକୁ ଦାବି କରିଥିଲେ। ଅନ୍ୟପଟେ ରାଜ୍ୟ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଉପ- ସଭାପତି ହରିବଂଶ ନାରାୟଣ ସିଂଙ୍କୁ ଚିଠି ଲେଖି ବିହାର ଏସ୍‌ଆଇଆର୍ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ରାଜ୍ୟସଭାରେ ମଣିପୁରରେ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନକୁ ୬ ମାସଠାରୁ ଅଧିକ କରିବାକୁ ସହମତି ପ୍ରକାଶ ପାଇଥିଲା। ଲୋକସଭାରେ ଗୋଆ ରାଜ୍ୟ ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜାତିଗୁଡିକର ପ୍ରତିନିଧିତ୍ୱକୁର ପୁନଃ ସମାୟୋଜନ ବିଧେୟକ ତଥା ରିଆଡଜଷ୍ଟମେଣ୍ଟ ବିଲ୍- ୨୦୨୪ ମଧ୍ୟ ପାରିତ ହୋଇଥିଲା। ଏପର୍ଯ୍ୟନ୍ତ ସଂସଦରେ ୧୨ ଦିନ ମଧ୍ୟରୁ ମାତ୍ର ୨ ଦିନ ଚର୍ଚ୍ଚା ହୋଇଛି।

## କିଛି ନ ଜାଣି ଦୋଷ ଲଗାଉଛନ୍ତି ଟ୍ରମ୍ପ: ରୁଷ୍‌ଠୁ ଆମେରିକ କ'ଣ କିଣୁଛି ଜଣାନାହିଁ

ୱାଶିଂଟନ, ୬।୮ (ଏଜେନ୍ସି): ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ କ୍ରମାଗତ ଭାବେ ଧମକ ଦେଇ ଚାଲିଛନ୍ତି। ରୁଷ ସହ ବେପାର ବନ୍ଦ ନ କଲେ ଅଧିକ ଶୁଳ୍କ ଲଗାଇବେ ବୋଲି କହିଛନ୍ତି। ଭାରତ ପରୋକ୍ଷରେ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। କିନ୍ତୁ ଭାରତର ଅପ୍ରତ୍ୟାଶିତ ଜବାବକୁ ଆମେରିକା ସମ୍ଭାଳି ପାରିନାହିଁ। ଭାରତକୁ ଦୋଷ ଲଦୁଥିବା ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷ୍ ସହ କାରବାର ଜାରି ରଖିଛନ୍ତି। ଆମେରିକା ମସ୍କୋଠାରୁ ୟୁରାନିୟମ ହେକ୍ସାଫ୍ଲୋରାଇଡ, ସାର ଏବଂ ରାସାୟନିକ ସାମଗ୍ରୀ ମଗାଉଛି ବୋଲି ଭାରତ କହିଛି। କିନ୍ତୁ ଭାରତ ବିରୋଧରେ ଅଭିଯୋଗ ଲଗାଉଥିବା ଆମେରିକା ରାଷ୍ଟ୍ରପତି ନିଜ ଦେଶ ରୁଷଠାରୁ କ'ଣ କ୍ରୟ କରୁଛି ତାହା ଜାଣିନାହାନ୍ତି। ଏ ବିଷୟରେ ସାମ୍ବାଦିକମାନେ ଆଜି ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲା। ନିଜେ ରୁଷ୍ ସହ ବ୍ୟାବସାୟୀକ ସମ୍ପର୍କ ରଖି ଅନୁଚିତ ଭାବେ ଭାରତ ଉପରେ ଆମେରିକା ଦୋଷ ଲଦୁଥିବା କଥା ପଚାରି ଥିଲେ। ମସ୍କୋରୁ ୟୁରାନିୟମ, ସାର ଆଦି ଆଣୁଥିବା ପ୍ରଶ୍ନ କରିବାରୁ ତାଙ୍କ ପାଖରେ ଏହାର ସୂଚନା ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏହାର ଯାଞ୍ଚ କରାଇବାକୁ ପଡ଼ିବ ବୋଲି କହିଛନ୍ତି।

ଏହା ପୂର୍ବରୁ ମଙ୍ଗଳବାର ରୁଷ ସହ ବ୍ୟବସାୟ ନେଇ ଆମେରିକା କରିଥିବା ଅଭିଯୋଗର ଜବାବ ଦେଇଥିଲା ଭାରତୀୟ ବିଦେଶ ମନ୍ତ୍ରାଳୟ। ଆମେରିକା କମ୍ପାନୀଗୁଡିକ ମସ୍କୋ ସହ ବ୍ୟବସାୟ ଜାରି ରଖିଥିବାବେଳେ ଭାରତକୁ ଦୋଷ ଦେବା ଅନୁଚିତ ଏବଂ ଅଯୌକ୍ତିକ ବୋଲି କୁହାଯାଇଥିଲା। ଭାରତ ଏବଂ ଆମେରିକା ମଧ୍ୟରେ ତୈଳ କିଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ମସ୍କୋ ଗସ୍ତରେ ଯାଇଛନ୍ତି। ଏହି ପୂର୍ବ ନିର୍ଦ୍ଧାରିତ ଗସ୍ତରେ ସେ ଦୁଇ ଦେଶର ସମ୍ବନ୍ଧକୁ ଅଧିକ ମଜବୁତ ପାଇଁ ଚର୍ଚ୍ଚା କରିବେ। ଚଳିତ ମାସ ଶେଷରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ମସ୍କୋ ଗସ୍ତରେ ଯାଇପାରନ୍ତି।

## ସିନ୍ଧୁ ନଦୀ ମୁହାଣରେ ୮୦ ପ୍ରତିଶତ ଜଳ ହ୍ରାସ

ଇସ୍‌ଲାମାବାଦ୍, ୬।୮ (ଏଜେନ୍ସି): ପାକିସ୍ତାନର ସବୁଠାରୁ ବଡ଼ ନଦୀ ସିନ୍ଧୁ ନଦୀର ଡେଲ୍ଟା ଅର୍ଥାତ ମୁହାଣ ଅଞ୍ଚଳରେ ଏବେ ଜନଜୀବନ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ନଦୀର ଉପର ଅଞ୍ଚଳରେ ବନ୍ଧ ଓ କେନାଲ ଦ୍ୱାରା ପାଣି ଅଟକାଯିବ ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ସିନ୍ଧୁ ନଦୀ ଡେଲ୍‌ଟାରେ ଜଳ ୮୦ ପ୍ରତିଶତ କମିଛି। ୧୯୫୦ ଦଶକ ପରେ ପ୍ରଥମଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପାଣି ନ ଥିବାରୁ ସମୁଦ୍ର ତଥା ଆରବ ସାଗରରୁ ଲୁଣିଆ ପାଣି ମୁହାଣ ଭିତରକୁ ପସି ଆସିଛି। ଫଳରେ ଏହି ଅଞ୍ଚଳର ସ୍ଥାନ ସବୁ ଲୁଣିଆ ହୋଇଛି। ତେଣୁ ଏଠାରେ ଚାଷବାସ ବନ୍ଦ ହୋଇଯାଇଛି। ଏଠାରେ ମାଛଙ୍କ ସଂଖ୍ୟରେ ଯଥେଷ୍ଟ କମିଛି ଓ କଂକଡା ଅନ୍ୟ ଜନ୍ତୁମାନଙ୍କ ଜୀବନ ବିପନ୍ନ ହୋଇଛି। ପାଣି ଏକପ୍ରକାର ବିଶାକ୍ତ ହୋଇଛି ଓ ଏହି ସ୍ଥାନ ଆଉ ବାସ ଉପଯୋଗୀ ହୋଇ ରହିନାହିଁ। ଏଠାରେ ୮୦ ପ୍ରତିଶତ ଜଳ ପାନୀୟ ଯୋଗ୍ୟ ନୁହଁ ବୋଲି ସିନ୍ଧୁ ସରକାରଙ୍କ ତରଫରୁ କୁହାଯାଇଛି। ଏହି ଡେଲ୍ଟାରେ ଏକଦା ୧୭ ଛୋଟ ଛୋଟ ନଦୀ ବହୁଥିଲା। ସନ୍ତସନ୍ତିଆ ଜମି, ଲୁଣି ଜଙ୍ଗଲ ଓ ମାଛ୍‌ରେ ଭରପୂର ଥିବା କାଦୁଆ ପଡ଼ିଆ ଥିଲା। ଏବେ ଏହାର ମାଟି ଲବଣ ଯୁକ୍ତ ହେବା ସହ ପାଣି ବିଷାକ୍ତ ହୋଇଛି। ସମୁଦ୍ର ଲୁଣି ପାଣି ଏବେ ସମଗ୍ର ଡେଲ୍ଟା ଅଞ୍ଚଳକୁ ପଶି ଆସିଲାଣି। ଗତ ୨୦ ବର୍ଷ ମଧ୍ୟରେ ଏହି ଡେଲ୍ଟ ଅଞ୍ଚଳରେ ଲୋକ ସଂଖ୍ୟା ୧୨ ଲକ୍ଷ କମ୍ ହୋଇଛି। ଏହି ସ୍ଥାନ ଛାଡି ଲୋକେ କରାଚୀ ଭଳି ସହରକୁ ପଳାୟନ କରିଛନ୍ତି। ସିନ୍ଧୁ ନଦୀ ପାଣି ରୋକା ଯାଉଥିବାରୁ ଏହି ଅଞ୍ଚଳରେ ଏକାଧିକବାର ବିରୋଧ ପ୍ରଦର୍ଶନ କରାଯାଇଛି।

## ସାଇବର ଠକଙ୍କ ଜାଲରେ ଓଡ଼ିଶା

# ଦିନକୁ ଲୁଟିନେଉଛନ୍ତି କୋଟିଏ

### ଅଧିକ ଲାଭର ଲୋଭ ଦେଖାଇ ୭ ମାସରେ ନେଇଗଲେଣି ୨୧୫ କୋଟି

ଭୁବନେଶ୍ୱର,୬।୮ (ସମିସ): ବ୍ୟାଙ୍କ ଜମା ଅପେକ୍ଷା ସେୟାର ମାର୍କେଟରେ ପୁଞ୍ଜି ନିବେଶ କଲେ ଅଧିକ ଲାଭ ମିଳିଥାଏ। ତେଣୁ ଅନେକ ଲୋକ ଷ୍ଟକ୍ ମାର୍କେଟରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ହେଲେ ସାଇବର ଠକମାନେ ଏହାର ଭରପୂର୍ ଫାଇଦା ଉଠାଉଛନ୍ତି। ଫେସବୁକ, ହ୍ୱାଟ୍ସଆପ, ଇନ୍‌ଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଉଛନ୍ତି। କେବଳ ଏତିକି ନୁହେଁ; ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଉଛନ୍ତି। ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ପୁଞ୍ଜି ନିବେଶ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଶେଷରେ ବିଭିନ୍ନ ଆଳ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଅଧିକ ଲାଭର ଲୋଭରେ ପଡ଼ି ଲୋକମାନେ ସର୍ବସ୍ୱ ହରାଉଛନ୍ତି। ଦେଶବିଦେଶର ବିଭିନ୍ନ ସ୍ଥାନରୁ ଓଡ଼ିଶାକୁ ଟାର୍ଗେଟ କରି ଏହି ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରିଦେଉଛନ୍ତି। ଜାନୁୟାରୀରେ ୪୧, ଫେବୃୟାରୀରେ ୨୨, ମାର୍ଚ୍ଚରେ ୨୫, ଏପ୍ରିଲରେ ୩୩, ମେ’ରେ ୨୩, ଜୁନରେ ୨୮ ଓ ଜୁଲାଇ ମାସରେ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଗତ ଜାନୁୟାରୀ ଠାରୁ ଜୁଲାଇ ମଧ୍ୟରେ ଅର୍ଥାତ୍ ୭ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୨୧୫ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀ ମାସରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। କେବଳ ଗତ ଜୁଲାଇ ମାସରେ ରାଜ୍ୟରୁ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଏହାରି ଭିତରେ ରାଜ୍ୟର ପ୍ରାୟ ୨୭ ହଜାର ୭୦୬ ଜଣ ଲୋକ ସାଇବର ଠକେଇର ଶିକାର ହେଲେଣି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ୧୩୦ରୁ ଅଧିକ

### ତାଲିମ ସତ୍ତ୍ୱେ ପୁଲିସର ରଣକୌଶଳ ଫେଲ୍ ସଫଳତା ହାର ନଗଣ୍ୟ

ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏରୁ ଅଧିକ ଟଙ୍କା ଲୁଟି ନେଉଥିବା କଥା ସ୍ପଷ୍ଟ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ପୁଲିସର ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ପୁଲିସ ବିଭାଗର କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ହାତଗଣତି



କେତୋଟି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ ରହୁଛି।

ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରର ବରିଷ୍ଠ ନାଗରିକ ଦିଗନ୍ତ କେଶରୀ ପଟ୍ଟନାୟକଙ୍କ ହ୍ୱାଟ୍ସଆପକୁ ପୁଞ୍ଜି ବଜାରରେ ନିବେଶ କରିବା ଲାଗି ଏକ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ଶ୍ରୀ ପଟ୍ଟନାୟକ ଏକ ଅଜଣା ଗ୍ରୁପରେ ଯୋଡ଼ି ହୋଇ ଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିସହିତ ଉକ୍ତ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କଲେ ଭଲ ଲାଭ ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ଦିଗନ୍ତ ମଧ୍ୟ ସେମାନଙ୍କ କଥାରେ ପଡ଼ି ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ଆଶାନୁରୂପ ଲାଭ ମିଳିବା ପରେ ଦିଗନ୍ତ ଲୋଭରେ ପଡ଼ି ଅଧିକ ଟଙ୍କା ନିବେଶ କରିଥିଲେ। ଗତବର୍ଷ ଅଗଷ୍ଟ ମାସରେ ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ନିବେଶ ଶେଷରେ ୪୯ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ନିବେଶରୁ ମିଳୁଥିବା ଲାଭାଂଶ ମଧ୍ୟ ଆପର ୱାଲେଟରେ ଦେଖାଉଥିଲା। ହେଲେ ନିକଟରେ ଦିଗନ୍ତ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ସାଇବର ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ଆହୁରି ୬ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦିଗନ୍ତଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପକୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର ହେଲ୍ପ ଡେସ୍କ୍ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## ଭିଜିଲାନ୍‌ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

କେନ୍ଦୁଝର,୬।୮ (ସମିସ): ବୁଧବାର ମଧ୍ୟାହ୍ନ ସମୟରେ କେନ୍ଦୁଝର ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟରେ ସହକାରୀ ରେକର୍ଡ ରକ୍ଷକ ୩ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଅଧିକାରୀ ହାଡିବନ୍ଧୁ ବେହେରାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖାଯାଇଛି।



ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଚିନାମଳିପଶି ଗ୍ରାମର ସୁଶୀଳ ମହାନ୍ତ ବିବାଦୀୟ ପୈତୃକ ଜମି ସମ୍ବନ୍ଧରେ ପ୍ରମାଣିତ କପି ପ୍ରଦାନ କରିବା ପାଇଁ ଜୁଲାଇ ୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୂବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସେ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ମାଧ୍ୟମରେ ଆବେଦନ କରିଥିଲେ। ଅଭିଯୁକ୍ତ ହାଡିବନ୍ଧୁ ବେହେରାଙ୍କୁ ଉପରୋକ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ। ଶ୍ରୀ ବେହେରା ଅଭିଯୋଗକାରୀଙ୍କଠାରୁ କାଗଜପତ୍ର ଯୋଗାଇବା ପାଇଁ ପ୍ରଥମେ ୩ ହଜାର ୪ଶହ ଓ ପରେ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି କରାଯାଇଥିବା ଲାଞ୍ଚ ଟଙ୍କା ନଦେଲେ ଆବଶ୍ୟକ କପି ଦେବାକୁ ମନା କରିଦେଇଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ, ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଏହାସହ ଶ୍ରୀ ବେହେରା ସହ ସମ୍ପୃକ୍ତ ଥିବା ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ ଜାରି ରହିଛି। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ମାମଲା ନଂ ୦୮/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରିଛି।

## ରରୁଆଁ ଥାନା ଏଏସ୍‌ଆଇ ଟଙ୍କା ଲାଞ୍ଚ ନେଉଥିବା ଭିଡିଓ ଭାଇରାଲ

ଶୁକୃଳି,୬।୮ (ସମିସ): ଦିନଦ୍ୱିପହରେ ଖୋଲାଖୋଲି ଲାଞ୍ଚ ନେଉଥିବା ରରୁଆଁ ଥାନାର ଜଣେ ଏଏସ୍‌ଆଇଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନାର ଏଏସଆଇ ମୀନକେତନ ପ୍ରଧାନ। ଜଣେ ବ୍ୟକ୍ତିଙ୍କ ବାଇକ୍ ଥାନାରୁ ଛାଡ଼ିବା ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଅନ୍ୟ ଜଣେ ଯୁବକ ଏହାକୁ ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ତେବେ ଏଏସଆଇ ଶ୍ରୀ ପ୍ରଧାନ ଭିଡ଼ିଓରେ ପଚାରୁଛନ୍ତି ଯେ, ଏହା ଚୋରି ଗାଡ଼ି ନୁହଁ ତ ? ପରେ ସେ ସଂପୃକ୍ତ ବ୍ୟକ୍ତିଙ୍କ ପାଖରୁ ଟଙ୍କା ନେଉଥିବା ଭିଡିଓ ରେକର୍ଡିଂ ହୋଇଛି। ଏହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଭାଇରାଲ୍ ଭିଡିଓ ବାବଦରେ ରରୁଆଁ ଥାନା ଅଧିକାରୀ ଅନାଦି ପଟ୍ଟାୟତଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ସଂପର୍କରେ ଜାଣିବା ପରେ ତାଙ୍କ ବିରୋଧରେ ଏସପିଙ୍କୁ ଅବଗତ କରିଛନ୍ତି ବୋଲି କହିଛନ୍ତି। ସେହିପରି ଲାଞ୍ଚ ନେଉଥିବା ଏଏସ୍‌ଆଇ ମିନକେତନ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତେଣୁ ଏସପିଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି।

## ନୂଆଦିଲ୍ଲୀରେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଅଧିକ ଚାଉଳ ଉଠାଇବାକୁ ଅନୁରୋଧ

ଭୁବନେଶ୍ୱର,୬।୮ (ସମିସ): ନୂଆଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟର ଦାବି ଉପସ୍ଥାପନ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏଥିରେ ହସ୍ତକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଅନୁରୋଧ କରିଛନ୍ତି । ଏହା

### ମହାନଦୀ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା

ସହ ଆଗାମୀ ଖରିଫରେ ବଳକା ଧାନକୁ ଦୃଷ୍ଟିରେ ରଖି ଚାଉଳ ସଂଗ୍ରହ ଲକ୍ଷ୍ୟକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସେହିପରି ମହାନଦୀ ଜଳବିବାଦ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କ ସହ ଆଲୋଚନା ସହ କରିଥିବା ନେଇ ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହି ଦୁଇଟି ପ୍ରସଙ୍ଗ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର କେତେ ଗୁରୁତ୍ୱ ଦେଉଛନ୍ତି, ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଏହି ଗସ୍ତ ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା



ଓ ଭାରିଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ସାକ୍ଷାତ କରିଥିଲେ ହେଁ ଉଭୟ ନେତାଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ ନିଜର ପୂର୍ବ ସ୍ୱଭାବ ଛାଡ଼ି ପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଖରିଫ ଏବଂ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଉ ନଥିବା ବେଳେ ଏହା ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ପହଞ୍ଚାଇବ ବୋଲି ଖୋଦ୍ ରାଜ୍ୟ ସରକାର ଆଶଙ୍କା କରୁଛନ୍ତି। ଏନେଇ ପୂର୍ବରୁ ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ବଳକା ଚାଉଳ ଉଠାଇବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ଏନେଇ ବିଶେଷ ଦୃଷ୍ଟି ଦେଇନଥିବା ବେଳେ ଗତ ୨୮ ତାରିଖରେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସମାନ ଦାବି ଦୋହରାଇଥିଲେ। ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି। ତେଣୁ ଏହାକୁ ତ୍ୱରାନ୍ୱିତ କରିବାକୁ ଦାବି ଜଣାଇଥିଲେ ଶ୍ରୀ ସିଂହଦେଓ। ଆଜି ମୁଖ୍ୟମନ୍ତ୍ରୀ ପୁଣିଥରେ ଚାଉଳ ଉଠାଣ ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି ପାଇଁ ଦାବି କରିବା ସହ ଏଫସିଆର ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ଦାବି କରିଛନ୍ତି।

## ନିଯୁକ୍ତି ପାଇଁ ବିଭାଗ ଚିଠିକୁ ପୂରିଲାଣି ବର୍ଷେ

# ତଥାପି ପୂରଣ ହେଲାନି ୫୪୪୩ ଜିଆରଏସ ପଦ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା ହୁଗୁଳିବାରେ ଲାଗିଛି। ଗୋଟିଏ ପଟେ ଉନ୍ନୟନମୂଳକ କାମ ଠପ୍ ହୋଇ ପଡ଼ିଥିବା ବେଳେ ସରକାର ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ। ରୋଜଗାର ସହାୟକ(ଜିଆରଏସ) ନିଯୁକ୍ତି ଏହାର ଜ୍ୱଳନ୍ତ

### ମନରେଗା କାମ ଠପ୍, ଉନ୍ନୟନ କାମ ବାଧାପ୍ରାପ୍ତ

ଉଦାହରଣ। ପ୍ରାୟ ବର୍ଷେରୁ ଅଧିକ ହେଲାଣି ରାଜ୍ୟର ୫୪୪୩ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ପଡ଼ିଥିଲେ ହେଁ ଏହାକୁ ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜିଆରଏସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ରୋଜଗାର ସୁରକ୍ଷା କ୍ଷେତ୍ରରେ ଏହି ଯୋଜନା ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଆସିଛି। ତେବେ ସରକାର ଏହି ପଦବୀଗୁଡ଼ିକ ପୂରଣ ନ କରି ସେମାନଙ୍କର ଜୀବନ, ଜୀବିକାକୁ ବିପନ୍ନ କରିଛନ୍ତି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ପୂର୍ବରୁ ଗ୍ରାମାଞ୍ଚଳରେ ଜିଆରଏସ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ପ୍ରଦାନ ପରେ ଆଉ ଜିଆରଏସ୍ ନିଯୁକ୍ତି ହୋଇନାହିଁ। ଜିଆରଏସମାନଙ୍କୁ ସାଧରଣତଃ ମାସିକ ୭୦୦୦ ଟଙ୍କା ହିସାବରେ ଦରମା ପ୍ରଦାନ ମିଳିଥାଏ। କେନ୍ଦ୍ର ସରକାର ଏହି ଦରମା ଅର୍ଥ ପ୍ରଦାନ କରୁଥିବା ବେଳେ ଏ ବାବଦରେ ଓଡ଼ିଶା ୫୦ କୋଟି ଟଙ୍କାର ରାଜସ୍ୱ ପାଇଥାଏ। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବାରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମ ସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜିଆରଏସଙ୍କ ଉପରେ ନ୍ୟସ୍ତ ଥାଏ। ପଞ୍ଚାୟତ ବିକାଶରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସେମାନଙ୍କ ନିଯୁକ୍ତିକୁ ବର୍ଷାଧିକ କାଳ ବିଳମ୍ବ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜିଆରଏସ ପଦବୀ ପୂରଣ ପାଇଁ ଗତ ବର୍ଷ ଅଗଷ୍ଟ ପହିଲାରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ସଂଖ୍ୟାଧିକ ଜିଆରଏସ ପଦବୀ ଖାଲି ଥିବାରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟନ୍ୱୟନ ପ୍ରଭାବିତ ହେଉଥିବା ନେଇ ସେ ଚିଠିରେ ଉଦବେଗ ପ୍ରକାଶ ମଧ୍ୟ କରିଥିଲେ। ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ଲୋହାନୀ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପଦବୀ ପୂରଣ କରିବାକୁ ସାଧାରଣରେ ଦୃଢ଼ ଦାବି କରାଯାଇଛି।

# ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟର ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ରହିବ ଓଡ଼ିଆ ନାମଫଳକ। ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନେ ନିଶ୍ଚିତ ଭାବେ ସେମାନଙ୍କ ସାଇନ ବୋର୍ଡ ବା ନାମଫଳକର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷାର ଲିପି ବ୍ୟବହାର କରିବେ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପ୍ରତ୍ୟେକ ଦିନ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ। ବୁଧବାର ଏ ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଆରେ ନାମଫଳକ

- ମାନିଲେ ପ୍ରୋତ୍ସାହନ, ନ ମାନିଲେ ଜରିମାନା
- ନାମଫଳକ ସଂଶୋଧନ ପାଇଁ ୫୫ ଦିନର ସମୟ

ଲେଖିଥିବା ଦୋକାନ ମାଲିକଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ନିର୍ଦ୍ଦେଶନାମା ଅନୁସାରେ, ଅନୁପାଳନକାରୀଙ୍କୁ ଆଗାମୀ ଟ୍ରେଡ୍ ଲାଇସେନ୍ସ ନବୀକରଣ ସମୟରେ ଦେୟର ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ନିର୍ଦ୍ଦେଶନାମା ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନମାନଙ୍କୁ ନୋଟିସ ଦିଆଯାଇ ନାମଫଳକ ସଂଶୋଧନ ପାଇଁ ୫୫ ଦିନ ମହଲତ ଦିଆଯିବ। ତେବେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଟଙ୍କା (ପାଞ୍ଚଶହ ଟଙ୍କା ମାତ୍ର) ଜରିମାନା ଲାଗୁ ହେବ।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଜ ନିଜ ନାମଫଳକରେ ଓଡ଼ିଆ ଭାଷା ଲିପିକୁ ପ୍ରାଧାନ୍ୟ ଦେବାକୁ ନିଶ୍ଚିତ କରିବେ। ପୌର ସଂସ୍ଥାଗୁଡ଼ିକ ଟ୍ରେଡ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଯାଞ୍ଚ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେଷକରି ନିର୍ଦ୍ଦେଶର ପରିପାଳନ ସୁନିଶ୍ଚିତ କରିବେ। ନିର୍ଦ୍ଦେଶର ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା

ଭୁବନେଶ୍ୱର,୬।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଏଥିପାଇଁ ଗତ କିଛି ଦିନ ହେବ ରାଜ୍ୟରେ ଆଖିଦୃଶିଆ ଭାବେ ବର୍ଷାର ପ୍ରଭାବ କମିଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ଧାରା ଜାରି ରହିବାର ସମ୍ଭାବନା ରହିଛି। ମାତ୍ର ଗୁରୁବାର ଓ ଶୁକ୍ରବାର ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ଆଶଙ୍କା କରାଯାଉଛି। ଗୁରୁବାର ଦକ୍ଷିଣ ବଂଲାଦେଶ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ବର୍ଷା ନେଇ ଆକଳନ କରାଯାଉଛି। ଏଥିପାଇଁ ଗୁରୁବାର କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁରରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅବଶିଷ୍ଟ ଅଞ୍ଚଳରେ ପାଗ ଶୁଖିଲା ରହିବାକୁ ଥିବାବେଳେ କିଛି ସ୍ଥାନରେ କୋହଲା ପାଗର ଆଶଙ୍କା କରାଯାଉଛି। ଆସନ୍ତା ୧୩ ତାରିଖ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ରାଜ୍ୟରେ ପୁଣି ମୌସୁମୀ ସକ୍ରିୟ ହୋଇ ଭଲ ବର୍ଷା କରାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ସବୁ ସରକାରୀ କୋଠାର ରଙ୍ଗ ବଦଳିବ

ଭୁବନେଶ୍ୱର,୬।୮ (ସମିସ): ସରକାରୀ କୋଠାଗୁଡ଼ିକରେ ରଙ୍ଗ ପରିବର୍ତ୍ତନ ପାଇଁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମାରେ ରାଜ୍ୟର ସମସ୍ତ ନୂତନ ସରକାରୀ କୋଠା ଓ ମରାମତି ସମୟରେ ପୁରୁଣା କୋଠାଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ କରିବାକୁ କୁହାଯାଇଛି। ଗତବର୍ଷ ଅକ୍ଟୋବର ମାସରେ ସରକାରଙ୍କ ପକ୍ଷରୁ ସମାନ ନିର୍ଦ୍ଦେଶନାମା ଜାରି କରାଯିବା ସହିତ ସରକାରୀ କୋଠାଗୁଡ଼ିକର ଗେରୁଆ ରଙ୍ଗ କରିବାକୁ ସବୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ନୂଆ ସରକାର ଗଠନ ପରଠାରୁ ବିଭିନ୍ନ ସରକାରୀ କୋଠା, ବସ୍, ସ୍କୁଲ୍ ପୋଷାକ, ନାମ ଫଳକ ଏମିତି କି କ୍ଷୀର ପ୍ୟାକେଟ୍ ଆଦିର ରଙ୍ଗ ବଦଳାଇବା ପ୍ରକ୍ରିୟା ଜାରି ରହିଛି। ନୂଆ କରି ନିର୍ମାଣ ହୋଇଥିବା ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ଅନ୍ୟ ପ୍ରତିଷ୍ଠାନ ଆଦିର ମଧ୍ୟ ରଙ୍ଗପରିବର୍ତ୍ତନ କରାଯାଉଛି। ଗତ ଅକ୍ଟୋବର ମାସରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ବିଭାଗର ଇଂଜିନିୟରିଂ ମୁଖ୍ୟଙ୍କୁ ଚିଠି ଲେଖାଯାଇ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରଠାରୁ ବାହାର କାନ୍ଥର ରଙ୍ଗ କମଳା ଏବଂ ବର୍ଡର ଲାଲ୍ ରହିଥିଲା। ମାତ୍ର ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଓ ନୂତନ ନିର୍ଦ୍ଦେଶନାମାର ରଙ୍ଗ କୋଡ୍‌ରେ ସାମାନ୍ୟ କିଛି ପରିବର୍ତ୍ତନ ହୋଇଛି। ନୂତନ ନିର୍ଦ୍ଦେଶନାମାରେ ବର୍ଡରରୁ ରେଡ୍ ହଟାଇବାକୁ ନିଷ୍ପତ୍ତି ହୋଇଛି।

### ଆଜି ଜାତୀୟ ହସ୍ତତନ୍ତ ଦିବସ

# ବୁଣାକାର ଓ କାରିଗରଙ୍କ ତଣ୍ଟି ଚିପିଛି ଜିଏସ୍‌ଟି

ଭୁବନେଶ୍ୱର,୬।୮ (ସମିସ): ଗୋଟିଏ ପଟେ ରାଜ୍ୟ ହସ୍ତତନ୍ତକୁ ମିଳିଥିବା ଜିଆଇ ଟ୍ୟାଗ୍ (ଭୌଗୋଳିକ ସଙ୍କେତ) ହସ୍ତତନ୍ତ ଶିଳ୍ପକୁ ଏକ ସକ୍ରିୟ ବଜାର ଯୋଗାଇଥିବା ବେଳେ ଏହି ସାମଗ୍ରୀ ବିକ୍ରି କ୍ଷେତ୍ରରେ ବାଧକ ହୋଇଛି ଜିଏସ୍‌ଟି। ସାମଗ୍ରୀର ମୂଲ୍ୟ ଅନୁସାରେ ୫ ପ୍ରତିଶତ ଓ ୧୨ ପ୍ରତିଶତ ଜିଏସ୍‌ଟି ସରକାର ଆଦାୟ କରୁଥିବାରୁ ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବୁଣାକାର ଓ କାରିଗରଙ୍କୁ କ୍ଷତିଗ୍ରସ୍ତ କରିଛି। ଫଳରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଠାରୁ ମୁହଁ ଫେରାଉଛନ୍ତି ଗ୍ରାହକ। ଫଳରେ ପୁରୁଷ ପୁରୁଷ ଧରି ଏହି ଶିଳ୍ପକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରିଥିବା ବୁଣାକାରଙ୍କ ହସ୍ତତନ୍ତ ଏବେ ଲୋପ ପାଇବାକୁ ବସିଲାଣି।

କୋଟପାଡ଼ ହସ୍ତତନ୍ତ, ସମ୍ବଲପୁରୀ ଇକତ୍, ବମ୍‌କେଇ ଶାଢ଼ୀ ଓ କପଡ଼ା, ଧଳାପଥର ପର୍ଦ୍ଦା ଓ କପଡ଼ା ସାମଗ୍ରୀ, ଖଣ୍ଡୁଆ ଶାଢ଼ୀ, ଗୋପାଳପୁର ଟସର୍, ସମ୍ବଲପୁରୀ ବାନ୍ଧ ଶାଢ଼ୀ ଆଣ୍ଡ ଫ୍ୟାବ୍ରିକ୍, ହବସପୁରୀ ଶାଢ଼ୀ, ବ୍ରହ୍ମପୁରୀ ପାଟ ଶାଢ଼ୀ ଓ ଯୋଡ଼ ଆଦି ୧୦ଟି ହସ୍ତତନ୍ତକୁ ଜିଆଇ ଟ୍ୟାଗ୍ ମିଳିସାରିଛି। ଏହି ହସ୍ତତନ୍ତଗୁଡ଼ିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିଛି। ମାତ୍ର ଯେଉଁମାନେ ହସ୍ତତନ୍ତ ପାଇଁ ନିଜର ପରିଚୟ ସୃଷ୍ଟି କରିଥିଲେ ସେମାନେ ଆଜି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ରାଜ୍ୟରେ ବୁଣାକାରଙ୍କ ସଂଖ୍ୟା ବଢ଼ିବା ବଦଳରେ କମି ଯାଉଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ

- ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ ପାଇଁ ଦାବି କରିଥିଲେ ନବୀନ
- କେନ୍ଦ୍ରକୁ ଲେଖିଥିଲେ ଚିଠି, ଜିଏସ୍‌ଟି ପରିଷଦରେ ହୋଇଥିଲା ଦାବି

ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫ଶହ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ସେହିପରି ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରି ନାହିଁ। କେବଳ ସେତିକି ନୁହେଁ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ମଧ୍ୟ ଗଠନ ବିଳମ୍ବିତ ହୋଇ ଚାଲିଛି।

ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ବିକ୍ରି ଉପରେ ଜିଏସ୍‌ଟି ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । ୧ ହଜାର ଟଙ୍କା ମୂଲ୍ୟର ହସ୍ତତନ୍ତ ସାମଗ୍ରୀ ଉପରେ ୧୨% ଟିକସ ବ୍ୟବସ୍ଥା ରହିଛି ଓ ୧ ହଜାରରୁ କମ୍ ମୂଲ୍ୟ ସାମଗ୍ରୀ ଉପରେ ଟିକସ ରହିଛି ୫% । ଦୁଇ ହଜାର ଟଙ୍କାର କପଡ଼ା କିଣିଲେ ୨୪୦ ଟଙ୍କା ଟିକସ ଦେବା ଅନିବାର୍ଯ୍ୟ। ସେହିପରି ୧୦ ହଜାର ଟଙ୍କାର ପାଟଶାଢ଼ୀଟିଏ କିଣିଲେ ଗ୍ରାହକକୁ ୧୨୦୦ ଟଙ୍କା ଟିକସ ଦେବାକୁ ପଡୁଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଟିକସରୁ ହସ୍ତତନ୍ତ କାରିଗରକୁ ଟଙ୍କାଟିଏ ମିଳୁନାହିଁ । ସେହିପରି ଜିଏସ୍‌ଟି ଯୋଗୁଁ ସାମଗ୍ରୀର ମୂଲ୍ୟ ବୃଦ୍ଧି ଗ୍ରାହକକୁ ହସ୍ତତନ୍ତ ସାମଗ୍ରୀ କିଣାରୁ ବିମୁଖ କରୁଛି। ପୂର୍ବରୁ ନବୀନ ପଟ୍ଟନାୟକ ସରକାର ହସ୍ତତନ୍ତ ଉପରୁ ଜିଏସ୍‌ଟି ଉଠାଇବାକୁ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରିଥିଲେ। ଜିଏସ୍‌ଟି ପରିଷଦ ବୈଠକରେ ମଧ୍ୟ ଓଡ଼ିଶା ଏହି ପ୍ରସଙ୍ଗ ଉଠାଇଥିଲା। ମାତ୍ର କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି । ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ କେନ୍ଦ୍ରକୁ ନିର୍ବାଚିତ ହୋଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଯାହା ରାଜ୍ୟରେ ହସ୍ତତନ୍ତ ଶିଳ୍ପକୁ ରୁଗ୍‌ଣ କରିବାରେ ଲାଗିଛି। ଫଳସ୍ୱରୂପ ଅନେକ ବୁଣାକାର ପରିବାର ପ୍ରତିପୋଷଣ କାଇଁ ରାଜ୍ୟଛାଡ଼ି ବାହାରକୁ ଚାଲିଯାଉଛନ୍ତି। ଖୋର୍ଦ୍ଧା ଧଳାପଥର ପରଦା ବୁଣାକାରଙ୍କ ସଂଖ୍ୟା ଲୋପ ପାଇଗଲାଣି। କଳାହାଣ୍ଡିର ଶହ ଶହ ପରିବାର ହବସପୁରୀ ହସ୍ତତନ୍ତ କାମ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୬ ପରିବାର ଏହାକୁ ବଞ୍ଚାଇ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଓଡ଼ିଶାର ବୁଣାକାରଙ୍କ ପାଇଁ ବିଷେଷ ଉତ୍ସାହଜନକ ମନେ ହେଉନାହିଁ। ତେଣୁ ସରକାର ବୁଣାକାରମାନଙ୍କୁ ସବ୍‌ସିଡି ପ୍ରଦାନ କରିବା ସହ ସେମାନଙ୍କୁ ଉପଯୁକ୍ତ ବଜାରୀକରଣ ସୁବିଧା ଯୋଗାଇଦେବା ଓ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ବୁଣାକାରମାନେ ଦାବି କରିଛନ୍ତି।

## ଫେଲ ମାରିଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

# ହାତରୁ ଖର୍ଚ୍ଚ କରିବାକୁ ଅନିଚ୍ଛୁକ ଗରିବ ହିତାଧିକାରୀ

ଯାଜପୁର/କବାଟବନ୍ଧ,୬।୮ (ସମିସ)



ବିଜୁଳି ବିଲ୍ ହ୍ରାସ ତଥା କମ୍ ପଇସାରେ ବିଜୁଳି ବ୍ୟବହାର ପାଇଁ ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଲୋକ ମାନଙ୍କୁ ସାମିଲ କରିବା ପାଇଁ ଏକ ପ୍ରୟାସ ଆରମ୍ଭ କରିଥିଲେ। ଏହି ଯୋଜନାରେ ସାମିଲ ହୋଇ ୩ ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ବିଲ୍ ମାଗଣା ପାଇ ପାରିବେ ବୋଲି ଘୋଷଣା କରିଥିଲେ। ଅନ୍ୟ ପକ୍ଷରେ ଏହା ପରିବେଶ ସୁରକ୍ଷାରେ ସହାୟକ ହେବା ପାଇଁ ମଧ୍ୟ ଲକ୍ଷ୍ୟ ରହିଛି। ଯୋଜନା ଆରମ୍ଭରୁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଯାଜପୁର ଜିଲ୍ଲାରେ ତାହା ଆଶାନୁରୂପ ଭାବେ ସଫଳ ହୋଇ ପାରିନାହିଁ। ଲୋକମାନଙ୍କୁ ସୁହାଇଲା ଭଳି ଯୋଜନା ହୋଇ ନ ଥିବାରୁ ଏବଂ ଅନ୍ୟାନ୍ୟ କାରଣରୁ ତାହା ଏକ ପ୍ରକାର ଫେଲ ମାରିଛି।

ଯାଜପୁର ଜିଲ୍ଲାରେ ଏହା ଗତ ୧୩ ଫେବୃଆରୀ ୨୦୨୪ ମସିହାରେ ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାର ଏଥିରେ ସବସିଡ୍ ପ୍ରଦାନ କରିବାର ନିୟମ ଆଣିଥିଲେ। ରାଜ୍ୟ ସରକାର ମଧ୍ୟ ଅତିରିକ୍ତ ସବସିଡ ଘୋଷଣା କରିଛନ୍ତି। ଏହା ପରେ ମଧ୍ୟ ଯାଜପୁର ଜିଲ୍ଲାରେ ଏହା ଆଗକୁ ବଢ଼ି ପାରୁ ନାହିଁ। ଜିଲ୍ଲାରେ ମୋଟ ୧୦୯୧ ଜଣ ଏହି ସ୍କିମ୍‌ରେ ସାମିଲ ହେବା ପାଇଁ ଆବେଦନ କରିଥିବା ବେଳେ ଅପ୍ରେଲ ୨୦୨୫ ସୁଦ୍ଧା ମାତ୍ର ୧୧୬ ଜଣ ଏହି ସୁବିଧା ନେଇଛନ୍ତି। ବଡ଼ଚଣା ବ୍ଲକରେ ଏହି ଯୋଜନାରେ ସାମିଲ ହେବା ପାଇଁ ୨୬ ଜଣ ଆବେଦନ କରି ମାତ୍ର ୨ ଜଣ ଉପକୃତ ହୋଇଛନ୍ତି। ବରୀ ବ୍ଲକରେ ୧୧୮ ଜଣ ଆବେଦନ କରି ମାତ୍ର ୧୩ ଜଣ ସାମିଲ ହୋଇଛନ୍ତି। ବିଞ୍ଝାରପୁର ବ୍ଲକରେ ୧୨୮ ଜଣ ଆବେଦନକରି ମାତ୍ର ୫ ଜଣ ସାମିଲ ହୋଇଛନ୍ତି। ଦାନଗଦୀ ବ୍ଲକରେ ୪୫ ଜଣ ଆବେଦନ କରି ମାତ୍ର ୧୩ ଜଣ ଉପକୃତ ହୋଇଛନ୍ତି। ଦଶରଥପୁର ବ୍ଲକରେ ୨୬୦ ଜଣ ଆବେଦନ କରିଥିବା ବେଳେ ମାତ୍ର ୧୭ ଜଣ ସାମିଲ ହୋଇଛନ୍ତି। ଧର୍ମଶାଳା ବ୍ଲକରେ ୧୧୫ ଜଣ ଆବେଦନ କରି ମାତ୍ର ୨୮ ଜଣ ଉପକୃତ ହୋଇଛନ୍ତି। ଯାଜପୁର ବ୍ଲକରେ ୧୦୭ ଜଣ ଆବେଦନ କରି ମାତ୍ର ୮ ଜଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। କୋରେଇ ବ୍ଲକରେ ୧୦୦ ଜଣ ଆବେଦନ କରି ମାତ୍ର ୧୧ ଜଣ ସାମିଲ ହୋଇଛନ୍ତି।ରସୁଲପୁର ବ୍ଲକରେ ୧୧୭ ଜଣ ଆବେଦନ କରି ୧୦ ଜଣ ସୁବିଧା ନେଇଛନ୍ତି। ସୁକିନ୍ଦା ବ୍ଲକରେ ୭୫ ଜଣ ଆବେଦନ କରି ମାତ୍ର ୯ ଜଣ ଏହି ଯୋଜନାରେ ସାମିଲ ହୋଇଛନ୍ତି। ସରକାର ଏଥିପ୍ରତି ସବସିଡ୍ ଘୋଷଣା କରିଥିଲେ ମଧ୍ୟ ତାହା ସାଧାରଣ ଜନତା ଅଥବା ଗରିବ ଲୋକମାନଙ୍କ ପାଇଁ ସହାୟକ ହେଉନାହିଁ। ଯୋଜନାରେ ୧ କିଲୋୱାଟ ଶକ୍ତି ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ କେନ୍ଦ୍ର ସରକାର ୩୦ ହଜାର ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କା ସବସିଡ୍ ପ୍ରଦାନ କରିବେ। ସେହିପରି ୨ କିଲୋୱାଟ କରେଣ୍ଟ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେନ୍ଦ୍ର ସରକାର ୬୦ ହଜାର ଏବଂ ରାଜ୍ୟ ସରକାର ୫୦ ହଜାର ଟଙ୍କା ସବସିଡ ପ୍ରଦାନ କରିବେ। ୩ କିଲୋୱାଟ କରେଣ୍ଟ ପାଇଁ ୧ ଲକ୍ଷ ୮୦ ହଜାର ଟଙ୍କା ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେନ୍ଦ୍ର ସରକାର ୭୮ ହଜାର ଏବଂ ରାଜ୍ୟ ସରକାର ୬୦ ହଜାର ଟଙ୍କା ସବସିଡ ପ୍ରଦାନ କରିବେ। ଉପଭୋକ୍ତାମାନେ ନିଜ ନିଜର ଆବଶ୍ୟକତା ଅନୁସାରେ ଏହା ଚୟନ କରିପାରିବେ। ଉପଭୋକ୍ତା ମାନେ ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଏହା ସ୍ଥାପନା କରିବେ। ପରେ ସରକାର ତାଙ୍କୁ ସବସିଡ୍ ଆକାରରେ ସହାୟତା ପ୍ରଦାନ କରିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିବା ଲୋକମାନେ ଏହାକୁ ସିଧାସଳଖ ଟଙ୍କା ଦେଇ ସ୍ଥାପନ କରିପାରିବେ। ମାତ୍ର ଗରିବ ଲୋକମାନେ ଏତେ ଟଙ୍କା ଆଣିବେ କେଉଁଠୁ ବୋଲି ପ୍ରଶ୍ନ କରିଛନ୍ତି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନେ ଆଗୁଆ ଟଙ୍କା ଦେଇ କେମିତି ଏହାର ସୁବିଧା ନେବେ ତାହା ଏକ ବଡ଼ ପ୍ରଶ୍ନ। ଅନ୍ୟ ପକ୍ଷରେ ସରକାର ଏହାକୁ ବ୍ୟାଙ୍କ ମାଧ୍ୟମରେ ଋଣ କରି ଏହି ସୁବିଧା ଯୋଗାଇ ଦେବାର ପ୍ରାବଧାନ ରଖିଛନ୍ତି। ହେଲେ ବ୍ୟାଙ୍କରୁ ଗରିବ ସାଧାରଣ ଲୋକଟିଏ ଋଣ ଆଣିବା କଷ୍ଟକର ବ୍ୟାପାର। ବ୍ୟାଙ୍କ ଯଦି ଇଚ୍ଛା ପ୍ରକାଶ କରେ ତାହେଲେ ଋଣ ଦେବ, ଅଥବା ମନା କରି ଦେବ। ଏପରି ସ୍ଥଳରେ ଏହି ସୁବିଧାକୁ କେମିତି ନେଇ ଲୋକମାନେ ବିଜୁଳି ବିଲରୁ ମୁକ୍ତି ପାଇବେ ଏବଂ ୩ ଶହ ୟୁନିଟ ବିଜୁଳି ସଞ୍ଚୟ କରି ଲାଭବାନ ହେବେ ଏବଂ ପରିବେଶ ସୁରକ୍ଷାରେ ସହାୟକ ହେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା,୬।୮ (ସମିସ): ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ନୀଳାଦେଇପୁର ଗ୍ରାମର ଅରୁଣ କୁମାର ଗୁରୁ(୪୮)ଙ୍କ ଝୁଲନ୍ତା ମୃତଦେହ ଗତକାଲି ନିଜ ଘରୁ ଉଦ୍ଧାର ହୋଇଛି। ସେ ଆତ୍ମହତ୍ୟା କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଧର୍ମଶାଳା ପୁଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ ନୀଳାଦେଇପୁର ଗ୍ରାମର ଡ୍ରାଇଭର ଗୁରୁଙ୍କ ପୁଅ ଅରୁଣ ଗତକାଲି ଅପରାହ୍ନ ସମୟରେ ନିଜ ରୁମ ବନ୍ଦ କରି ଏକ ଫ୍ୟାନ ହୁକରେ ଗାମୁଛା ସହାୟତାରେ ଝୁଲି ପଡିଥିଲା। ଖବର ପାଇ ପରିବାର ଲୋକେ ସଂଗେ ସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଧର୍ମଶାଳା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ଉତ୍ତେଜନା

ସୁକିନ୍ଦା, ୫।୮ (ସମିସ): ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ନଥିବାରୁ ରୋଗୀ ଶହଶହ ରୋଗୀ ହନ୍ତସନ୍ତ ହୋଇଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ରୋଗୀ ମାନଙ୍କୁ ନେଇ ଆସିଥିବା ଲୋକେ ଉତ୍ତେଜିତ ହୋଇ ଗଣ ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣା ସଂପର୍କରେ କିଛି ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟଦେବ ନନ୍ଦଙ୍କୁ ସୂଚନା ଦେଇଥିଲେ। ଦୀର୍ଘ ସମୟ ଧରି ରୋଗୀ ଅପେକ୍ଷା କରିବା ପରେ ଡାକ୍ତର ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ପାଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ତାଗିଦ୍ କରିବା ସହ ନିରନ୍ତର ରୋଗୀ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀସେବା ବାଧାପ୍ରାପ୍ତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବା କହିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ସରପଞ୍ଚଙ୍କ ଅଭିଯୋଗ

ବିଞ୍ଝାରପୁର,୬।୮ (ସମିସ): ବିଞ୍ଝାରପୁର ବ୍ଲକ ସ୍ଥିତ ମଲ୍ଲୀପୁର - ଚନ୍ଦ୍ରମୁଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମଲ୍ଲିକଙ୍କ ନାମରେ ଅଭିଯୋଗ ଆଣି ବିଇଓଙ୍କୁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପଞ୍ଚାୟତର ସରପଞ୍ଚ ମାନସ ମଲ୍ଲିକ। ଶ୍ରୀ ମଲ୍ଲିକ କହିବା କଥା ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀ ବାରବାର ଛୁଟି ଦରଖାସ୍ତ ଟେବୁଲ ଉପରେ ରଖି ଘରେ ରହୁଛନ୍ତି ବୋଲି ଅଭିଯୋଗ ପାଇଥିଲେ। ଆଜି ଅଚାନକ ଏକ କାର୍ଯ୍ୟରେ ଯାଇ ଫେରୁଥିବା ବେଳେ ବିଦ୍ୟାଳୟକୁ ପ୍ରବେଶ କରି ଦେଖିଲା ବେଳକୁ ପ୍ରଧାନ ଶିକ୍ଷୟିତ୍ରୀ ନାହାନ୍ତି। ସହକାରୀ ଶିକ୍ଷକଙ୍କୁ ପଚାରିବାରୁ ଜାଣିବାକୁ ପାଇଲେ ସେ ଛୁଟିରେ ଅଛନ୍ତି ଏବଂ ତାଙ୍କ ଦରଖାସ୍ତଟି ଟେବୁଲ୍ ଉପରେ ପଡ଼ି ରହିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ, ବିଇଓଙ୍କୁ ଛୁଟି ଦରଖାସ୍ତ ଦେଇ ତାଙ୍କ ଶ୍ୱଶୁରଙ୍କ ଶୁଦ୍ଧିକ୍ରିୟା ପାଇଁ ୨ଦିନ ଛୁଟିରେ ଯାଇଛନ୍ତି ବୋଲି ସେ କହିଥିଲେ। ଛୁଟି ଦରଖାସ୍ତଟିକୁ ଟେବୁଲ ଉପରେ ପାଇ ସରପଞ୍ଚ ଏ ସମ୍ପର୍କରେ ବିଇଓଙ୍କୁ ପଚାରିବାରୁ ସେ ପ୍ରଧାନ ଶିକ୍ଷୟତ୍ରୀଙ୍କ ଛୁଟି ଦରଖାସ୍ତ ପାଇନାହାନ୍ତି ବୋଲି କହିଥିଲେ। ସରପଞ୍ଚ ସ୍ଥାନୀୟ ସିଆରସିଙ୍କୁ ପଚାରିଥିଲେ ସେ ବି ଜାଣିନାହାନ୍ତି ବୋଲି କହିଥିଲେ। ତେବେ ସରପଞ୍ଚ ପ୍ରଶ୍ନ ଉଠାଇଛନ୍ତି ଯେ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ଯାଉଛନ୍ତି ଉପରିସ୍ଥ ଅଧିକାରୀ ମାନଙ୍କୁ ଜଣାଉନାହାନ୍ତି। ଏକ ବର୍ଷ କାଳ ଏହିପରି କରିଚାଲିଥିବା କଥା ସରପଞ୍ଚ ଅଭିଯୋଗ କରିଛନ୍ତି। ଏହା ସହ ମଧ୍ୟାହ୍ନ ଭୋଜନରେ ମଧ୍ୟ ଅଧିକ ଛାତ୍ରଛାତ୍ରୀ ଉପସ୍ଥାପନା ଦେଖାଇ ଅର୍ଥ ହଡପ ହେଉଥିବା କଥା ସ୍ଥାନୀୟ ଗ୍ରାମବାସୀ ସରପଞ୍ଚଙ୍କୁ ମଧ୍ୟ ଅଭିଯୋଗ କରିବା କଥା ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଇଓ ସୁବାସ ବିଶ୍ୱାଳଙ୍କୁ ପଚରାଯିବାରୁ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା କଥା କହିଛନ୍ତି।

## ବିତରକ ସଙ୍ଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ



ଧର୍ମଶାଳା,୬।୮ (ସମିସ): ଧର୍ମଶାଳା ଖବର କାଗଜ ବିତରକ ସଙ୍ଘ ପକ୍ଷରୁ ପକ୍ଷାଘାତ ରୋଗୀରେ ଆକ୍ରାନ୍ତ ବିତରକଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ବିତରକ ରାମଚନ୍ଦ୍ର ମହାନ୍ତି (ଦାମ) କିଛି ଦିନ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୀର୍ଘ ୨୦ ବର୍ଷ ହେବ ସେ ଜାରକା ବଜାରରେ ଖବରକାଗଜ ବିକି ଯାହା ଉପାର୍ଜନ କରନ୍ତି ସେଥିରେ ନିଜ ପରିବାରକୁ ପ୍ରତିପୋଷଣ କରିଥାନ୍ତି। ତାଙ୍କ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ସେ ଏହି ରୋଗରେ ଆକ୍ରାନ୍ତ ହେବା ଦିନଠାରୁ କାମ ଧନ୍ଦା ନ କରିବାରୁ ତାଙ୍କ ପରିବାର ବହୁ ଅଭାବ ଅନଟନରେ ଦିନ କାଟୁଛନ୍ତି। ଖବର ପାଇ ଧର୍ମଶାଳା ଖବର କାଗଜ ବିତରକ ସଙ୍ଘ ପକ୍ଷରୁ ସଭାପତି ପ୍ରମୋଦ କୁମାର ରାଉତ ଓ ସମ୍ପାଦକ ହରି ନାରାୟଣ ଦାସଙ୍କ ନେତୃତ୍ୱରେ ସଦସ୍ୟ ଧୀରେନ୍ଦ୍ର ମହାନ୍ତି, ତରୁଣ କୁମାର ବେହେରା, ଦେବ ପ୍ରସାଦ ରାୟ, କାହ୍ନୁଚରଣ ରଣା, କମଳାକାନ୍ତ ଦାସ, ବିମ୍ବାଧର ସାମଲ, ପୁରୁଷୋତ୍ତମ ସେଠୀ ଓ ମଦନ ମୋହନ ମଲ୍ଲିକ ପ୍ରମୁଖ ଶ୍ରୀ ମହାନ୍ତିଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ମୋବାଇଲ ଲୁଟେରା ଗିରଫ

ଜେନାପୁର,୬।୮ (ସମିସ): ନୂଆ ଗଡ଼ମଧୁପୁର ରେଲଷ୍ଟେସନରୁ ଜଣେ ଯୁବକ ମୋବାଇଲ ଲୁଟ କରୁଥିବା ବେଳେ ଧରାପଡ଼ି ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ଜେନାପୁର ଥାନା ଅନ୍ତର୍ଗତ ଘାଷିବର ଗାଁର ହୀରା ବାରିକ ବୋଲି ଜଣା ପଡିଛି। ପ୍ରତ୍ୟେକ ଦିନ କିଛି ନା କିଛି ଲୁଟପାଟରେ ହୀରାର ସମ୍ପୃକ୍ତି ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ତାକୁ ଧରିବା ସହିତ ପୁଲିସ ଜିମା ଦେଇଛନ୍ତି। ପୂର୍ବରୁ ମଧ୍ୟ ହୀରା ପୁଲିସ ସ୍କାନରରେ ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଜେନାପୁର ଥାନା ଅନ୍ତର୍ଗତ ରଗଡ଼ିପଶି ଗ୍ରାମର ନୀଳକଣ୍ଠ ବେହେରାଙ୍କ ପୁଅ ମିରାକଲ ବେହେରା ରଗଡ଼ିପୋଷି ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବାବେଳେ



ଅଭିଯୁକ୍ତ ହୀରା ବାରିକ ତାଙ୍କୁ ଆକ୍ରମଣ କରି ତାଙ୍କର ୱାନପ୍ଲସ ମୋବାଇଲ ଛଡ଼ାଇ ନେଇଥିଲ।। ତଦନ୍ତ ସମୟରେ ଚୋରି ହୋଇଥିବା ମୋବାଇଲଟି ହୀରା ବାରିକ ଠାରୁ ଉଦ୍ଧାର କରାଯାଇ ମିରାକିଲକୁ ଜିମାକୁ ଦିଆଯାଇଛି। ହୀରା ନାରେ ପୁର୍ବରୁ ଅଭିଯୋଗ ହେଉଥିଲା। ପୁଲିସ ଘଟଣାସ୍ଥଳରୁ ତାକୁ ନେବା ସହିତ ତଦନ୍ତ କରି ଗିରଫ କରିଥିବା ସୂଚନା ମିଳିଛି।

## ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମକ୍‌ଡ୍ରିଲ



ମଙ୍ଗଳପୁର,୬।୮ (ସମିସ): ଦଶରଥପୁର ଅଗ୍ନିଶମ ବିଭାଗ ପକ୍ଷରୁ ନକଲି ପ୍ରଶିକ୍ଷଣ (ମକ୍‌ଡ୍ରିଲ୍) ମଙ୍ଗଳପୁର ଲକ୍ଷ୍ମୀ ନାରାୟଣ ଫିଲିଙ୍ଗ ଷ୍ଟେସନ ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓଆଇସି ପର୍ଶୁରାମ ଜେନାଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଏହା କରାଯାଇଥିଲା। ଯୁବ ଉଦ୍ୟୋଗୀ ତଥା ସାମାଜିକ କର୍ମୀ ପରେଶ କୁମାର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟମଣି ମିଶ୍ର ଅତିଥି ଭାବେ ଯୋଗଦେଇ ଦେଇଥିଲେ। ବାସ୍ତବିକ ନିଆଁ ଲାଗିବା କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟର ନକଲ କରି ତୁରନ୍ତ ଓ ପ୍ରଭାବୀ ଢଙ୍ଗରେ ପ୍ରତିକ୍ରୀୟା କରିବା ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷିତ କରାଯାଇଥିଲା। ସେହିପରି ସୁରକ୍ଷିତ ଭାବେ ନିଆଁ ଲିଭାଇ କୋଠା ଘରୁ ବାହାରିବା, ଅଗ୍ନିଶମ ବିଭାଗର ଉପକରଣର ଉପଯୋଗ, କର୍ମଚାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ଘଟଣା ସମୟରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଭୂମିକା ନେଇ କର୍ମଚାରୀ ମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଭ୍ୟାସ ବୋଲି ଓଆଇସି ପର୍ଶୁରାମ ଜେନା କହିଥିଲେ। ଆଗ୍ନିକ ବିଭୂତି ଭୂଷଣ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଲିଙ୍ଗରାଜ ସାହୁ, ରଶ୍ମିକାନ୍ତ ସାମଲ, ରାକେଶ ଭୂୟାଁ, ଜଗନ୍ନାଥ ଦାସ ପ୍ରମୁଖ ଆପଦ ସମୟରେ କିପରି ଉଦ୍ଧାର କାର୍ଯ୍ୟ ସମାପନ କରିବେ ନକଲ କରି ପ୍ରଦର୍ଶିତ କରିଥିଲେ।

## କଳିଙ୍ଗନଗର ବିସ୍ଥାପିତଙ୍କୁ ଭେଟିଲେ କଂଗ୍ରେସ ନେତା



ସୁକିନ୍ଦା,୬।୮ (ସମିସ): ପ୍ରଦେଶ କଂଗ୍ରେସ କମିଟି ଏସ୍‌ସି ସେଲ ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳିଙ୍ଗନଗର ବିସ୍ଥାପିତଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଗତ ମାସରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ କଳିଙ୍ଗନଗର ବିସ୍ଥାପିତଙ୍କ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଶିଳ୍ପାୟନ ପାଇଁ ନିଜର ଭିଟାମାଟି ଛାଡ଼ିବାର ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ବିସ୍ଥାପିତ ପରିବାର ସେମାନଙ୍କ ମୌଳିକ ସୁବିଧା ସୁଯୋଗ ନପାଇ ଏବେବି ନିଷ୍ପେସିତ ଜୀବନ ଯାପନ କରୁଛନ୍ତି। କଂଗ୍ରେସ ପକ୍ଷରୁ ସାରା ଦେଶରେ କ୍ରାନ୍ତି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆସନ୍ତା ୭ତାରିଖରେ କଳିଙ୍ଗନଗର ଆମ୍ବଗାଡ଼ିଆ ସ୍ଥିତ ବୀରଭୂମି ଠାରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଆଦିବାସୀଙ୍କ ଜଙ୍ଗଲ, ଜଳ, ଜମି ଅଧିକାରକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରତିନିଧି ଦଳରେ ଜାତୀୟ ଓବିସି ସେଲ ସଂଯୋଜକ ରାଜକିଶୋର ବାରିକ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ, ମାଗୁଣି ଜେନା, ବିଶ୍ୱରଞ୍ଜନ ଜେଠି ପ୍ରମୁଖ ବୀରଭୂମିରେ ପହଞ୍ଚି କଳିଙ୍ଗନଗର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଗୋବରଘଟି ବିସ୍ଥାପିତ କଲୋନୀ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିସ୍ଥାପନ ବିରୋଧି ଜନମଞ୍ଚ ସମ୍ପାଦକ ରବୀନ୍ଦ୍ରନାଥ ଜାରିକା, ସ୍ୱର୍ଣ୍ଣଲତା ବାନାରା, ହିନ୍ଦୁ ଜାମୁଦା, ନଟି ଆଙ୍ଗରାଇ, ବାବୁଲି ପୂର୍ତ୍ତି, ପୂର୍ଣ୍ଣ ସଏ, ବିଜ୍ଞାନ ବଳ ପ୍ରମୁଖ କଳିଙ୍ଗନଗର ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ହସ୍ତଶିଳ୍ପୀ ମହାସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ



ଯାଜପୁର,୬।୮ (ସମିସ): ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ତେଣୁ ବୁଣାକାର ଓ କାରିଗରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଜି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ସାତଶହରୁ ଉର୍ଦ୍ଧ୍ୱ କାରିଗର ଓ ବୁଣାକାର ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଶିଳ୍ପୀ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଞ୍ଜନ କର, ଯାଜପୁର ଜିଲ୍ଲା ସଭାପତି ପ୍ରଶାନ୍ତ ବେହେରା, ଲକ୍ଷ୍ମୀଧର ଚାନ୍ଦ, ଲକ୍ଷ୍ମୀଧର ସୁର, ଲୋକନାଥ ବେହେରା, ବିପିନ ବିହାରୀ ସାହୁ, ଝିଲ୍ଲୀରାଣି ଦାସ, ଶାନ୍ତି ବରାଳ, ଛାୟାରାଣୀ ରାଉତ, ବାବୁ ମଲ୍ଲିକ, ଚଞ୍ଚଳା ମଲ୍ଲିକ, କାଳନ୍ଦୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଗୁଣ୍ଟୁଣୀପଡ଼ାରେ ଧସିଲା ୫୦ ଫୁଟ ନଦୀବନ୍ଧ



କୟାଁଗୋଲା,୬।୮ (ସମିସ): ବୈତରଣୀ ନଦୀର ଆସିଥିବା ପଞ୍ଚମ ବନ୍ୟାରେ ଦଶରଥପୁର ବ୍ଲକ କଁୟା ପଞ୍ଚାୟତ ସ୍ଥିତ ଗୁଣ୍ଟୁଣୀପଡ଼ା ଠାରେ ଥିବା ଦୁର୍ବଳ ନଦୀ ବନ୍ଧର ଅତଡ଼ା ଖସିବାରୁ ଲୋକେ ଭୟଭୀତ ହୋଇ ବନ୍ଧ ଉପରକୁ ଉଠି ଆସିଥିଲେ। ଖବର ପାଇ ଜଳସମ୍ପଦ ବିଭାଗ ଉଚ୍ଚସ୍ତରୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ସାନ୍ତ୍ୱନା ଦେଇଥିଲେ। ଅଞ୍ଚଳବାସୀ କହିବା ଅନୁଯାୟୀ ଏଠି ବିଭାଗୀୟ ଅଧିକାରୀମାନେ ନିଜର ସ୍ୱାର୍ଥ ପାଇଁ ଜାଣି ଶୁଣି ଏମିତି ନିମ୍ନମାନର କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ଆଦେଶ ଦେଉଛନ୍ତି। ଅଭିଯୋଗ କଲେ କେହି ଉଚ୍ଚସ୍ତରୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଆଜି ଯଦି ବନ୍ଧର ଘାଇ ହୋଇଯାଏ କଁୟା, କମାରଡିହି, ଖାନଗର, ଥାଲକୁଡ଼ି, ନିଜାମପୁର, ସୁସୁଆ ଆଦି ପଞ୍ଚାୟତ ସର୍ବାଧିକ ଧନଜୀବନ କ୍ଷୟକ୍ଷତି ହବ।

## ନଦୀ ବନ୍ଧରୁ ଖସିଲା ଅତଡ଼ା

ସିଂହପୁର,୬।୮ (ସମିସ): ବିଞ୍ଝାରପୁର ବ୍ଲକର ସିଂହପୁର ଜଳସେଚନ ସେକ୍ସନର ଜରି ଗାଇଡ୍ ବନ୍ଧର ସେଠୀସାହିଠାରେ ଆଜି ପ୍ରାୟ ୨୦ ଫୁଟର ଏକ ବଡ଼ ଅତଡ଼ା ଖସିଥିବା ଦେଖିବାକୁ ମିଳିଛି। ଅତଡ଼ା ଖସିବା ଯୋଗୁ ବନ୍ଧର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଭୟରେ ବାତାବରଣ ସୃଷ୍ଟି ହୋଇଥିବା ବେଳେ ବନ୍ଧ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରସ୍ରୋତା ନଦୀ ଏହି ସ୍ଥାନରେ ନବେ ଡିଗ୍ରୀର ବକ୍ର ହୋଇଥିବାରୁ ଯଦି ଏଠାରେ ଘାଇ ହୁଏ, ତେବେ ଜରି, ଛନ୍ଦା ମୁଣ୍ଡ, ବାଙ୍ଗରା ସମେତ ୧୦/୧୨ ଖଣ୍ଡ ଗାଁ ଗଣ୍ଡା ସମ୍ପୂର୍ଣ୍ଣ କ୍ଷତିହେବ। ହଜାର ହଜାର ଏକର ଚାଷ ଜମି ସମ୍ପୂର୍ଣ୍ଣ ବିଲୀନ ହୋଇଯିବ। ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱରେ ବନ୍ଧ ସୁଦୃଢ ଥିବା ବିଭାଗୀୟ ଅଧିକାରୀ ମାନେ ପ୍ରକାଶ କରୁଥିବା ବେଳେ କେବଳ ଜରି ଠାରେ କେତେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବା ଦେଖାଯାଉଛି। କେବଳ ସେଠୀସାହି ନୁହେଁ; ଜରି ଅଢ଼େଇ ସାହି, ଦାଶ ସାହି, ମଲ୍ଲିକ ସାହି ଓ କୁଳସାହି ନିକଟରେ ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଥିବା କୁହାଯାଉଛି। ବନ୍ୟା ଜଳ ନଦୀରେ ପ୍ରବାହିତ ହେଉଥିଲେ ମଧ୍ୟ ଏବେ ଜଳସ୍ତର ନିମ୍ନରେ ପ୍ରବାହିତ ହେଉଛି। ବନ୍ୟାଜଳ ଖସିବା ପରେ ଏଭଳି ଅତଡ଼ା ଖସିବା ଘଟଣାକୁ ନେଇ ଦ୍ୱିମତ ପ୍ରକାଶ ପାଉଛି। ବନ୍ୟା ପରେ ନଦୀ ବନ୍ଧ ମରାମତି ଆଳରେ ଠିକାଦାରମାନେ ଅର୍ଥ ଚଳୁ କରିବା ପାଇଁ ଏଭଳି ଅତଡ଼ା ଧସିବା କାମ କରିନାହାଁନ୍ତି ବୋଲି ପ୍ରଶ୍ନ ଉଠିଛି।



## ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

ବରୀ,୬।୮ (ସମିସ): ବରୀ ବ୍ଲକ ଅନ୍ତର୍ଗତ ବୋଦୁଅ ପଞ୍ଚାୟତର ପଣ୍ଡାସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ପଣ୍ଡା (୯୭)ଙ୍କ ଦ୍ୱାଦଶାହ ଉପଲକ୍ଷେ ତାଙ୍କ ବାସଭବନଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କୃପାସିନ୍ଧୁ ବିଦ୍ୟାଭବନର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ କର ଯୋଗଦେଇ ବ୍ରଜମୋହନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'ଚିରନ୍ତନ'କୁ ଉନ୍ମୋଚନ କରିଥିଲେ। ଏହି ସଭାରେ ବିଷ୍ଣୁଚରଣ ଷଡ଼ଙ୍ଗୀ ଶ୍ଳୋକ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଷଡ଼ଙ୍ଗୀ, ଅବସରପ୍ରାପ୍ତ ମଣ୍ଡଳ ସହ ଶିକ୍ଷା ଅଧିକାରୀ ଗଣେଶ୍ୱର ସାମନ୍ତ, ନଳିନୀକାନ୍ତ ଷଡ଼ଙ୍ଗୀ, ଶିକ୍ଷାବିତ ବିଜୟ କୁମାର ଜେନା, ରତ୍ନାକର ପଲାଇ, ମହେଶ୍ୱର ପଲାଇ, ଜଳଧର ସେନାପତି, ରବିନାରାୟଣ ପରିଡା, ତାପସ କୁମାର ଜେନା, ବିଶ୍ୱ ଭୂଷଣ ଜେନା ପ୍ରମୁଖ ଯୋଗଦେଇ ବ୍ରଜସାରଙ୍କ ସ୍ମୃତିଚାରଣ କରିଥିଲେ।



# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ



ପାଣିକୋଇଲି, ୬।୮(ସମିସ): ରାଜ୍ୟରେ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଆଇନଶୃଙ୍ଖଳା। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ସାମ୍ନାକୁ ଆସୁଛି। ବିଶେଷ କରି ମହିଳା ଓ ଛାତ୍ରୀମାନଙ୍କ ବିରୋଧରେ ନାନା ଅପରାଧ ଘଟୁଥିଲେ ମଧ୍ୟ ଅପରାଧୀ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏହାର ପ୍ରତିବାଦରେ ଯାଜପୁର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜିଲ୍ଲାର ୭ଟି ବିଧାନସଭା କ୍ଷେତ୍ର ତଥା ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରୁ ଯୁବ ଛାତ୍ରମାନେ ପାଣିକୋଇଲି ବଜାରରେ ଏକାଠି ହେବା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରକାର କୌଣସି ପଦକ୍ଷେପ ନ ନେଲେ ବିଜୁ ଜନତା ଦଳର ଯୁବ ଛାତ୍ର ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଯୁବନେତା ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ସୌମ୍ୟରଞ୍ଜନ ବିଶ୍ୱାଳ, ପ୍ରତାପ ମହାନ୍ତି, କ୍ଷିତିଶ ବିଶ୍ୱାଳ, ଗଣେଶ୍ୱର ବରାଳ, ଲେଲିନ ଦାସ, ଚିତ୍ତରଞ୍ଜନ ବେହେରା, ଚନ୍ଦ୍ରଶେଖର ସାମଲ, ଦେବୀପ୍ରସାଦ ମହାନ୍ତି, ବ୍ୟାସଦେବ ରାଉତ ପ୍ରମୁଖ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ରଞ୍ଜନ ଧଳ, ପ୍ରଶାନ୍ତ ପଣ୍ଡା, ପ୍ରଫୁଲ୍ଲ ଦାସ, ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ମୁଜବିର ରହେମାନ, ସ୍ୱପ୍ନାନନ୍ଦ ଦାସଙ୍କ ସମେତ ସହସ୍ରାଧିକ ଯୁବ ଛାତ୍ରନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଧର୍ମଶାଳା: ଧର୍ମଶାଳା ବିଜୁ-ଯୁବ ଛାତ୍ର ଜନତା ଦଳ ତରଫରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଧର୍ମଶାଳା ଥାନାଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ମହିଳାମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ, ହତ୍ୟା ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟିଛି। ଯାଜପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବ୍ରତ ଧଳ ସମେତ ବହୁ ଯୁବଛାତ୍ର ନେତା ଉପସ୍ଥିତ ରହି ଧର୍ମଶାଳା ଥାନାଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଦ୍ୟାଳୟ ଆଗରେ ଧାରଣା

ଦାନଗଦ, ୬।୮(ସମିସ)



ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅଧୀନରେ ରାମ୍ପିଲୋ ଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପାଢ଼ୀଙ୍କୁ ଜଣେ ଠିକାଦାର ମରଣାନ୍ତକ ଆକ୍ରମଣକରିଥିବାଅଭିଯୋଗହୋଇଛି।ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଘରେ ନ ଥିବା ବେଳେ ବିଦ୍ୟାଳୟ ମରାମତି କାମ ନେଇଥିବା ଠିକାଦାର ପ୍ରଭୁଦତ୍ତ ସାମଲ ଓ ଅନ୍ୟ କିଛି ଯୁବକ ତାଙ୍କ କ୍ୱାଟର ନିକଟରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଖୋଜିଥିଲେ। ତାଙ୍କ ପତ୍ନୀ ଭାର୍ଗବୀ ପାଢ଼ୀ ସାର୍ ଘରେ ନାହାଁନ୍ତି। ଯାଜପୁର ଟାଉନକୁ ଯାଇଛନ୍ତି ବୋଲି କହିବାରୁ ତାଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିଦ୍ୟାଳୟ ବାହାରେ ଅଧ୍ୟକ୍ଷଙ୍କ ଫେରିବାକୁ ଅପେକ୍ଷା କରିଥିଲେ। ଏଥିରେ ଭୟଭୀତ ହୋଇ ଶ୍ରୀମତୀ ପାଢ଼ୀ ତାଙ୍କ ସ୍ୱାମୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ଅଧ୍ୟକ୍ଷ ବିଦ୍ୟାଳୟ ଫାଟକ ନିକଟରେ ପହଞ୍ଚିବା କ୍ଷଣି ତାଙ୍କ ଉପରକୁ ଆକ୍ରମଣ ଆରମ୍ଭ କରି ନିସ୍ଠୁର ମାଡ଼ ମାରିବା ସହ ରକ୍ତାକ୍ତ କରିଦେଇଥିଲେ। ପରେ ଘଟଣାକୁ ପୁଲିସକୁ ନ ଜଣେଇବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଦାନଗଦି ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେବା ପରେ ଯାଜପୁର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବି ସହ ଅନ୍ୟାନ୍ୟ ଦାବିକୁ ନେଇ ଆଜି ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ପାଠପଢ଼ା ବନ୍ଦ କରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ସେମାନଙ୍କ ଦାବି ଗୁଡ଼ିକ ହେଲା ଅଧ୍ୟକ୍ଷଙ୍କୁ ଆକ୍ରମଣ କରିଥିବା ଠିକାଦାର ପ୍ରଭୁଦତ୍ତ ସାମଲଙ୍କୁ ତୁରନ୍ତ ଗିରଫ କାରାଯାଉ, ଠିକାଦାରଙ୍କ ଲାଇସେନ୍ସକୁ ବାତିଲ କରାଯାଉ, ୭ ଦିନ ମଧ୍ୟରେ ନୂତନ ଠିକାଦାର ନିଯୁକ୍ତି ଦିଆଯାଇ ବାକି ରହିଥିବା କାମ ସବୁକୁ ଶେଷ କରାଯାଉ, ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉ। ଖବର ପାଇ ଦାନାଗଦି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ସାମଲ ଓ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଆଜି ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ସେମାନେ ନିଜ ଜିଦରେ ଅଟଳ ଥିଲେ। ଜିଲ୍ଲାପାଳ ନ ଆସି ଆଲୋଚନା ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କହିଥିଲେ। ଫଳରେ ଆଜି ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିଲା।

### ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ସୁକିନ୍ଦା, ୬।୮(ସମିସ): ସୁକିନ୍ଦା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ଜୋର୍ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୁଲିସ ବୈରିମାଳ ଗ୍ରାମ ସିପୁ ପ୍ରଧାନ(୨୬) ନାମକ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ବୈରିମାଳ ଗ୍ରାମ ହୃଷୀକେଶ ପ୍ରଧାନଙ୍କ ପୁଅ ସିପୁ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ନେଇ ମହିଳା ମଙ୍ଗଳବାର ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ସିପୁକୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବ୍ୟାଟେରି ଚୋରି ଅଭିଯୋଗରେ ୨ ଗିରଫ

ପାଣିକୋଇଲି, ୬।୮(ସମିସ): ପାଣିକୋଇଲି ପୁଲିସ ବ୍ୟାଟେରି ଚୋରି ଅଭିଯୋଗରେ ଆଜି ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ କଡରେ ଚାନ୍ଦପୁର ଛକ ନିକଟରେ ଘରକରିଥିବା ପ୍ରଫୁଲ୍ଲ ସମାଲ ତାଙ୍କ ଘର ସମ୍ମୁଖରେ ତାଙ୍କ ଟ୍ରକ୍ ରଖିଥିଲେ। ଉକ୍ତ ଟ୍ରକରୁ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ସୁଦର୍ଶନ ମଲିକ (୨୬) ଓ ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳର ଝାଟିଆସାହି ଗ୍ରାମର ବିଶ୍ୱଜିତ ଜେନା (୨୫) ଆସି ଟ୍ରକରୁ ବ୍ୟାଟେରି ଚୋରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ସ୍ଥାନୀୟ ଲୋକ ପ୍ରଫୁଲ୍ଲଙ୍କ ସହ ମିଶି ତାଙ୍କୁ ପୁଲିସ ଜିମା ଦେଇଥିଲେ। ଏନେଇ ଏକ ମାମଲା ୨୪୯/୨୫ ରୁଜୁ କରି ଆଜି ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି।

## ଦେଶୀ ମଦ ଜବତ; ଜଣେ ଗିରଫ

ପାଣିକୋଇଲି, ୬।୮(ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ମଦ ବେପାରି ଠାରୁ ମଦ ଜବତ କରିବା ସହ ତାକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଜହ୍ନା ପଞ୍ଚାୟତର ତାଲୁଙ୍ଗା ଛକରେ ଦେଶୀ ମଦର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଚଢାଉ ସମୟରେ ତାଲୁଗା ଗ୍ରାମର ଜଗୁଲୁ ମୁଣ୍ଡା (୪୭) ମଦ ବିକ୍ରି କରୁଥିବା ବେଳେ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ତା' ନିକଟରୁ ୧୦ ଲିଟର ମଦ ଜବତ କରିବା ସହ ସହ ତାକୁ ଗିରଫ କରିଥିଲେ। ଏନେଇ ଏକ ମାମଲା ୨୫୦/୨୫ରୁଜୁ କରାଯାଇ ଦଫା ୫୨(ଏ) ଓଡ଼ିଶା ଏକ୍ସସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି।

## ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି, ୬।୮(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମ ନଦୀ ବନ୍ଧରୁ ଏକ ବାଇକ ଚୋରି ଅଭିଯୋଗ ହୋଇଛି। ପ୍ରକାଶଯେ ସରସଦା ଗ୍ରାମର ଚନ୍ଦ୍ରମଣି ସାହୁ ତାଙ୍କ ବାଇକ ନଦୀବନ୍ଧରେ ରଖି ବିଲକୁ ଯାଇଥିଲେ। ବିଲରୁ ଆସି ଦେଖିବା ବେଳକୁ ତାଙ୍କ ବାଇକଟି ଚୋରି ହୋଇଛି। ଏନେଇ ଚନ୍ଦ୍ରମଣି ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଜାରି ରହିଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

ସୁକିନ୍ଦା, ୬।୮(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବପାଳ ଗ୍ରାମ ପାଖ ଚାଷ ଜମିରେ ବିଷଧର ସାପ କାମୁଡ଼ାରେ ଜଣେ ମହିଳା ମହିଳା ଆହତ ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଶାନ୍ତନୁ ମହନ୍ତଙ୍କ ପତ୍ନୀ ଜୟନ୍ତୀ ମହାନ୍ତ ଆମ୍ବପାଳ ଗ୍ରାମ ପାଖ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ଜୟନ୍ତୀଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

# ପୁଣି ଧାରଣା ଦେଲେ ୬ କାଉନସିଲର

### ବ୍ୟାସନଗର ପୌର ପରିଷଦ

ବ୍ୟାସନଗର, ୬।୮(ସମିସ): ଯେତେ ପ୍ୟାଚ ପକେଇଲେ ବି ବ୍ୟାସନଗର ପୌର ପରିଷଦରେ ପାରିଷଦମାନଙ୍କ ମଧ୍ୟରେ ପୁଣି ଫାଟ ଦିଶୁଛି। ଗତ କିଛି ମାସ ହେବ ବ୍ୟାସନଗର ସହରର ବିକାଶ ନିମନ୍ତେ ହେବାକୁ ଥିବା ଟେଣ୍ଡର ବିବାଦ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ବିଜେଡିର ୧୯ ଜଣ ପାରିଷଦ ୫ ଦିନ ଧରି ଧାରଣା ଦେବା ପରେ ନିଜେ ନିର୍ବାହୀ ଅଧିକାରୀ ଅଗଷ୍ଟ ୧୨ ତାରିଖ ମଧ୍ୟରେ ଟେଣ୍ଡର ପାରିତ ନେଇ ଲିଖିତ ଭାବେ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପୂର୍ବରୁ ଏନେଇ ରିଜୋଲୁସନ ପାରିତ ହୋଇଥିବାରୁ ଇଷ୍ଟମେଟରେ କାଣ୍ଟ ଛାଣ୍ଟ କରିବାର ବର୍ତ୍ତମାନ ପ୍ରଶ୍ନ ଉଠୁନାହିଁ। ଏହି ସ୍ଥିତିରେ ସହରର ବିକାଶ ପ୍ରାଥମିକତା ହୋଇଥିବା ଅଧ୍ୟକ୍ଷ ସୁବାସ ବଳ କହିଥିଲେ।

ପରବର୍ତ୍ତୀ ଟେଣ୍ଡରରେ ଯେଉଁ ୱାର୍ଡ ପାଇଁ ଚଳିତ ଟେଣ୍ଡରରେ କର୍ମ ଅର୍ଥ ପ୍ରଦାନ କରାଯାଇଛି ସେହି ୱାର୍ଡରେ ଅଧିକ ଅର୍ଥ ବିନିଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ ବୁଧବାର ସାନି ରିଜୋଲୁସନ କରାଯିବା ଦାବିରେ ୬ ଜଣ କାଉନସିଲର ଅନଶନରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ୱାର୍ଡକୁ କମ ଅର୍ଥ ପ୍ରଦାନ କରାଯାଇଛି। ବୁଧବାର ଆଗତ ରିଜୋଲୁସନରେ ସଂଖ୍ୟାଧିକ ପାରିଷଦ (୧୯)ଙ୍କ ସହମତି ରହିଥିବାରୁ ଏହା ଏକପ୍ରକାର ଗୃହିତ ହୋଇଯିବା ନେଇ ପାରିଷଦମାନେ ଆଶା ପୋଷଣ କରିଥିବା ବେଳେ ନିର୍ବାହୀ ଅଧିକାରୀ ହିଁ ଏଥିରେ ଶେଷ ମୋହର ମାରିଲା ପରେ ଏହା ଟେଣ୍ଡରକୁ ଯିବ। ତେବେ ୬ ପାରିଷଦ ବୁଧବାର ଧାରଣା ଦେବା ସହିତ ସେମାନଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ନେଇ ଏକ ଅଭିଯୋଗ ପତ୍ର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଗୁରୁବାର ଯାଜପୁର ଜିଲ୍ଲାପାଳଙ୍କୁ ଜଣାଇବା ପରେ ଯାହା ନିଷ୍କର୍ଷ ବାହାରିବ ବୋଲି ଜଣାପଡ଼ିଛି।

### ■ ବାଲିଚନ୍ଦ୍ରପୁର ଥାନାରେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା

# ଘଟଣାର ତଦନ୍ତ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ

ଯାଜପୁର/ବାଲିଚନ୍ଦ୍ରପୁର, ୬।୮(ସମିସ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଅଭିଯୁକ୍ତ ରମେଶ ମଲ୍ଲିକ ଓରଫ ବାଦଲଙ୍କୁ ପୁଲିସର ନିର୍ଯାତନା ଘଟଣା ଗୃହ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏକ ଗଣ୍ଡଗୋଳ ଘଟଣାରେ ବାଦଲଙ୍କୁ ବାଲିଚନ୍ଦ୍ରପୁର ପୁଲିସ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଥିବା ବେଳେ ପୁଲିସ ନିର୍ଯାତନା ଦେବାରୁ ସେ ବିଷ ପିଇ ଦେଇଥିଲା। ବାଦଲଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବାଦଲ ଅସୁସ୍ଥ ହେବା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ଆଜି ସେ ସୁସ୍ଥ ହେବା ପରେ ତାକୁ ଘରେ ଛାଡି ଦିଆଯାଇଥିବା ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ତେବେ ଥାନା ଭିତରେ ଏଭଳି ବିଷ କେଉଁଠୁ ଆସିଲା ଏବଂ କିଭଳି ସେ ବିଷ ପିଇବାକୁ ସୁଯୋଗ ପାଇଲା ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଆସନ୍ତା ୧୧ ତାରିଖରେ କଂଗ୍ରେସ ପକ୍ଷରୁ ଥାନା ଘେରଉ କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବ୍ରାହ୍ମଣୀରେ କୁମ୍ଭୀର ଆତଙ୍କ; ସତର୍କ କଲା ବନବିଭାଗ



କବାଟବନ୍ଧ, ୬।୮(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ନଦୀରେ ମଙ୍ଗଳବାର ସ୍ଥାନୀୟ ଲୋକମାନେ ଏକ କୁମ୍ଭୀର ଦେଖିଥିବା ପ୍ରକାଶ କରିବା ପରେ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଗଡ଼ମଧୁପୁର ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ସ୍ଥାନୀୟଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ରାହ୍ମଣୀ ନଦୀରେ ଏକ କୁମ୍ଭୀର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇବା ପରେ ଉକ୍ତ ଅଞ୍ଚଳରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ ଏହାକୁ ଦେଖିବା ପରେ ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏହା ପାଣି ଭିତରେ ଏବଂ ଦୂରରେ ରହୁଥିବାରୁ କୁମ୍ଭୀର ବୋଲି ସ୍ପଷ୍ଟ ଜଣା ପଡୁନ ଥିଲେ ମଧ୍ୟ ଏହା କୁମ୍ଭୀର ବୋଲି ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ବୁଧବାର ନଦୀକୂଳିଆ ତଥା ନଦୀ ଉପରେ ସ୍ନାନ, ଶୌଚ ପାଇଁ ନିର୍ଭର କରୁଥିବା ଜନସାଧାରଣ ମାନଙ୍କ ଧନଜୀବନ ସୁରକ୍ଷା ପାଇଁ ନଦୀ କି ଯାଉଥିବା ସମୟରେ ସତର୍କତା ଅବଲମ୍ବନ କରିବା, ଛୋଟ ପିଲାଙ୍କୁ ନଦୀକୁ ବାରଣ କରିବା, ଗୃହପାଳିତ ପଶୁଙ୍କୁ ନଦୀକୁ ନ ଛାଡ଼ିବା ପାଇଁ ବନବିଭାଗ ଅଧିକାରୀ ମାନେ କହିଛନ୍ତି। ବନ ବିଭାଗ ପକ୍ଷରୁ ଏଣ୍ଡଲବା ପଞ୍ଚାୟତ ମାଳହାଟ, ପାଇକରାପୁର, ରେଖିଦେଇପୁର, କଣ୍ଟାପାଟଣା, ବାଲି କୁଦିଆ, ସିଧାପାଳ, ରାଇଛନ୍ଦା, ବାରକଣା, କବାଟବନ୍ଧ, ମର୍ଜିତାପୁର, ଚଉସଠିପଡ଼ା, ଦଇପୁର, ଦଣ୍ଡସଣା, ବୃନ୍ଦାଦେଇପୁର, ଜେନାପୁର, ବ୍ରହ୍ମପୁର, ଏରସେଣ୍ଡା, କୁସୁନପୁର, କୁସ୍ତିରା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସହିତ ବ୍ରାହ୍ମଣୀ ବ୍ରିଜ ଏବଂ ମର୍ଜିତାପୁର ଠାରେ ସତର୍କ ସୂଚନା ବ୍ୟାନର ଲଗାଇଛନ୍ତି। ବନବିଭାଗ ପକ୍ଷରୁ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ, ଗାର୍ଡ ସିପ୍ରାରାଣୀ ମହାପାତ୍ର, ସମ୍ବିତ ରାଉତ, ଏସ କେ ଜାଭିର, କରୁଣାକର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସାମିଲ ଥିଲେ।


ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଯୂନିଯନ बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ରଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ରଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ରଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ରଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ରଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ରଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ରଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଟିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ରଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୧୮ / **୩) ମୃତକ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା – ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୧୮ | ୧. ସିସି ହାଇପୋଥି କେସନ୍ ୨. ମିଆଦୀ ରଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **(ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, **(ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ରଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ – ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା – ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା – ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ରଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା – ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** **୧) ରଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ – ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ – ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ – ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ – ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** **୧) ରଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୰ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା – ୭୫୨୧୦୨ | ମିଆଦୀ ରଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** **୧) ରଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ – ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ – ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ – ୭୫୩୦୧୦ | ୧. ଗୃହ ରଣ ୨. ବନ୍ଧକ ରଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ରଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୦୬.୦୮.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


## ଅନାସ୍ଥାରେ କଟିବା ପରେ ରକ୍ତମୁଖା ବିଜେପି


# ଆକ୍ରମଣରେ ବିଜେଡି କର୍ମୀ ଗୁରୁତର

ଯାଜପୁର, ୬।୮(ସମିସ)

ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତରେ ବିଜେପି ସମର୍ଥିତ ସରପଞ୍ଚ ପରାସ୍ତ ହେବା ପରେ ରକ୍ତମୁଖା ହୋଇଛି ଭାରତୀୟ ଜନତା ପାର୍ଟି। ବିଜେପି ସମର୍ଥକଙ୍କ ଆକ୍ରମଣରେ ମୋଟରଙ୍ଗାପାଳ ଗ୍ରାମର ବଳରାମ ମହାଳିକ ନାମକ ବିଜେଡି କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଯାଜପୁର ଥାନାରେ ୩ଗୋଟି ଏତଲା ବଳରାମ ମହାଳିକ, ସ୍ନେହଲତା ମିଶ୍ର ଓ ସିପୁନା ପରିଡ଼ାଙ୍କ ପକ୍ଷରୁ ଦାଖଲ କରାଯାଇଛି। କେସ୍ ନଂ ୩୬୦/୨୫, ୩୬୧/୨୫ ଓ ୩୬୨/୨୫ ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛନ୍ତି। ଖବର ଲେଖାହେବା ବେଳକୁ ଉଭୟଙ୍କ ପକ୍ଷରୁ ପୁଲିସ କାହାରିକୁ ଗିରଫ କରିନଥିବା ଜଣାପଡ଼ିଛି।

ଯାଜପୁର ଜିଲ୍ଲା ପଣସା ଗ୍ରାମପଞ୍ଚାୟତର ବିଜେପି ସମର୍ଥୀତ ସରପଞ୍ଚ କୁଳମଣି ବେହେରା ବୁଧବାର ଅନାସ୍ଥା ଭୋଟରେ ହାରିଯାଇଛନ୍ତି। ସେ ନିଜ ସମର୍ଥୀତ ୱାର୍ଡ ସଭ୍ୟଙ୍କ ସମର୍ଥନରେ ୬ଖଣ୍ଡ ଭୋଟ ପାଇଥିବା ବେଳେ ବିପକ୍ଷ ଦଳ ସପକ୍ଷରେ ୧୫ଗୋଟି ୱାର୍ଡ ସଭ୍ୟ/ସଭ୍ୟା ସରପଞ୍ଚଙ୍କ ବିପକ୍ଷରେ ଭୋଟ ଦେଇଥିଲେ। କୁଳମଣିଙ୍କ ବିରୋଧରେ ଦୀର୍ଘଦିନ ଧରି ୱାର୍ଡ ସଭ୍ୟ ମାନେ ନାନା ଅନିୟମିତତା ଓ କାର୍ଯ୍ୟଦକ୍ଷତାର ଅନଭିଜ୍ଞ ଅଭିଯୋଗ କରିଆସୁଥିଲେ। ଏପରିକି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗୁ କରିବା ପାଇଁ ଆବେଦନ କରୁଥିଲେ ମଧ୍ୟ ଶାସକ ଦଳର ଚାପ ଆଗରେ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଟାଳି ଆସୁଥିଲା। କିନ୍ତୁ ବୁଧବାର ଏହି ଅନାସ୍ଥା ପ୍ରସ୍ତାବ ଆଗତ ସମୟରେ ପଣସା ଗ୍ରାମପଞ୍ଚାୟତ ଠାରେ ନିର୍ବାଚନ ଅଧିକାରୀ ଭାବେ ଯାଜପୁର ଅତିରିକ୍ତ ତହସିଲଦର, ମାଜିଷ୍ଟ୍ରେଟ ଭାବେ ଦଶରଥପୁର ଅତିରିକ୍ତ ତହସିଲଦାର, ଯାଜପୁର ବ୍ଲକର ଜିପିଓ ଏବଂ ବ୍ଲକର ଭିଏଲଡବ୍ଲ୍ୟୁ ଯୋଗ ଦେଇ ଭୋଟ ପରିଚାଳନା କରିଥିଲେ। ଶାସକ ଦଳର ଏଭଳି ଝଟକାକୁ ନେଇ ବିଜୁ ଜନତା ଦଳ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଟ୍ରମ୍ପଙ୍କୁ ଜବାବ

ମଧ୍ୟପ୍ରାଚ୍ୟ ଓ ପୂର୍ବ ୟୁରୋପରେ ସଂଘଟିତ ଦୁଇଟି ଯୁଦ୍ଧକ୍ଷେତ୍ରର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୟୁକ୍ରେନ ଅପେକ୍ଷା ଗାଜାପଟିର ପରିସ୍ଥିତି ଅଧିକ ଶୋଚନୀୟ। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅମାନବୀୟ ଓ ଅସମ୍ବେଦନଶୀଳ ମନୋଭାବରୁ ନିରୀହ ଶିଶୁ ଓ ମହିଳା ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଜାତିସଂଘର ରିଲିଫ ପହଞ୍ଚିବାକୁ ଦିଆଯାଉନି। ବଦଳରେ କ୍ଷୁଧାତୁରଙ୍କ ନିପୀଡ଼ନ ଓ ନିର୍ଯାତନା ସୀମାଲଂଘନ କରୁଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେମାନଙ୍କ ପ୍ରତି ସାମାନ୍ୟତମ ସମ୍ବେଦନଶୀଳତା ଥିଲା ଭଳି ମନେ ହେଉନି। ନେତାନ୍ୟାହୁଙ୍କ ପ୍ରତି ତାଙ୍କର ଦୁର୍ବଳତା କାହିଁକି? ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ନିଜ ଶକ୍ତି ଓ ସାମାର୍ଥ୍ୟର ପରୋକ୍ଷ ପରାଜୟକୁ ରୋକିବା ସକାଶେ ରୁଷ ଉପରେ ତାଙ୍କର ଚାପ ପ୍ରଭାବଶୂନ୍ୟ ହୋଇଥିବାରୁ ସେ ଏବେ ନାନା ଅବାସ୍ତବ କଥା କହିବା ଆରମ୍ଭ କରିଛନ୍ତି। ତେଣୁ କଥା କଥାରେ ଭାରତକୁ ନାଲିଆଖି। ଗତ ୩୦ ତାରିଖରେ ଭାରତୀୟ ଉତ୍ପାଦ ଉପରେ ୨୫% ଶୁଳ୍କ ଲାଗୁ କରିଥିବା ଟ୍ରମ୍ପ ସପ୍ତାହ ପରେ ୫୦%କୁ ବୃଦ୍ଧି କରିଛନ୍ତି। ଟ୍ରମ୍ପଙ୍କ ଦୃଷ୍ଟିରେ ରୁଷିଆରୁ ତେଲ କିଣିବା ହେଉଛି ଭାରତର ଅପରାଧ। ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଟ୍ରମ୍ପଙ୍କ ମନେରଖିବା ଉଚିତ ଯେ କେବଳ ରୁଷିଆ ନୁହେଁ, ଇସ୍ରାଏଲ ମଧ୍ୟ ନରସଂହାର ଓ ଯୁଦ୍ଧ ବିଭୀଷିକା ପାଇଁ ଅନୁରୂପ ଭାବେ ଦାୟୀ। ଏଠାରେ ମନେ ରଖିବାକୁ ହେବ ଯେ ବାଣିଜ୍ୟ ଶୁଳ୍କ ଆଳରେ ଭାରତର ସବୁ ନିଷ୍ପତ୍ତିକୁ ଦଳିଚକଟି ଦିଆଯାଇ ପାରିବ ନାହିଁ। ବହୁତ ହୋଇଗଲା, ଆଉ ନୁହେଁ। ରୁଷ ସହ ବାଣିଜ୍ୟିକ ସଂପର୍କ ନେଇ ଭାରତ ମଧ୍ୟ ରୋକଠୋକ ଶୁଣାଇଛି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘକୁ।

ସମୟର ଆବଶ୍ୟକତାକୁ ଚାହିଁ ରାଷ୍ଟ୍ରୀୟ ସ୍ୱାର୍ଥରକ୍ଷା ଓ ଜନସମୁଦାୟଙ୍କ ଚାହିଦା ପୂରଣକୁ ଦୃଷ୍ଟିରେ ରଖି ରୁଷରୁ ତୈଳ ସଂଗ୍ରହ ଭାରତର ଏକ ଯଥାର୍ଥ ନିଷ୍ପତ୍ତି। ପାରମ୍ପରିକ ତୈଳ ଯୋଗାଣ ୟୁରୋପ ଅଭିମୁଖୀ ହୋଇଯିବା ପରେ ରୁଷରୁ ତୈଳ ସଂଗ୍ରହ ସକାଶେ ଆମେରିକା ପ୍ରୋତ୍ସାହିତ କରିଥିଲା। ସେହି ବ୍ୟବସ୍ଥା ଏବେ ମଧ୍ୟ ବଳବତ୍ତର ରହିଛି। ଯୋଗାଣ ଓ ସଂଗ୍ରହ କ୍ଷେତ୍ରରେ ଅନୁସୃତ ନୀତି ନିୟମ ହଠାତ୍ କାହା କଥାରେ ପରିବର୍ତ୍ତନ କରି ହୁଏନି। ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ସଂଘ ପୁଣି ଓଲଟି ପଡ଼ି ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ନିଜର ସ୍ୱାର୍ଥରକ୍ଷା ପାଇଁ ଏପ୍ରକାର ଦୋ ମୁହାଁ ନୀତିକୁ ଭାରତ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଛି। ୧୪୦ କୋଟି ଦେଶବାସୀଙ୍କ ଇନ୍ଧନ ଆବଶ୍ୟକତା ପୂରଣ ସହ ରାଷ୍ଟ୍ରର ଅର୍ଥନୈତିକ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବାରୁ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିଷ୍ପତ୍ତି ପରିବର୍ତ୍ତନକୁ ମାନିନେବା ଏତେ ସହଜ ନୁହେଁ। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ ଓ ଆଜର୍ବୈଜାନ୍ ଉପରେ ପ୍ରତିବନ୍ଧକ ଲାଗୁଥାଇ ଥିବାରୁ ସେଠାରୁ ତୈଳ ସଂଗ୍ରହକୁ ଭାରତ ବନ୍ଦ ରଖିଛି।

ରୁଷ ସହ ବାଣିଜ୍ୟିକ ସଂପର୍କ ଆମେରିକା ସମେତ ସମଗ୍ର ୟୁରୋପ ରଖିଥିବା ବେଳେ ଭାରତ ପ୍ରତି ଏପ୍ରକାର ଏକତରଫା ଚାପ କାହିଁକି? ରୁଷରୁ ତୈଳ ସଂଗ୍ରହ କଲେ ଭାରତ କ୍ଷତିଗ୍ରସ୍ତ ହେବ ଏକଥା ସତ। ତୁଳନାତ୍ମକ ଭାବେ ଅନ୍ୟ ରାଷ୍ଟ୍ରରେ ବାଣିଜ୍ୟ କାରବାର ଅବ୍ୟାହତ ରହିଥିବା ବେଳେ ଭାରତ ନିଷ୍ପତ୍ତି ବଦଳାଇ ଦେଲେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବାର ସମ୍ଭାବନା ଊଣା। ଆମେରିକା ନିଜର ଆବଶ୍ୟକତା ପୂରଣ ପାଇଁ ୟୁରାନିୟମ,ହେକ୍ସାଫ୍ଲୋରାଇଡ୍, ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ରୁଷରୁ ଆମଦାନୀ କରୁଛି। ୟୁରୋପୀୟ ରାଷ୍ଟ୍ର ସଂଘର ଦୋମୁହାଁ ନୀତି ସଂପର୍କରେ ଭାରତ ଉଲ୍ଲେଖ କରି ଦର୍ଶାଇଛି ଯେ ୨୦୨୪ ରେ ରୁଷ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ଥିଲା ୬୭.୫ ବିଲିୟନ ୟୁରୋ, ଅଥଚ ତା' ପୂର୍ବବର୍ଷର ପରିମାଣ ୧୭.୨ ବିଲିୟନରେ ସୀମିତ ଥିଲା। କ୍ରମାଗତ ଭାବେ ରାଷ୍ଟ୍ରସଂଘର ବାଣିଜ୍ୟ କାରବାର ବଢ଼ି ଚାଲିଥିବା ବେଳେ ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ରୁଷ ସହ ଭାରତର ମୋଟ ବାଣିଜ୍ୟଠାରୁ ସେମାନଙ୍କ ବେପାର ଯଥେଷ୍ଟ ଅଧିକ। ସେହିଭଳି ୟୁରୋପ ରାଷ୍ଟ୍ର ସମୂହ ୨୦୨୪ରେ ରୁଷରୁ ରେକର୍ଡ ପରିମାଣର ଅର୍ଥାତ୍ ୧୬.୫ ନିୟୁତ ଟନ ଏଲ୍‌ଏନ୍‌ଜି ସଂଗ୍ରହ କରିଛି। ରୁଷ-ୟୁକ୍ରେନ ଯୁଦ୍ଧ ତ ଏବର କଥା ନୁହେଁ। ତେବେ ଯେଉଁମାନେ ଭାରତ ଉପରେ ଚାପ ପକାଉଛନ୍ତି ସେମାନେ ନିଜ ଆବଶ୍ୟକତା ପୂରଣ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି ତ? ଆମ ଓଡ଼ିଆରେ ଗୋଟିଏ ଢଗ ଅଛି କହି ଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ।

ଟ୍ରମ୍ପ ଧମକ ଦେଇ କହିଥିଲେ ଯେ ଭାରତ କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ ପାଇଁ ରୁଷରୁ ତୈଳ ସଂଗ୍ରହ କରୁନି ଏଥିରୁ ବିପୁଳ ଲାଭ ମଧ୍ୟ ଉଠାଉଛି। ରୁଷର ଯୁଦ୍ଧାସ୍ତ୍ରରେ କେତେ ୟୁକ୍ରେନବାସୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ସେଥିପ୍ରତି ଭାରତର ଖାତିରି ନାହିଁ। ତେଣୁ ଭାରତର ରପ୍ତାନି ସାମଗ୍ରୀ ଉପରେ ସେ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ଏକଥା ଉଲ୍ଲେଖ କଲାବେଳେ ଗାଜାପଟିରେ ଚାଲିଥିବା ନରସଂହାର ତାଙ୍କୁ କିଭଳି ବ୍ୟଥିତ କରୁନି ବୋଲି ଯଦି କେହି ପ୍ରଶ୍ନ କରେ ତାହା ନିଶ୍ଚୟ ଅବାନ୍ତର ହେବ ନାହିଁ। ଆମେରିକାରେ ଇହୁଦୀ ଲବିର ଅଖଣ୍ଡ ପ୍ରଭାବ, ସର୍ବୋପରି ମୋସାଡ୍ ମାଧ୍ୟମରେ ସଂଗୃହୀତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଟ୍ରମ୍ପଙ୍କୁ ମଧ୍ୟ ଆତଙ୍କିତ କରିରଖିଛି। ସେହିଭଳି ମଧ୍ୟପ୍ରାଚ୍ୟର ତୈଳ ବାଣିଜ୍ୟ ଉପରେ ନିୟନ୍ତ୍ରଣ ଜାହିର କରିବା ୟୁରୋପର ଧନଶାଳୀ ରାଷ୍ଟ୍ରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲର ପ୍ରାଧାନ୍ୟକୁ ପ୍ରୋତ୍ସାହିତ କରାଯାଉଛି।

ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱ ବ୍ୟବସ୍ଥାରେ ଏକାଧିପାତ୍ୟରେ ଯୁଗ ଶେଷ ହୋଇ ଆସୁଛି। ଟ୍ରମ୍ପଙ୍କ ଭୁଲ ଗୋଟିଚାଳନା ଏହି ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିଛି। ଆନ୍ତର୍ଜାତିକ ସଂପର୍କ କ୍ଷେତ୍ରରେ ଏକାଧିକ କ୍ଷମତା ନିଜ ଶକ୍ତି ଓ ସାମର୍ଥ୍ୟ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆଗେଇ ଆସୁଛନ୍ତି। ସେମାନଙ୍କୁ ନାଲି ଆଖି ଦେଖାଇ ସବୁଦିନ ଯେ ଜବତ କରିହେବ ଏକଥା ନୁହେଁ। ଭୂ-ରାଜନୈତିକ ଆବଶ୍ୟକତାକୁ ଚାହିଁ ମୁଣ୍ଡ ଟେକୁଥିବା ଫୋରମ କ୍ରମାଗତ ଭାବେ ଶକ୍ତି ବୃଦ୍ଧି କରିଚାଲିଛନ୍ତି। ସେ ଦୃଷ୍ଟିରୁ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିମଧ୍ୟରେ କାନାଡ଼ା ଓ ଅନ୍ୟ କେତେକ ଆଫ୍ରିକୀୟ ରାଷ୍ଟ୍ର ଏହି ଫୋରମ ସହ ଯୋଗାଯୋଗରେ ଅଛନ୍ତି। ଯେତେଦୂର ମନେ ହୁଏ ଟ୍ରମ୍ପଙ୍କ ଉଠାପକା କୂଟନୀତି 'ବ୍ରିକ୍ସ'ର କାୟାବିସ୍ତାର କରିବାରେ ସହାୟକ ହେବ।

# ଆଧୁନିକତାର ଚକ୍ରବ୍ୟୂହରେ ବୈବାହିକ ଜୀବନ

ଡ.ବିମଳ ଷଡ଼ଙ୍ଗୀ

ନିକଟରେ ଭୁବନେଶ୍ୱରର ଜଣେ ଉଚ୍ଚଶିକ୍ଷିତା କର୍ମଜୀବୀ ମହିଳା ତାଙ୍କ ପତିଙ୍କ ବିରୁଦ୍ଧରେ ବିବାହ ପରର ଉତ୍ତରଦାୟିତ୍ୱରେ ଅବହେଳା ଓ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେହିପରି ତାଙ୍କ ଉଚ୍ଚଶିକ୍ଷିତ ସରକାରୀ ଅଧିକାରୀ ପତି ମଧ୍ୟ ପାଲଟା ପତ୍ନୀଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନାର ଅଭିଯୋଗ ଆଣିଛନ୍ତି, ଯାହା ଏବେ ବିଚାରାଧୀନ ଅଛି। ଗତବର୍ଷ ଡିସେମ୍ବର ମାସରେ ବେଙ୍ଗାଲୁରୁର ଯନ୍ତ୍ରୀ ଅତୁଲ ସୁଭାଷ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା କରିଥିଲେ। ସେହିପରି ପତ୍ନୀ ନିର୍ଯାତନାରେ ଓଡ଼ିଶାର ଜଣେ ଯୁବ ବନ ଅଧିକାରୀଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟ ଘେରରେ। ତେବେ ଏପରି ଅନେକ ଦୁଃଖଦ ଘଟଣା ପ୍ରତିଦିନ ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣୁଛନ୍ତି। ୨୦୨୫, ଜାନୁଆରୀ ମାସରେ ଓଡ଼ିଶାର ପରିବାର ଅଦାଲତଗୁଡ଼ିକରେ ଦୈନିକ ହାରାହାରି ୮୭ଟି ହିସାବରେ ମୋଟ ୨୭୦୭ଟି ନୂତନ ଛାଡ଼ପତ୍ର ଆବେଦନ ଦାଖଲ ହୋଇଥିଲା। ଓଡ଼ିଶା ସରକାର ଯୁବଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଧାରା ବୃଦ୍ଧିକୁ ରୋକିବା ପାଇଁ ୨୦୨୫ ମସିହାକୁ 'ଛାଡ଼ପତ୍ର ନିବାରଣ ବର୍ଷ' ଭାବରେ ଘୋଷଣା କରି ରାଜ୍ୟବ୍ୟାପୀ ବିବାହ ପୂର୍ବ ପରାମର୍ଶ ପାଇଁ 'ମାତୃ ଅଦାଲତ କେନ୍ଦ୍ର' ସ୍ଥାପନା କରିଛନ୍ତି।ଏହାପଛରେ ଥିବା କେତେକ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆମେ ଦୃଷ୍ଟିପାତ କରିବା।

ଭାରତୀୟ ସଂସ୍କୃତିରେ ସ୍ୱାମୀମାନେ ଇଚ୍ଛା କରନ୍ତି ଯେ ବିବାହ ପରେ ସ୍ତ୍ରୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ମିଶି ରହିବେ। ମାତ୍ର ଆଜିକାଲିର ସ୍ତ୍ରୀମାନେ ଚାହାନ୍ତି ସ୍ୱାମୀଙ୍କ ଉପରେ କେବଳ ସେମାନଙ୍କର ଅଧିକାର। ସ୍ୱାମୀଙ୍କ ପିତା, ମାତା, ଭାଇ ବା ଭଉଣୀଙ୍କ ସହିତ ସମ୍ପର୍କ ଛିନ୍ନ କରି ସୁଖଦ ଜୀବନଯାପନ ସେମାନଙ୍କର ପ୍ରଥମ ଲକ୍ଷ୍ୟ ଥାଏ।ଏପରି ସ୍ଥଳେ ଯଦି କାହାର ହସ୍ତକ୍ଷେପ ହୁଏ ତେବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମସ୍ୟା ଉପୁଜିଥାଏ। ଆପୋସ ସମାଧାନ କରିବା ପରିବର୍ତ୍ତେ ସେମାନେ ନିଜ ନିଜର ମାତାପିତା, ବନ୍ଧୁ କିମ୍ବା ଆଇନର ସହାୟତା ନେଇ ନିଜର ବୈବାହିକ ଜୀବନକୁ ଶେଷ କରନ୍ତି। ଯେଉଁଠାରେ ସ୍ୱାମୀଟି ସ୍ତ୍ରୀର କଥା ମାନି ନିଜର ପିତାମାତାଙ୍କୁ ହତାଦର କରେ, ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ରହିଥାଏ। ସେହିପରି ଯେଉଁଠି ଗୋଟିଏ ଝିଅ କିମ୍ବା ଦୁଇଟି ଝିଅ ଥା'ନ୍ତି, ସେଠାରେ ଝିଅଙ୍କ ଇଚ୍ଛା ଥାଏ ବିବାହପରେ ସେମାନଙ୍କ ସ୍ୱାମୀ ନିଜର ପିତାମାତାଙ୍କ ଭବିଷ୍ୟତ ଦାୟିତ୍ୱ ନିଅନ୍ତୁ। ଯେଉଁଠି ଏହାର ବିରୋଧ ହୁଏ ସେଠାରେ ବିବାହ ବିଚ୍ଛେଦ ଘଟେ।

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କ ଗଭୀର ପରିପୂର୍ଣ୍ଣତାର ଏକ ଉତ୍ସ ବୋଲି ଧରାଯାଏ, ଯାହାକୁ ସମସ୍ତେ ନିଜର ଭାଗ୍ୟ ବୋଲି ଅଭିହିତ କରନ୍ତି। ମାତ୍ର ସମସ୍ତଙ୍କୁ ମାନିବାକୁ ହେବ ଯେ ପରସ୍ପର ପ୍ରତି ସମ୍ମାନ, ସଂବେଦନଶୀଳତା ଓ ଗଭୀର ଚେଷ୍ଟା ଦ୍ୱାରା ସୁସ୍ଥ, ପ୍ରେମପୂର୍ଣ୍ଣ ଘନିଷ୍ଠ ସମ୍ପର୍କ ସୃଷ୍ଟି ହୁଏ। ଗବେଷକଙ୍କ ମତରେ ଯୁବକଯୁବତୀମାନେ ସେମାନଙ୍କର ପ୍ରାରମ୍ଭିକ ବୟସରେ ପରିପକ୍ୱତାର ଅଭାବରୁ ସାମାଜିକ, ଶାରୀରିକ କିମ୍ବା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅନେକ ପରିବର୍ତ୍ତନ ଦେଇ ଗତି କରନ୍ତି। ଫିନଲେଙ୍କ ମତରେ ପରିପକ୍ୱତାର ସଂଜ୍ଞା ହେଉଛି 'ମନର ଅନିଶ୍ଚିତତା, ପରିସ୍ଥିତି କିମ୍ବା ପରିବେଶକୁ ଉପଯୁକ୍ତ ଢଙ୍ଗରେ ସହ୍ୟ କରିବାର କ୍ଷମତା'। ସେହିପରି ମେନିଞ୍ଜରଙ୍କ ମତରେ ଭାବପ୍ରବଣତାର ପରିପକ୍ୱତା ହେଉଛି, 'ବାସ୍ତବତା ସହିତ ଗଠନାତ୍ମକ ଭାବରେ ମୁକାବିଲା କରିବାର କ୍ଷମତା'।

ସରଳରେ ଭାବପ୍ରବଣ ପରିପକ୍ୱତା ହେଉଛି ପରିସ୍ଥିତିଗୁଡ଼ିକୁ ଅଯଥା ଅତିରଞ୍ଜିତ ନକରି ସେଗୁଡ଼ିକର ସହଜ ଉପାୟରେ ସମାଧାନ କରିବାର କ୍ଷମତା ବୃଦ୍ଧି କରିବା। ଭାବପ୍ରବଣ ପରିପକ୍ୱତା ନ ଥିବା ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତି ନାହିଁ ଏବଂ ନିଜକୁ ଆତ୍ମନିରୀକ୍ଷଣ କରିବାରେ ଅଭାବ ଯୋଗୁଁ ସେମାନଙ୍କର କ୍ରୋଧ, ଦୁଃଖ କିମ୍ବା ଯେକୌଣସି କଷ୍ଟକର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷ ଦିଅନ୍ତି। ଏହି ଲୋକମାନଙ୍କର ମୌଳିକ ସମସ୍ୟା ହେଉଛି ଯେ ସେମାନେ ସର୍ବଦା ଚାହାନ୍ତି ଯେ ଅନ୍ୟମାନେ ସେମାନଙ୍କର ଦୃଷ୍ଟିକୋଣକୁ ବୁଝନ୍ତୁ ଏବଂ ସେମାନେ ସମସ୍ତଙ୍କ ଚିନ୍ତାଧାରାକୁ ନିୟନ୍ତ୍ରଣ କରିବେ। ସେମାନଙ୍କର ଦୃଷ୍ଟିକୋଣକୁ ସର୍ବଦା ଯଥାର୍ଥ ବୋଲି ଭାବି ଅନ୍ୟମାନଙ୍କୁ ଖରାପ ବ୍ୟବହାର କରନ୍ତି, ଯାହା ଆଜିର ଯୁବପିଢ଼ିର ପ୍ରକୃତ ରୂପ। ଅନେକ ନିଜର ସାମାଜିକ କର୍ତ୍ତବ୍ୟ, ଭାବପ୍ରବଣତାର ପରିଚାଳନା, ସମ୍ବେଦନଶୀଳତା ଇତ୍ୟାଦିକୁ ସହଜରେ ଜାଣି ନ ଥା'ନ୍ତି, ଯାହା ସେମାନଙ୍କ ପରବର୍ତ୍ତୀ ବୈବାହିକ ଜୀବନକୁ ବ୍ୟଥିତ କରିବା ସହିତ ବିବାହ ପରର ଚାପକୁ ସହଜରେ ସମ୍ମୁଖୀନ ହୋଇପାରି ନଥା'ନ୍ତି।

ଯୁବ ପିଢ଼ି ବ୍ୟକ୍ତିଗତ ଖୁସି ଏବଂ ସ୍ୱାୟତ୍ତତାକୁ କ୍ରମଶଃ ମୂଲ୍ୟବାନ ମନେକରନ୍ତି। ତ'ଦ୍ୱାରା ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆବଶ୍ୟକତା ପୂରଣ ହେଉନାହିଁ ସେତେବେଳେ ଅସନ୍ତୁଷ୍ଟ ହୋଇ ଛାଡ଼ପତ୍ର ପାଇଁ ଅଧିକ ଇଚ୍ଛୁକ ହୋଇପଡ଼ନ୍ତି। ଲିଙ୍ଗଗତ ସମାନତା ମହିଳାଙ୍କ ପାଇଁ ଶିକ୍ଷା, ସ୍ୱାଧୀନତା ଓ ସଶକ୍ତୀକରଣ ବୃଦ୍ଧି କରିଥାଏ। ଛାଡ଼ପତ୍ର ପଛର ଏହା ମଧ୍ୟ ଏକ କାରଣ। ଯେଉଁଠାରେ ଉଭୟ ପତିପତ୍ନୀ ସେମାନଙ୍କ ଦାବି ଓ ନିଷ୍ପତ୍ତି ଗ୍ରହଣ ପରସ୍ପର ମଧ୍ୟରେ ବାଣ୍ଟି ନିଅନ୍ତି ସେତେବେଳେ ସେମାନଙ୍କ ଜୀବନ ସୁଖମୟ ହୁଏ। ଯେତେବେଳେ ଏହି ସହଭାଗିତା ସାକାର ହୁଏ ନାହିଁ ଅଥବା ବୁଝାମଣାର ଅଭାବ ଥାଏ ତାହା ଅସନ୍ତୋଷ ଓ ଛାଡ଼ପତ୍ରକୁ ଉତ୍ସାହିତ କରେ।

ପରିବର୍ତ୍ତନଶୀଳ ସାମାଜିକ ନିୟମାବଳୀ ଆଜିର ଯୁବପିଢ଼ିଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାରେ ଅଧିକ ସ୍ୱାଧୀନତା ଦେଇଛି। ପ୍ରେମ ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଧାରିତ ବିବାହ ଆଜି ପାରମ୍ପରିକ ବିବାହ ଅପେକ୍ଷା ଅଧିକ ପ୍ରଚଳିତ। ଯଦିଓ ଏହା ବିବାହକୁ ସୁଖମୟ କରିପାରେ, ଭାବପ୍ରବଣତା ଓ ସଂବେଦନଶୀଳତା ପାଇଁ ଅଧିକ ଆଶା କରିପାରେ। ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ଏହି ଆଶା ପୂରଣ ହେଉନାହିଁ ସେତେବେଳେ ସେମାନେ ଛାଡ଼ପତ୍ର ବିଷୟରେ ବିଚାର କରିବାର ସମ୍ଭାବନାକୁ ପ୍ରାଥମିକତା ଦେଇଥା'ନ୍ତି। କିଛି ଦମ୍ପତି ବିବାହକୁ ଜୀବନସାରା ଅତୁଟ ବନ୍ଧନ ପରିବର୍ତ୍ତେ ଏକ ଅସ୍ଥାୟୀ ଓ ନମନୀୟ ପ୍ରତିଶ୍ରୁତିବଦ୍ଧତା ଭାବରେ ଦେଖନ୍ତି। ଏହି ଧାରଣା ବ୍ୟକ୍ତିବିଶେଷଙ୍କ ପାଇଁ ବିବାହ ସହିତ ସୃଷ୍ଟ ଆହ୍ୱାନର ସମ୍ମୁଖୀନ ହେବା ସମୟରେ ଛାଡ଼ପତ୍ରକୁ ଆଦରି ନିଅନ୍ତି। ସହରାଞ୍ଚଳରେ ପ୍ରାୟତଃ ଗଣମାଧ୍ୟମ, ଶିକ୍ଷା ଏବଂ ବିଭିନ୍ନ ସମ୍ପ୍ରଦାୟ ସହିତ ଆଲୋଚନା ମାଧ୍ୟମରେ ପାଶ୍ଚାତ୍ୟ ଜୀବନଶୈଳୀ ଏବଂ ମୂଲ୍ୟବୋଧ ପ୍ରତି ଅଧିକ ଆକର୍ଷଣ ହେତୁ ଛାଡ଼ପତ୍ରକୁ ଅଧିକ ଗ୍ରହଣଯୋଗ୍ୟ ବିକଳ୍ପ ଭାବରେ ଦେଖାଯାଏ। ମାତ୍ର ଗ୍ରାମାଞ୍ଚଳରେ ଛାଡ଼ପତ୍ର ଏବେ ବି ଗୁରୁତ୍ୱପୂର୍ଣ୍ଣ କଳଙ୍କ ଭାବରେ ଗଣାଯାଏ। ଶିକ୍ଷିତ ବ୍ୟକ୍ତିମାନେ ଏକ ଦୁଃଖୀ ବିବାହ ବନ୍ଧନରେ ରହିବା ଅପେକ୍ଷା ବ୍ୟକ୍ତିଗତ ଖୁସି ଓ ମଙ୍ଗଳକୁ ପ୍ରାଥମିକତା ଦେଇଥା'ନ୍ତି। ବେଳେବେଳେ ଯୌତୁକ ଉତ୍ପୀଡ଼ନ, ହିଂସା, ଯୌନ ସୁସଙ୍ଗତର ଅଭାବ, ଜୀବନଶୈଳୀ ପସନ୍ଦରେ ପାର୍ଥକ୍ୟ, ଅଭିଭାବକତ୍ୱ ଶୈଳୀ ଏବଂ ଆଶାରେ ପାର୍ଥକ୍ୟ ଓ ମତଭେଦ ଛାଡ଼ପତ୍ର ପ୍ରକ୍ରିୟାକୁ ସହଯୋଗ କରିଥାଏ।

ବୃଦ୍ଧି ପାଉଥିବା ଛାଡ଼ପତ୍ର ହାରରୁ ସମାଜକୁ ରକ୍ଷା କରିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦୃଷ୍ଟିଦେଲେ ଭବିଷ୍ୟତ ଭାରତରେ ଏକ ସୁସ୍ଥ ପରମ୍ପରା ବିକଶିତ ହୋଇପାରିବ। ପ୍ରଥମେ ଯୁବକ ବା ଯୁବତୀ ଉଭୟଙ୍କୁ ପରିବାର, ଶିକ୍ଷାନୁଷ୍ଠାନ ସହାୟତାରେ ପିଲାଦିନରୁ ସହାନୁଭୂତି, ସମବେଦନଶୀଳତା, ଭାବପ୍ରବଣତା, ଦୟା, କ୍ଷମା, ପରୋପକାର, ପୂଜ୍ୟପୂଜା ଉପରେ ସଚେତନ କରାଯିବା ଉଚିତ। ବିପରୀତ ପରିସ୍ଥିତିରେ ନିଜକୁ କିପରି ପ୍ରସ୍ତୁତ କରିବାକୁ ପଡ଼ିବ, ତାହା ସେମାନଙ୍କୁ ଜଣାଇବାକୁ ପଡ଼ିବ। ଚାକଚକ୍ୟ ଦୁନିଆ ବାହାରେ ଆଉ ଗୋଟିଏ ସୁନ୍ଦର ଦୁନିଆ ଅଛି, ଯାହା ମଣିଷକୁ ଆନନ୍ଦ ଦେଇପାରିବ ଏବଂ ଦୈହିକ ସୁଖଠାରୁ ମାନସିକ ସୁଖର ଗୁରୁତ୍ୱକୁ ବୁଝାଇବାକୁ ପଡ଼ିବ। ବିବାହ କେବଳ ଦୈହିକ ସୁଖ ବା ଭୋଗ ନୁହେଁ; ତାହା ବିଶ୍ୱକୁ ଏକ ନୂତନ ସୃଷ୍ଟି ଦେଇ ଆଲୋକିତ କରିଥାଏ। ସେ ନୂତନ ସୃଷ୍ଟିକୁ ଆଣି ତାକୁ ସଂପୂର୍ଣ୍ଣ ବିକଶିତ କରିବା ପାଇଁ ବହୁତ ତ୍ୟାଗ କରିବାକୁ ପଡ଼ିଥାଏ। ପରିବର୍ତ୍ତିତ ସାମାଜିକ ପରିସ୍ଥିତି ଅନୁସାରେ ପିତାମାତାମାନଙ୍କୁ ମଧ୍ୟ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏକ ଅପରିଚିତ ଝିଅକୁ ଘରକୁ ବୋହୂ କରି ଆଣିବା ପରେ ତା'କୁ ଶାଶୂ ଶ୍ୱଶୁର ନୁହେଁ, ବରଂ ବାପମାଆ ହୋଇ ନିଜ ଝିଅପରି ସ୍ନେହ ଦେଇ ମିଠା କଥାରେ ତା'କୁ ନିଜର କରିବାକୁ ପଡ଼ିବ।

ସେହିପରି ଝିଅର ପିତାମାତାଙ୍କୁ ଝିଅ ପରିବାରର ଦୈନନ୍ଦିନ ବ୍ୟାପାରରେ ହସ୍ତକ୍ଷେପ ନକରିବା ସହିତ ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାର ଆବଶ୍ୟକତା ରହିଛି। ପିତାମାତା, ବନ୍ଧୁ ପରିବାର, ସମାଜ, ସରକାର, ନ୍ୟାୟିକ ବ୍ୟବସ୍ଥା ସମସ୍ତେ ସେମାନଙ୍କୁ ଏ ଦିଗରେ ସଚେତନ ଓ ସହାନୁଭୂତିର ହାତ ବଢ଼ାଇ ସମ୍ପର୍କ ରଖିବାରେ ସହାୟତା ଦେବା ସହିତ ବୁଝାଇବାକୁ ପଡ଼ିବ ଯେ ଭାରତୀୟ ସମାଜ ପାଇଁ ଏକାଙ୍ଗ ପରିବାର କେବେହେଲେ ସୁନ୍ଦର ସୃଷ୍ଟିର ମାର୍ଗ ହୋଇ ନ ପାରେ। ଏକାନ୍ନ ପରିବାର ହିଁ ଏକମାତ୍ର ବିକଳ୍ପ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ବନ୍ଧୁତ୍ୱର ଭିନ୍ନ ପରିଭାଷା

ଅର୍ଜୁନ ଘଡ଼େଇ

ଜୀବନ ଭିତରେ ଅନେକ ବନ୍ଧୁ ବା ସାଥୀ ହୁଅନ୍ତି। କେତେକଙ୍କ ଅକୁଣ୍ଠିତ ସାହାଯ୍ୟ, ସହଯୋଗ ଓ ଉପଯୁକ୍ତ ପରାମର୍ଶ ପାଇ ଜୀବନ ଆଗକୁ ବଢ଼େ, ଅସଜଡ଼ା ଜୀବନ ସଜାଡ଼ି ହୋଇଥାଏ। ଆଉ କେତେକଙ୍କ ଅନ୍ତର୍ନିହିତ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେମାନଙ୍କ ପରାମର୍ଶ, ପ୍ରୋତ୍ସାହନ, ଗତିଶୀଳ ଜୀବନ ପଥକୁ କଣ୍ଟକିତ କରିଥାଏ କିମ୍ବା ସ୍ୱପ୍ନର ପାହାଡ଼ ଭାଙ୍ଗିଯାଏ। ଏପରି ବନ୍ଧୁମାନଙ୍କ ଭିତରେ 'ଉସୁକା' ବନ୍ଧୁ ବି ଅନେକ ଥା'ନ୍ତି, ଯେଉଁମାନେ ଅନେକ ସମୟରେ ଅନାବଶ୍ୟକ କାର୍ଯ୍ୟ କରିବାକୁ ଉସୁକାଇଥା'ନ୍ତି। ଆଉ ସେମାନଙ୍କର ଉସୁକାଉଥିବାର ଅର୍ଥକୁ ସଠିକ୍ ଭାବେ ବୁଝି ନ ପାରି ଆମେ ଯଦି ତାଙ୍କ କଥାରେ ପ୍ରୋତ୍ସାହିତ ହେଇଯାଉ ଭୟାବହ ପରିଣାମ ଭୋଗିବାକୁ ପଡ଼େ। ନା ସିଏ ଥା'ନ୍ତି ସାଥୀରେ ବନ୍ଧୁ ପରି, ନା ଥାଏ ତାଙ୍କର ସହଯୋଗ। ବରଂ ଆଖି ଆଢୁଆଳରେ ଏକ ନିରାପଦ ଦୂରତ୍ୱରେ ରହି ସେ ଦେଖୁଥା'ନ୍ତି ବନ୍ଧୁର ଅଭାବନୀୟ ପରିସ୍ଥିତି। ଖୁସି ହୋଇ ତାଳି ମାରୁଥା'ନ୍ତି ଲକ୍ଷ୍ୟ ସାଧନରେ ସଫଳ ହୋଇଥିବାରୁ। ଆଜିର ସମାଜରେ ଏଇ ଉସୁକାଉଥିବା ବନ୍ଧୁମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁମାନଙ୍କର ପ୍ରେରଣା ଓ ପରାମର୍ଶ ପ୍ରତାରଣାର ଶକ୍ତି ବହନ କରି ବିଧ୍ୱସ୍ତ କରି ଦେଉଛି ଆମର ସାମାଜିକ ଜୀବନକୁ।

'ଉସୁକାଇବା' ଏକ ଦେଶଜ ଶବ୍ଦ। ଆଧୁନିକ ସଭ୍ୟ ସମାଜରେ ଏ ଶବ୍ଦର ବ୍ୟବହାର ବିଭିନ୍ନ ରୂପରେ ବ୍ୟବହୃତ ହେଉଛି। କୌଣସି କାର୍ଯ୍ୟ ପାଇଁ କାହାକୁ ଉତ୍ସାହିତ, ପ୍ରୋତ୍ସାହିତ, ଉତ୍ତେଜିତ ଆଦି କରିବାକୁ ଗାଁ ଗହଳି ଲୋକମାନେ 'ଉସୁକେଇବା' ବୋଲି କହିଥା'ନ୍ତି। ନିଜ ହୃଦୟ ଭିତରେ ମାନସିକ ସ୍ତରରେ କୌଣସି କାର୍ଯ୍ୟ ପାଇଁ ପ୍ରବଳ ଆଗ୍ରହୀ ହେବା, ଉତ୍ତେଜିତ ହେବା ଏକ ଇନ୍ଦ୍ରିୟାସକ୍ତ ମାନସିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ମନ ଭିତରେ ସୃଷ୍ଟି ହେବା ବେଳେ ନିଜର ସ୍ଥିର, ଚିତ୍ତ, ବିଚାରବୋଧର ଆବଶ୍ୟକତା ଥାଏ। ଯେଉଁମାନେ ଅତି ଆନ୍ତରିକତା ଦେଖାଇବାକୁ ଯାଇ ଏପରି ପ୍ରେରଣା, ପ୍ରୋତ୍ସାହନ, ଉତ୍ସାହ ଆଦି ସୃଷ୍ଟି କରିଥା'ନ୍ତି, ସେମାନଙ୍କ କଥା ବେଳେବେଳେ ଉଦ୍ଦେଶ୍ୟନିହିତ ଭାବେ ବିଚାର କଲେ ସୁଫଳ ମିଳିଥାଏ।

ଉସୁକାଉଥିବା ବନ୍ଧୁ ସବୁକ୍ଷେତ୍ରରେ ଯେ କ୍ଷତିକାରକ ଏକଥା କହିବା ଠିକ୍ ନୁହେଁ। କିନ୍ତୁ ନିଜ ଅଭିଜ୍ଞତାରୁ, ବନ୍ଧୁଭାବେ ଅଭିନୟ କରି, ଉସୁକାଇ ଉଦ୍ଦେଶ୍ୟ ହାସଲ କରିଥିବା ଅବନ୍ଧୁ ଅନେକ କ୍ଷତି ସାଧନ କରିଥିବା ଆମେ ଅନୁଭବ କରୁଛେ। ଏଥିପାଇଁ ଜୀବନ ଯନ୍ତ୍ରଣାର ସ୍ୱର ଏତେ ତୀବ୍ର ହୋଇଛି ଯେ 'ଅଜାଗା ଘା' ଦେଖିହୁଏନି କି ଦେଖଇ ହୁଏନି' ଏମିତି ଅବସ୍ଥା ବି ଭୋଗିଛେ। ଏପରି ଉସୁକା ବନ୍ଧୁ ଜୀବନରେ କେବେ ବି ନ ଆସନ୍ତୁ ଭଗବାନଙ୍କୁ ପ୍ରାର୍ଥନା କରିଛେ। ଏପରି ବନ୍ଧୁ ଶତ୍ରୁଠାରୁ ବି ଆହୁରି ବିପଦଜ୍ଜନକ ଓ ଭୟଙ୍କର। ଅହିତାକାଂକ୍ଷୀ ଚରିତ୍ରମାନେ ସମାଜରେ ସୃଷ୍ଟି ହେଲେ ବନ୍ଧୁତ୍ୱର ଅର୍ଥ, ପରିଭାଷା ବଦଳିଯିବ ନିଶ୍ଚୟ। ବନ୍ଧୁତ୍ୱ ହେଉଛି ଦୁଇଟି ହୃଦୟ ମଧ୍ୟରେ ଏକ ଭାବନାତ୍ମକ ସମ୍ପର୍କ ଏହା ଭୁଲିବା ଉଚିତ ନୁହେଁ।

ଉସୁକା ବନ୍ଧୁମାନେ କେବଳ ଦାଉ ସାଧନ୍ତିନି, ଜୀବନର ଶେଷ ପରିଣତି ସୃଷ୍ଟି ପାଇଁ ପରିସ୍ଥିତି ବି ସୃଷ୍ଟି କରିପାରନ୍ତି। ଅନେକ ଉସୁକା ବନ୍ଧୁଙ୍କ ପରାମର୍ଶରେ ଆତ୍ମହତ୍ୟା, ଆତ୍ମଦାହ କରିବା ପରି ପରିସ୍ଥିତି ଆମ ଅନିଚ୍ଛାସତ୍ତ୍ୱେ ସୃଷ୍ଟି ହୋଇଯାଏ, ଯାହା ଆମେ କାହାର ପ୍ରୋତ୍ସାହନରେ, ଉତ୍ତେଜନାର ବଶବର୍ତ୍ତୀ ହୋଇ କରିଥାଉ। ଟିକିଏ ଧୈର୍ଯ୍ୟ, ସହନଶୀଳତା ଭାବ ନେଇ ସମୟ ଅତିବାହିତ କରିଦେଲେ ସେଇ ଦୁଃସମୟ ଅପସରିଯିବ। ନିଜ ବିଚାରବୋଧ, ଜ୍ଞାନର ଉଦ୍ରେକ ହେବ ଏକଥା ବୁଝିବା ଦରକାର। ଯେଉଁମାନେ ଅନ୍ୟକୁ ଉସୁକାଇବା ପ୍ରବୃତ୍ତି ନିଜ ଭିତରେ ସୃଷ୍ଟି କରୁଛନ୍ତି ସେମାନଙ୍କ ପାଇଁ ବନ୍ଧୁତ୍ୱ ଏକ ବାହାନା, ସ୍ୱାର୍ଥ କାମନା ହିଁ ଶ୍ରେୟ।

ଯେକୌଣସି ଭଲ କାର୍ଯ୍ୟପାଇଁ ବ୍ୟଗ୍ରତା, ଉତ୍ସୁକତା, ଉତ୍କଣ୍ଠା ମନ ଭିତରେ ସୃଷ୍ଟି ହେବା ଭଲ ମଣିଷର ପ୍ରବୃତ୍ତି ହୋଇପାରେ। କିନ୍ତୁ ଏଥିପାଇଁ ଯେତେବେଳେ କିଏ ପ୍ରବର୍ତ୍ତାଇବା, ପ୍ରରୋଚନା ଦେବା, ପ୍ରଣୋଦିତ କରିବା କିମ୍ବା ପ୍ରଭାବିତ କରିବା ପରି ଉସୁକାଇବା ପରି ଚରିତ୍ରମାନେ ଆଖି ଆଗକୁ ଆସିବେ ତା'ର ଉପଯୁକ୍ତ ବିଚାର କରି କାର୍ଯ୍ୟପନ୍ଥା ନିର୍ଣ୍ଣୟ କଲେ ମଙ୍ଗଳ ହେବ। ଅନ୍ୟଥା ସେଇ ନଷ୍ଟ ଚରିତ୍ରମାନେ ନିଜ ସ୍ୱାର୍ଥ ସାଧନ ପାଇଁ ହିତାକାଂକ୍ଷୀ ବନ୍ଧୁ ଭାବେ ପରିଚୟ ସୃଷ୍ଟି କରି ଅନେକ କ୍ଷତି ସାଧନ କରିବେ, ଏହା ସୁନିଶ୍ଚିତ। ସାବଧାନ ହେଲେ ଉସୁକା ବନ୍ଧୁମାନେ ବିଫଳତା ପାଇଁ ନିରବି ଯାଇ ଆତ୍ମଗ୍ଳାନିରେ ଜର୍ଜରିତ ହୋଇଯାନ୍ତୁ ପଛେ, ଆମେ ତ ବଞ୍ଚିଯିବା ଆମର ଅଭାବନୀୟ ପରିସ୍ଥିତିରୁ। ଉସୁକେଇବା, ପ୍ରବର୍ତ୍ତନା ଦେବା ସହଜ, କିନ୍ତୁ କୁକର୍ମ, ଅପରିଣାମଦର୍ଶିତାରୁ ନିବୃତ୍ତାଇବା ଅସମ୍ଭବ ହୋଇଥାଏ। ବିଚାରଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱମାନେ ବିଶ୍ଳେଷଣ କଲେ ବୁଝିପାରିବେ ନିଶ୍ଚୟ। ନିଜର ଶକ୍ତି ସାମର୍ଥ୍ୟକୁ ପରଖି ଆଗକୁ ବଢ଼ିବା ଉଚିତ।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮ ୭୧୫

# ନବଭାରତର ପ୍ରଜ୍ଞା-ପୁରୁଷ ନୀଳକଣ୍ଠ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପଣ୍ଡିତ ନୀଳକଣ୍ଠ ଦାସଙ୍କ ତ୍ୟାଗପୂତ ଜୀବନ ଓ ବହୁମୁଖୀ ପ୍ରତିଭାର ଆକଳନ ପ୍ରତି ସଚେତନ ଦୃଷ୍ଟି ନିକ୍ଷେପ କଲେ, ସେ ଯେ ନବଭାରତର ଜଣେ ଅସାମାନ୍ୟ ପ୍ରଜ୍ଞା-ପୁରୁଷ; ଏ ନିରାଟ ସତ୍ୟ ଯେକେହି ସ୍ୱୀକାର କରିବେ ନିଶ୍ଚୟ। ଯେଉଁ ବ୍ୟକ୍ତିର ଚେତନା ହୋଇଉଠେ ପ୍ରଜ୍ଞାର ଆଲୋକରେ ଦୀପ୍ତିମନ୍ତ, ସେ ନିଜେ ହିଁ ଆବିଷ୍କାର କରିପାରେ ତା' ଜୀବନର ଲକ୍ଷ୍ୟ ଓ ପଥ। ନୀଳକଣ୍ଠ-ମାନସ ରହିଥିଲା ସେଇ ଉଜ୍ଜ୍ୱଳତାରେ ଚିରଉଦ୍ଭାସିତ। ସେଥିପାଇଁ ସାମାଜିକ କୁସଂସ୍କାର ପ୍ରତି ଭ୍ରୂକ୍ଷେପ ନ କରି ନିଜସ୍ୱ ବ୍ୟକ୍ତି ସ୍ୱାଧୀନତାରେ ରହିପାରିଥିଲେ ଅବିଚଳିତ। ଜୀବନକାଳରେ ସ୍ୱଦେଶକୁ ଯେଉଁ ରୂପରେ ଦେଖୁଛନ୍ତି, ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ଏହାକୁ ଉନ୍ନତ ଅବସ୍ଥାରେ ଦେଖି ପୃଥିବୀରୁ ବିଦାୟ ନେବେ ବୋଲି ଗୋପବନ୍ଧୁ ଗୋଦାବରୀଶଙ୍କ ସହ ସେ ଯେପରି ଶପଥବଦ୍ଧ ହୋଇଥିଲେ, ସେଇ ଦୃଶ୍ୟ ଆଜି ବି ଥରାଇଦିଏ ଛାତି। କାହିଁ କେଉଁ ଉଚ୍ଚଶିକ୍ଷିତ କୌଣସି ତରୁଣ ଗୋଷ୍ଠୀ ସେପରି ପ୍ରତିଜ୍ଞାବଦ୍ଧ ହେବାର ଅନ୍ତର୍ଭେଦୀ ଦୃଶ୍ୟ ଆଉ ଆମର ଦୃଷ୍ଟିପଥାରୂଢ଼ ହେଉ ନାହିଁ ତ ଆଜି!

ଏହି ଦୃଢ଼ତା ନୀଳକଣ୍ଠଙ୍କ ମଧ୍ୟରେ ରହିଥିଲା ଏକ ଜ୍ୟୋତିର୍ମୟ ସୁଉଚ୍ଚ ସ୍ତମ୍ଭ ସଦୃଶ। ସେହି ସାହସ, ଶକ୍ତି ଓ ଶ୍ରଦ୍ଧା ହୃଦୟରେ ଧରିରଖି ସେ ଗ୍ରହଣ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ। ବାହ୍ୟ ରୂପରେ ଯିଏ ଅତ୍ୟନ୍ତ କଠୋର, ଦୃଷ୍ଟି ଯାହାଙ୍କ ଛୁରିକା ଠାରୁ ଆହୁରି ତୀକ୍ଷ୍ଣ ସେ ପୁଣି ରାମଚଣ୍ଡୀଠାରେ ନିଜ ଛାତ୍ରମାନଙ୍କ ଗଭୀର ସୁଷୁପ୍ତି ମଧ୍ୟରେ ଉତ୍କଳର ଗୌରବମୟଅତୀତକୁ ଦେଖିପାରନ୍ତି ସାରାରାତ୍ରି ବିନିଦ୍ର ରହି! ଛାତ୍ରମାନେ ଯାହା ସ୍ୱପ୍ନରେ ଦେଖୁଥିଲେ ତାହାକୁ

**ସାହିତ୍ୟ ସରିତ୍**

ନୀଳକଣ୍ଠ ବର୍ଣ୍ଣନା କରିଛନ୍ତି ନା ଛାତ୍ରମାନଙ୍କ ମାନସ ପଟରେ ନିଜେ ସୃଷ୍ଟି କରିଦେଇଛନ୍ତି ଏକ ସ୍ୱତନ୍ତ୍ର ସ୍ୱପ୍ନ ରାଜ୍ୟ? ଯେଉଁମାନେ ଉଚ୍ଚକୋଟୀର ଶିକ୍ଷକ ସେମାନେ ନିଜେ କେବଳ ସ୍ୱପ୍ନ ଦେଖନ୍ତି ନାହିଁ। ସେମାନେ ରହନ୍ତି ଜାଗ୍ରତ ଆଉ ଛାତ୍ରମାନଙ୍କୁ ଉଦ୍ବେଳିତ କରିନେଇ ପାରନ୍ତି ନିଜ ଆକାଂକ୍ଷା ଅନୁସାରେ ଏକ ମହତ୍ତର ସ୍ୱପ୍ନର ଅପୂର୍ବ ଜଗତକୁ। 'କୋଣାର୍କେ' କାବ୍ୟ ରଚନା କରି ନୀଳକଣ୍ଠ ତାହା ହିଁ କରିପାରିଛନ୍ତି। ସେ ନିଜ ସୃଜନଶୀଳ ଆତ୍ମାକୁ ଯୋଡ଼ି ଦେଇ ପାରୁଥିଲେ ବିଶ୍ୱସାହିତ୍ୟର ଶ୍ରେଷ୍ଠସ୍ରଷ୍ଟାମାନଙ୍କ ସହିତ। ଏହି ରହସ୍ୟମୟ ସଂଯୋଗ ଦ୍ୱାରା ଇଂରାଜୀ କବି ଟେନିସନ ପ୍ରବେଶ କଲେ ନୀଳକଣ୍ଠଙ୍କ ଅନ୍ତର ଭିତରେ। ରୂପାନ୍ତରିତ କରିଦେଲେ ନିଜକୁ ନୀଳକଣ୍ଠ ରୂପରେ ଆଉ ନିଜ ଇଂରାଜୀ କାବ୍ୟକୁ ରୂପାୟିତ କରିଦେଲେ ଖାଣ୍ଟି ଓଡ଼ିଆରେ। କିଏ ଟେନିସନ ଆଉ କିଏ ନୀଳକଣ୍ଠ ତାହା ବିଚକ୍ଷଣ ସମାଲୋଚକମାନେ ମଧ୍ୟ ଭିନ୍ନ ଭିନ୍ନ କରି ପ୍ରମାଣିତ କରିଦେଇ ପାରିବେନି 'ଦାସ ନାଏକ' ଓ 'ପ୍ରଣୟିନୀ' କାବ୍ୟ ଦୁଇଟିରେ।

କାବ୍ୟଶିଳ୍ପୀ ଭାବରେ ନୀଳକଣ୍ଠ ଯେପରି ପାଠକର ହୃଦୟକୁ ଉଦବେଳିତ କରିଦେଇପାରନ୍ତି, ଗଦ୍ୟଶିଳ୍ପୀ ରୂପରେ ସେହିପରି ଚେତନା ଉଦ୍ରେକ-କ୍ଷମ ଭୂମିକା ଗ୍ରହଣ କରନ୍ତି ନିର୍ଭୀକ ଭାବରେ। ନୀଳକଣ୍ଠଙ୍କ ପ୍ରବନ୍ଧ ପାଠ କଲେ ଜାତୀୟତାବୋଧର ଭିତ୍ତିଭୂମି ସୁଦୃଢ଼ ହୋଇଯିବ ଯେକୌଣସି ସ୍ୱାଭିମାନୀ ତରୁଣ ଆତ୍ମାରେ। 'ଅଛୁ ଓ ହେବୁ' ପ୍ରବନ୍ଧଟି ପାଠ କରନ୍ତେ କି ଓଡ଼ିଶାର ଛାତ୍ର ସମାଜ! ଆମେ ଯେପରି ଅଛୁ ସେଇପରି ଅପରିବର୍ତ୍ତିତ ହୋଇଥିବାରେ କି ବା ସ୍ୱାଦ କି ସାର୍ଥକତା ନିହିତ? ନୀଳକଣ୍ଠଙ୍କ ସଂସ୍କାର ଅଭିମୁଖୀ ଲେଖନୀ ସୃଷ୍ଟି କରିପାରେ 'ମୋ ନିଶ' ପରି ପ୍ରବନ୍ଧ। ସାମ୍ପ୍ରତିକ ପରିସ୍ଥିତିରେ ସଂସ୍କାର ଆଣିବା ପାଇଁ ପ୍ରେରଣାର ଏହା ଏକ ଜ୍ୟୋତିଶିଖା।

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଲେଖି ସେ ସାହିତ୍ୟର ଇତିହାସକୁ ଉପସ୍ଥାପନ କରିବାରେ ଯେଉଁ ନୂତନ ଚାହାଣୀ ଓ ଚମକର ପରିଚୟ ଦେଇଛନ୍ତି, ତାହା ଆମ ଚଳଣି ଉପରେ ପ୍ରଭାବ ନ ପକାଇବ କିପରି? ନୀଳକଣ୍ଠ ଜାତୀୟସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ରାଜନୈତିକ ଜୀବନରେ। ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କ ସଂସ୍ପର୍ଶରେ ଆସିବାର ବିରଳ ସୁଯୋଗ ପାଇଛନ୍ତି। ନିଜ ଦ୍ୱାରା ପ୍ରକାଶିତ ପତ୍ରିକାର ନାମକରଣ 'ନବଭାରତ' ରଖିବା କେତେ ତାତ୍ପର୍ଯ୍ୟ ବହନ କରେ ପ୍ରକୃତରେ! ଆଜିବି ତାହାର ନୂତନ ପ୍ରସ୍ଥ ଦୈନିକ 'ସମାଜ'ରେ ପ୍ରତି ରବିବାର ଦିନ ଲକ୍ଷାଧିକ ପାଠକଙ୍କ ସୁଦୃଷ୍ଟି ଆକର୍ଷଣ କରିପାରେ। ଆତ୍ମଜୀବନୀର ପୃଷ୍ଠା ଓଲଟାଇବା ମାତ୍ରକେ କେତେ ଅନୁଦଘାଟିତ ସତ୍ୟ ଉପରୁ ପରଦା ହଟିଯାଏ। ନୀଳକଣ୍ଠଙ୍କ ପରି ଆଉ ଦ୍ୱିତୀୟ ପ୍ରଜ୍ଞାପୁରୁଷଙ୍କ ଆବିର୍ଭାବ ସମ୍ଭବ ହୋଇ ନାହିଁ ଆଜିପର୍ଯ୍ୟନ୍ତ। ଭବିଷ୍ୟତରେ ତାଙ୍କ ଚେତନାର ଆଲୋକ ଆଉ ଥରେ ସମୁଜ୍ଜ୍ୱଳ କରିଦେଇ ପାରିବ ନାହିଁ ଓଡ଼ିଶା ମାଟିକୁ? ଏହା କ'ଣ ଅସମ୍ଭବ??

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୃହ ବିଭାଗ ଅସୁସ୍ଥ, ମୁଖ୍ୟମନ୍ତ୍ରୀ ଅସହାୟ: ବିଜେଡି



- ସରକାରଙ୍କ ଦାୟିତ୍ୱହୀନତା ଓ ନିଷ୍କ୍ରିୟତା ପାଇଁ ଜଳୁଛନ୍ତି ଛାତ୍ରୀ
- ଆଉ କେତେଜଣ ଜଳିଲେ ଚେତିବେ ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୬।୮ (ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ , ବଲଙ୍ଗା ନାବାଳିକାଙ୍କୁ ପୋଡ଼ି ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଞ୍ଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳି ହୋଇ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି। ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୁଲିସ୍ ବିଭାଗର ଦାୟିତ୍ୱହୀନତାକୁ ବିଜେଡି କଡ଼ା ନିନ୍ଦା ସହ ଗୃହ ବିଭାଗ ଅସୁସ୍ଥ ଓ ମୁଖ୍ୟମନ୍ତ୍ରୀ ଅସହାୟ ବୋଲି ଆକ୍ଷେପ କରିଛି।

ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ପୁଲିସର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ପୁଣି ଜଣେ ଛାତ୍ରୀଙ୍କୁ ଜୀବନ ହାରିବାକୁ ପଡ଼ିଛି। ବିଜେପି ସରକାରକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ପୀଡ଼ିତା ଛାତ୍ରୀ ଜନୈକ ଯୁବକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ ପରିବର୍ତ୍ତେ ଧମକ ଆସୁଥିବା ଫୋନ ନମ୍ବରକୁ ବ୍ଲକ କରି ନିରାପଦରେ ରହିବା ପାଇଁ ଓଲଟି ପୁଲିସ ପରାମର୍ଶ ଦେଇଥିଲା। ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ଜିରୋ ଏଫଆଇଆର ରେଜିଷ୍ଟ୍ରେସନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ନିର୍ଦ୍ଦେଶକୁ କ'ଣ ପାଇଁ ପୁଲିସ୍ ଓ ଡିଜିପି କାର୍ଯ୍ୟକାରୀ କଲେ ନାହିଁ? ଯଦି ପୁଲିସ୍ ପୀଡ଼ିତାଙ୍କ ଏତଲାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତାହେଲେ ଆଜି ଆଉ ଜଣେ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ବଞ୍ଚିଯାଇ ଥାଆନ୍ତା ବୋଲି ବିଜେଡି କହିଛି।

ସେହିପରି ପୀଡ଼ିତା ମୃତ୍ୟୁବରଣ କଲା ପରେ କେନ୍ଦ୍ରାପଡ଼ା ଏସ୍‌ପି ସେ ତଦନ୍ତ ଦାୟିତ୍ୱ ହାତକୁ ନେଇଥିବା କହିଛନ୍ତି। ତେଣୁ ପୁଲିସ୍ ତା' କାର୍ଯ୍ୟରେ ଶତପ୍ରତିଶତ ଅବହେଳା କରିଥିବା ପ୍ରମାଣିତ ହୋଇଛି। ପୁଲିସର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ଅସହାୟ। ଏହି ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ଏବଂ ଅପାରଗ ପୁଲିସ୍ ମହାନିର୍ଦ୍ଦେଶକ ତାଙ୍କ ଦାୟିତ୍ୱରୁ ଅବ୍ୟାହତି ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

# ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

ଅନୁଗୋଳ / ଛେଣ୍ଡିପଦା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଆସିଥିଲେ। ଅପରାହ୍ଣ ପ୍ରାୟ ୩ ଟାରେ ସେ ତାଙ୍କ ଭଣଜା ସହିତ ବାଇକ୍‌ରେ ଚାରିବାଟି ପେଟ୍ରୋଲ ପମ୍ପ ନିକଟରୁ ତେଲ ପକାଇ ଫେରୁଥିଲେ। ବାରମଞ୍ଚାର ରାସ୍ତାରେ ଏକ ଟ୍ରାକ୍ଟର ଧରି କିଛି ଶ୍ରମିକ ଗାଡ଼ି ଅଟକାଇ ସମ୍ପର୍କୀୟ ଯୁବକଙ୍କୁ ମାଡ଼ମାରି ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେଠାରେ ୩ ଯୁବକ ଗଣଦୁଷ୍କର୍ମ କରିବା ପରେ ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେହିଦିନ ପୀଡ଼ିତା ଓ ତାଙ୍କ ଭଣଜା ପଳାଇ ଯାଇଥିଲେ। ପରେ ୫ ତାରିଖ ଦିନ ପୀଡ଼ିତା ବାଗଡିଆ ଥାନା ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଘଟଣାରେ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ମୋବାଇଲକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ବାରମଞ୍ଚା ଗାଁର ରଞ୍ଜନ ମୁଖି ଓ ଅନ୍ୟ ଦୁଇଜଣ ନାବାଳକଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ଏପରି ଲଜ୍ଜାଜନକ ଘଟଣାକୁ ବିଜେଡି ଓ କଂଗ୍ରେସ ପକ୍ଷରୁ ଘୋର୍ ନିନ୍ଦା କରାଯିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ଭିସିରେ ହାଜର ହେଲେ ଗିରଫ ଅଧ୍ୟାପକ ସମୀର ସାହୁ

ବାଲେଶ୍ୱର, ୬।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁ ଜେଲ୍‌ରେ ଅଛନ୍ତି। ଆଜି ଦ୍ୱିତୀୟ ଥର ପାଇଁ ସମୀର ଏସଡିଜେଏମ୍‌ଙ୍କ କୋର୍ଟରେ ଭିସିରେ ହାଜର ହୋଇଥିଲେ। ଏସଡିଜେଏମ କିଶୋର କୁମାର ନାଥ ତାଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ପଚରାଉଚରା କରିବା ସହ ଖାଦ୍ୟ ଗ୍ରହଣ ସଠିକ ଭାବେ ହେଉଛି କି ନାହିଁ ପଚାରିଥିଲେ। ତେବେ ପୁଣିଥରେ ତାଙ୍କୁ ଆସନ୍ତା୧୯ ତାରିଖରେ ଭିସିରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏସଡିଜେଏମ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ପରେ ଗିରଫ ଅଧ୍ୟାପକ ଶ୍ରୀ ସାହୁ ଉପର କୋର୍ଟ ଅର୍ଥାତ ଜିଲ୍ଲା ଦୌରାଜଜ କୋର୍ଟରେ ଚଳିତ ମାସ ୧ତାରିଖରେ ଜାମିନ ଆବେଦନ କରିଥିଲେ। ଆଜି କୋର୍ଟରେ ତଳ କୋର୍ଟର ରେକର୍ଡ ଅର୍ଥାତ (ଏଲସିଆର) ଏବଂ ସିଡି କଲ ହୋଇଥିଲା। ଆସନ୍ତା ୧୨ ତାରିଖରେ ତାଙ୍କର ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାଯାଇଛି।

# ସବୁ ରେଲୱେ ଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡରେ ଖୋଲିବ ସ୍ତନ୍ୟପାନ କେନ୍ଦ୍ର

- ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳିତ
- ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଶିଶୁ ସ୍ତନ୍ୟପାନ କକ୍ଷ ଲୋକାର୍ପଣ

ଭୁବନେଶ୍ୱର,୬।୮ (ସମିସ): ଏଣିକି ସମସ୍ତ ସରକାରୀ ଓ ବେସରକାରୀ ସର୍ବସାଧରଣ ସ୍ଥାନରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରାଯିବ। ସମସ୍ତ ରେଲୱେଷ୍ଟେସନ୍, ବସ୍ ଷ୍ଟପ୍‌ରେ ମଧ୍ୟ ରହିବ ସ୍ତନ୍ୟପାନ କରାଇବାର ସୁବିଧା। ସେହିପରି ଯେଉଁ ସ୍ଥାନକୁ ମହିଳାମାନେ ଆସୁଛନ୍ତି ସେହି ସ୍ଥାନରେ ବା ୱିମେନ୍ ଫ୍ରେଣ୍ଡଲି ପରିବେଶରେ ଛୁଆମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେଣ୍ଟର ଖୋଲାଯିବା ସହ ବିଶେଷକରି ରେଳଷ୍ଟେସନ୍‌ରେ ମହିଳା ଆଟେଣ୍ଡାଣ୍ଟ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।




ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନ୍‌ଭେନସେନ୍ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ୍ ମା' ହୃଦୟର ଆହୁରି ନିକଟତର ହେବା ସହ ସ୍ତନ୍ୟପାନ ଦ୍ୱାରା ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଜରାୟୁ କର୍କଟ ଭଳି ଭୟଙ୍କର ରୋଗକୁ ବହୁମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ। ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକେଇଥାଏ ବୋଲି କହିବା ସହ ଆଭାସୀ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷକୁ ଉଦ୍‌ଘାଟନ କରିଛନ୍ତି।

ସେହିପରି ଅଙ୍ଗନବାଡ଼ି ହେଲା ଶିଶୁର ଦ୍ୱିତୀୟ ମା' ଘର ବୋଲି କହି ଅଙ୍ଗନବାଡ଼ିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧୫ରୁ 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ଅଙ୍ଗନବାଡ଼ି ପରିଦର୍ଶନ ପାଇଁ ଜନସାଧାରଣଙ୍କୁ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଏହି ଅବସରରେ 'ଲୋକ କଲ୍ୟାଣ' ଅନ୍‌ଲାଇନ ୱେବ୍ ଲିଙ୍କ୍ ଫର୍ମ ଲୋକାର୍ପଣ କରିଥିଲେ। ଏହି ୱେବ୍ ଲିଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ (ଡବ୍ଲ୍ୟୁସିଡି) ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ (ଏସଏସଡବ୍ଲ୍ୟୁବି) ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ(ଓଏସଏସଡବ୍ଲ୍ୟୁବି) ଏକ ସକ୍ରିୟ ଏନ୍‌ଜିଓ ଡାଟାବେସ୍ ପ୍ରସ୍ତୁତ କରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ପ୍ରମୁଖ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶିକ ଡ. ଆଦିତ୍ୟ ମହାପାତ୍ର, ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର-ଜୁନାଗଡ଼ ରୋଡ୍- ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଏଲ୍‌ଏଚ୍‌ବି ସହ ଚଳାଚଳ କରିବ

ଭୁବନେଶ୍ୱର, ୬।୮ (ସମିସ): ଭୁବନେଶ୍ୱର-ଜୁନାଗଡ଼ ରୋଡ ମଧ୍ୟରେ ଚାଲୁଥିବା ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସରେ ଗୋଟିଏ ରେକ୍‌କୁ ଆଧୁନିକ ଲିଙ୍କେ ହଫମ୍ୟାନ୍ ବୁଶ୍ ଏଲ୍‌ଏଚ୍‌ବି କୋଚ୍ ରହିବ। ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ। ଯାତ୍ରୀମାନେ ୮ ଅଗଷ୍ଟରୁ ଏହି ସୁବିଧା ପାଇ ପାରିବେ। ବର୍ତ୍ତମାନ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଛି। ଏଲ୍‌ଏଚ୍‌ବ ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସିର ୨ଟି କୋଚ୍, ତୃତୀୟ ଏସିର ୪ଟି କୋଚ୍, ସ୍ଲିପର୍ କ୍ଲାସର ୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂର ୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍‌ର ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲ୍‌ଏଚ୍‌ବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

# ଆଜି କେନ୍ଦ୍ରାପଡ଼ା ଯିବ ପିସିସି ଅନୁଧ୍ୟାନ କମିଟି

ଭୁବନେଶ୍ୱର,୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଜଣେ + ୩ ଶେଷ ବର୍ଷ ଛାତ୍ରୀ ଆତ୍ମାହୁତି ଦେବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ୮ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ପିସିସି ଉପସଭାପତି ସସ୍ମିତା ବେହେରା କମିଟିର ଅଧ୍ୟକ୍ଷା ରହିଥିବା ବେଳେ ସମ୍ପାଦିକା ଡଃ ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ଭାବରେ ରହିଛନ୍ତି। ଏହି ଟିମ୍ ଗୁରୁବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତକୁ ୫୦%...

ଆମେରିକା ରାଷ୍ଟ୍ରପତିଙ୍କ ଏହି ୯-ସୂତ୍ର ନିର୍ଦ୍ଦେଶରେ କୁହାଯାଇଛି ଯେ ଭାରତ ସରକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୁଷଠାରୁ ତୈଳ ଆମଦାନୀ କରୁଛନ୍ତି। ତେଣୁ ଏଭଳି ସ୍ଥିତିରେ ଆମେରିକାକୁ ଆସୁଥିବା ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯିବ। ତେବେ କିଛି ସ୍ୱତନ୍ତ୍ର ପରିସ୍ଥିତିରେ ଏହି ଶୁଳ୍କରୁ ଆଶ୍ୱସ୍ତି ଦିଆଯିବ। ଯଦି କୌଣସି ସାମଗ୍ରୀ ଆସିବା ପାଇଁ ଜାହାଜରେ ଲଦା ହୋଇ ସାରିଛି କିମ୍ବା ମାର୍ଗରେ ଅଛି, କିମ୍ବା କିଛି ନିର୍ଦ୍ଦିଷ୍ଟ ତାରିଖରେ ଆମେରିକା ପହଞ୍ଚି ସାରିଛି ତେବେ ତାହା ଉପରେ ଅତିରିକ୍ତ ଶୁଳ୍କ ଲାଗିବ ନାହିଁ। ତେବେ ଷ୍ଟିଲ, ଆଲୁମିନିୟମ, ଫାର୍ମା ସାମଗ୍ରୀକୁ ଏହି ଶୁଳ୍କରୁ ବାଦ୍ ଦିଆଯାଇଛି। ଏହି ଶୁଳ୍କ ଘୋଷଣା କରି ରୁଷରୁ ସାମଗ୍ରୀ ଆସିବା ଉପରେ କଟକଣା ଲଗାଉଥିବା ବିଭିନ୍ନ ଆଇନ ବିଷୟରେ ଟ୍ରମ୍ପ ଆଲୋଚନା କରିଛନ୍ତି। ରୁଷ୍‌ଠାରୁ ସାମଗ୍ରୀ ଆଣିବା ଦ୍ୱାରା ଦେଶର ବୈଦେଶିକ ନୀତି ପ୍ରଭାବିତ ହେଉଛି ବୋଲି ଟ୍ରମ୍ପ କହିଛନ୍ତି। ସେ ଭାରତ ସହିତ ଅନ୍ୟ ଦେଶମାନଙ୍କୁ ମଧ୍ୟ ଧମକ ଦେଇଛନ୍ତି। ଆମେରିକା ବିରୋଧରେ ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ନୂଆ ନିର୍ଦ୍ଦେଶକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ସଂଶୋଧନ କରିପାରନ୍ତି ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ଏହା ସହିତ ରୁଷ୍ ସହ ବାଣିଜ୍ୟ କାରବାର କରୁଥିବା ଅନ୍ୟ ଦେଶମାନଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ୨୪ ଘଣ୍ଟା ତଳେ କହିଥିଲେ ଯେ ଭାରତ, ରୁଷ୍ ସହ ବ୍ୟବସାୟ କରି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଯୋଗାଉଛି। ଏଥିଯୋଗୁଁ ଆମେରିକାକୁ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେ ଧମକ ଦେଇ ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଶୁଳ୍କ ଲଗାଇବେ ବୋଲି କହିଥିଲେ।

### ୬୫ ଲକ୍ଷର ହିସାବ...

କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ ଯେ ସଂଶୋଧିତ ତାଲିକାରେ ଏମିତି ୭୫ ଭାଗ ଭୋଟରଙ୍କ ନାମ ସ୍ଥାନ ପାଇଛି, ଯେଉଁମାନେ ଭୋଟର ଫର୍ମ ପୂରଣ କରିଛନ୍ତି, କିନ୍ତୁ ପ୍ରମାଣ ଲାଗି ଯେଉଁ ୧୧ଟି ପ୍ରମାଣପତ୍ରର ସର୍ତ୍ତ ରଖାଯାଇଛି, ସେଥିରୁ ଗୋଟିଏ ହେଲେ ଦସ୍ତାବିଜ ଦାଖଲ କରି ନାହାନ୍ତି। କିନ୍ତୁ ବୁଥ୍ ଅଫିସରଙ୍କ ସୁପାରିସ କ୍ରମେ ସେମାନଙ୍କ ନାମକୁ ସଂଶୋଧିତ ତାଲିକାରେ ସାମିଲ କରାଯାଇଛି। କେଉଁ ଆଧାରରେ କମିସନ ଏଭଳି ପଦକ୍ଷେପ ନେଇଛନ୍ତି? ଏହା ଏକ ଗୁରୁତର ପ୍ରସଙ୍ଗ ଏବଂ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହି ଅଭିଯୋଗ ଶୁଣିବା ପରେ କୋର୍ଟ କହିଲେ ଯେ ଆସନ୍ତା ୧୨ ତାରିଖରେ ଏହି ମାମଲା ଉପରେ ଶୁଣାଣି କରାଯିବ। ସେହି ସମୟରେ ଆବେଦନକାରୀ ତଥ୍ୟ ସହିତ ଏହି ଅଭିଯୋଗ ଉପସ୍ଥାପିତ କରିପାରିବେ।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ଜୁନ୍ ୨୪ ତାରିଖରେ ଦେଇଥିବା ଏସ୍‌ଆଇଆର୍ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମ କୋର୍ଟ କମିସନଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୧୨ ଓ ୧୩ ତାରିଖରେ ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କାରିଛନ୍ତି। କୋର୍ଟ ଏହାସହିତ ସ୍ପଷ୍ଟ କରିଥିଲେ ଯେ ତାଲିକା ସଂଶୋଧନ ବେଳେ ବହୁସଂଖ୍ୟାରେ ଭୋଟର ବାଦ୍ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିବାକୁ ବାଧ ହେବେ।

ଗତ ଅଗଷ୍ଟ ପହିଲା ତାରିଖରେ ନିର୍ବାଚନ କମିସନ ବିହାର ଭୋଟରଙ୍କ ଚିଠାତାଲିକା ପ୍ରକାଶ କରିଥିଲେ। ଏଥିରେ ୭ କୋଟି ୨୪ ଲକ୍ଷ ଭୋଟର ସ୍ଥାନ ପାଇଥିବା ବେଳେ ୬୫ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଯେଉଁମାନଙ୍କର ନାମ ବାଦ୍ ପଡ଼ିଛି, ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ଲୋକ ମୃତ, ୩୬ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଲୋକଙ୍କ ନାମ ଏକାଧିକ ରାଜ୍ୟରେ ସ୍ଥାନ ପାଇଛି। ତେବେ ସେମାନଙ୍କର ନାମ ଦିଆଯାଇ ନାହିଁ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.25-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ କୋଲକାତା-ଚେନ୍ନାଇ ମେନ୍ (Main) ଲାଇନ୍‌ରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନଗୁଡ଼ିକ ମଧ୍ୟସ୍ଥ NH-200(ନୂଆ NH-53)ର କି.ମି.370/25-27 ଠାରେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):15,29,188.76, EMD (ଟଙ୍କାରେ) : 30,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-437/Q/25-26

**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 4434 / dt.05.08.2025**

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"Supplying, providing and fixing of Pre-Cast RCC slab over drain at different places of Paradeep Municipality area"** DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.07.08.2025 to dt.18.08.2025. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.19.08.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Executive Officer
Paradeep Municipality

OIPR-13120/11/0063/2526 C-817

**GOVERNMENT OF ODISHA**

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID – ori-narayanpatna@nic.in**

**Letter No. 2630/2025/TCN.06/2025-26 / Dated. 06.08.2025**

**NOTICE INVITING TENDER**

**Bid Identification No. 06 of 2025-26 of B.D.O. Narayanpatna**

1. Bid documents consisting of specification, the Bill of Quality, and the Tender Call Notice can be seen in the Govt. website: http://tendersorissa.gov.in/nicgep/app.
2. The Block Development Officer, Narayanpatna, Dist- Koraput, Pin-764014 (Odisha) invites Percentage rate Bids in Single cover System on behalf of Governor of Odisha in electronic tendering system for the construction works detailed in the table conforming with the terms and conditions of D.T.C.N. from the eligible civil contractors as mentioned in column (4), registered with the Odisha State Govt. and contractors of equivalent grade/class registered with Central Govt. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of 1 Nos of Addl. Classroom at Rangapani PS | 14,14,652.00 | "C" & "D" | 6000/- | 14200/- | 06 Months |
| 2 | Construction of 1 Nos. of Addl. Classroom at Jhodipadar PS | 8,87,232.00 | "C" & "D" | 6000/- | 9000/- | 06 Months |
| 3 | Construction of 1Nos of Addl. Classroom at Kelubadi UPS | 8,95,637.00 | "C" & "D" | 6000/- | 9000/- | 06 Months |

**03 (Three) No. of works only**

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **11.08.2025** at 11.00 Hours to **25.08.2025** up to 17.30 Hours |
| Bid clarification start date & closing date | **11.08.2025 to 25.08.2025** during office hours |
| Offline documents received through Speed Post/ Registered Post | **From 11.08.2025 at 17.30Hours to 30.08.2025 at 11.00 Hours** |
| Date, time and venue of opening of bid online | **(01.09.2025 at 11.00 Hours)**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **01.09.2025 at 11.00** Hours onwords. |
| If stipulation arises the tender will be decided through Lottery System | **(01.09.2025 at 11.30 Hours)** Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

**AFFIDAVIT**

By virtue of an affidvit no.1191, dtd. 21.06.2025 before the Notary Public, Koraput, I, Singisetty Jayashree, have changed my name from Maddi Jayashree to Singisetty Jayashree. Henceforth I shall be known as Singisety Jayashree vide Aadhaar no. 331308857113 also for all purposes.

Sd/- Singisetty Jayashree

**NOTICE**

By virtue of an affidavit sworn before The Notary Public, Sunabeda dated 04/08/2025, I, Smt. Muktarbanu Bibi, D/o- Rahimat Khan, Vill.- Patrapandi, Po.- Thuba, Ps.- Padwa, District- Koraput declare that I have changed my name from **Muktarban Begam** to **Muktarbanu Bibi**. Henceforth, I shall be known as **Muktarbanu Bibi** for all purposes.

Sd/- **Muktarbanu Bibi**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 05.08.2025, I Manarama Mandal, Address At-Singtia, Po-Singtia, Ps-Badasahi, Dist-Mayurbhanj, State- Odisha, Pin-757026 declare that I have changed my name from Manorama Mandal to Manarama Mandal. Henceforth , I shall be known as Manarama Mandal for all purpose.

Manarama Mandal

**AFFIDAVIT**

By virtue of an affidavit before the Executive Magistrate, Balasore, I Shaikh Azad Alli, S/o- Sk Maphijuddin, At-Khaparapada P/S-Sahadevkunta, P.o/Dist: Balasore, Pin -756001, Odisha declared by this affidavit no-8395 dt-22.07.2025 that now onwards I shall be known as **Shaikh Azad Alli** instead of Shaikh Ajad Alli and Sk Ajad Alli for all future purpose .

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025, I, Sri Narayan Hantal, S/o- Kanda Hantal, Vill.- P. Khilaput, Po.- Bheja, Ps.- Padwa, District- Koraput declare that I have changed my daughter's name from **Iswari Hantal** to **Bhumika Hantal**. Henceforth, my daughter shall be known as **Bhumika Hantal** for all purposes.

Sd/- **Narayan Hantal**

**AFFIDAVIT**

By virtue of an affidavit sworn before the Notary Public, Nuapada dated 04/08/2025, I REENA MAJHI of village Kureswar, PO- Kureswar, PS- Komna, Dist.: Nuapada (Odisha) PIN- 766106 do hereby declare that I have changed my name Reena Majhi, D/o- Damburudhar Majhi from Gharamani Majhi D/o- Damburudhar Majhi. Henceforth, I shall be known as Reena Majhi for all purposes.

Reena Majhi

**AFFIDAVIT**

By virtue of an affidavit no. 274 dtd 07/04/2025 in the court of the Executive Magistrate, Nabarangpur, I Sabetri Soura, and Debaki Soura are same person, Worngly mentioned as Debaki Soura on my AADHAR, Henceforth I shall be known as Sabetri Soura as per my aadhar bearing number 643176179768 for all purpose.

Sd/- Sabetri Soura

**AFFIDAVIT**

I, Priyanka Priyadarsni Panda, D/o- Muna Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN-753003, Odisha declared by this affidavit No. 1530, dtd- 01/08/2025 that now onwards I shall be known as **PRIYANKA PRIYADARSHANI PANDA** for all future purposes.

**AFFIDAVIT**

I, Sarbeswar Samantarya, S/o- Lochan Samantaray, resident of At- Krushnapur, Po- Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No-615, dtd- 05/08/2025 that now onwards I shall be known as **SARBESWAR SAMANTARAY** for all future purposes.

**AFFIDAVIT**

I, Ranjan Kumar Samantarya, S/o- Sarbeswar Samantaray, resident of At- Krushnapur, Po-Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No. 616, dtd- 05/08/2025 that now onwards I shall be known as **RANJAN KUMAR SAMANTARAY** for all future purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 06/08/2025. I, **Jyosna Bhoi,** aged about 44 years, W/o- Jalandhara Bhoi, Permanent resident of At- Sinapali, P.O. Rigdul, P.S. Titilagarh, Dist- Bolangir, (Odisha), PIN- 767033, now residing at the same place affirm that I have changed my minor daughter's name from **Lipsha Bhoi** (old name) to **Lily Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Lily Bhoi** (new name).

**JYOSNA BHOI**

**AFFIDAVIT**

I Ranjan Khatua, S/o- Banshidhar Khatua, resident of village- Daruha, Po-Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2792/ dtd- 25/07/2025 that my actual name is Ranjan Khatua in all educational Certificates and Voter ID, that wrongly mentioned as Ranjita Khatua in Adhar. Ranjan Khatua and Ranjita Khatua is one & same person.Hence I shall be known as Ranjan Khatua for all future purpose.

**ଘୋଷଣା**

ମୁଁ, ଜେ. ସନ୍ତୋଷ ପୃଷ୍ଟି, ପିତା-ଜେ. ମୋହନ ପୃଷ୍ଟି, ଠିକଣା:- ଏଲବି-୨୪୪,ଫେଜ-୨, ଭୀମଟାଙ୍ଗି, ଥାନା-ଏୟାରଫିଲଡ୍, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଅଛି ଯେ, ମୋ ବାପାଙ୍କ ବୟସାଧିକ ହେତୁ ତାଙ୍କର ମାନସିକ ଭାରସାମ୍ୟ ଠିକ ରହୁନାହିଁ। ମୁଁ ଜାଣିବାକୁ ପାଉଛିଯେ ମୋ ବାପାଙ୍କ ନାମରେ ଥିବା ସମ୍ପତ୍ତି ମୌଜା- ଭୁବନେଶ୍ୱର ସହର, ୟୁନିଟ-୨୩, କପିଳପ୍ରସାଦ, ଖାତା ନଂ- ୧୨୦୬/୪୮୩, ପ୍ଲଟ ନଂ-୧୫୧୩/୩୬୨୯, ଏରିଆ ଏ.୦.୩୧ ଡେସିମିଲକୁ କିଛି ଖଳ ପ୍ରକୃତିର ଲୋକ କିଣାବିକା ଏବଂ ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏଣୁଯଦି କେହି ଏହି ସମ୍ପତ୍ତିକୁ କିଣାବିକା କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ଏବଂ ସମ୍ପୃକ୍ତ ବ୍ୟକ୍ତି ଆଇନ ଅନୁଯାୟୀ ଦଣ୍ଡିତ ହେବେ।

ଜେ. ସନ୍ତୋଷ ପୃଷ୍ଟି

### ସରକାରୀ ନିର୍ଦ୍ଦେଶନାମା କାଗଜକଲମରେ ସୀମିତ

# ପିଲାଙ୍କ ବ୍ୟାଗ ଓଜନ କଟକଣାକୁ ମାନୁନାହାନ୍ତି କର୍ତ୍ତୃପକ୍ଷ

ବନ୍ତ/ଆଗରପଡ଼ା,୬।୮ (ସମିସ)



କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଣାଳୟ ପକ୍ଷରୁ ରାଜ୍ୟର ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କ ବ୍ୟାଗ ଓଜନ ଉପରେ କଟକଣା କରାଯାଇଛି। ଉକ୍ତ ନିର୍ଦ୍ଦେଶକୁ ଇତିମଧ୍ୟରେ ୭ ବର୍ଷ ପୂରିବା ସହ ରାଜ୍ୟରେ ଆଉ ଏକ ନୂତନ ଶିକ୍ଷାବର୍ଷର ପାଠପଢାକୁ ୩ ମାସ ବିତିଗଲାଣି ; କିନ୍ତୁ ନିର୍ଦ୍ଦେଶନାମା କେବଳ କାଗଜ କଲମରେ ସୀମିତ ରହିଛି। ଏଥିପ୍ରତି ନା ବିଭାଗୀୟ ଅଧିକାରୀ ନା ସ୍କୁଲ କର୍ତ୍ତୃପକ୍ଷ କେହି ବି ନିୟମକୁ ପାଳନ କରୁଛନ୍ତି। ଯଦ୍ଦ୍ୱାରା ବର୍ତ୍ତମାନ ବ୍ୟାକଫୁଟରେ ରହିଯାଇଛି ସରକାରୀ ନିୟମ। ଫଳରେ ଅଭିଭାବକଙ୍କ ଚିନ୍ତା ବଢିବାରେ ଲାଗିଛି। ସରକାରୀ ନିର୍ଦ୍ଦେଶନାମାରେ ଛାତ୍ରଛାତ୍ରୀ ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବ୍ୟାଗ ଯେମିତି ପରିବହନ ନକରନ୍ତି ସେଥିପ୍ରତି ଗୁରୁତ୍ୱ ଦେବା ସହ ଜିଲ୍ଲାସ୍ତରିୟ କମିଟି ଗଠନ କରିଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ ପାଳନ ହୋଇନାହିଁ। ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୮ ତାରିଖ ଗାଇଡ଼ଲାଇନ ଅନୁସାରେ ପିଲାଙ୍କ ସ୍କୁଲବ୍ୟାଗ ପରିବହନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ସ୍କୁଲକୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସଂପର୍କରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ହାଇକୋର୍ଟରେ ମଧ୍ୟ ସତ୍ୟପାଠ ଦାଖଲ କରିଥିଲେ। ୨୦୧୮ ମସିହା ଅକ୍ଟୋବର ୨୦ ତାରିଖରେ ଜାରି ହୋଇଥିବା ଗାଇଡଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫ କେ.ଜି ରଖାଯାଇଥିବା ବେଳେ ତୃତୀୟରୁ ୫ମ ଶ୍ରେଣୀର ପିଲାଙ୍କ ପାଇଁ ୨ରୁ ୩ କେ.ଜି. ୬ଷ୍ଠ ଓ ୭ମ ଶ୍ରେଣୀର ପିଲାଙ୍କ ପାଇଁ ୪ କେ.ଜି, ୮ମ ଓ ୯ମ ଶ୍ରେଣୀର ପିଲାଙ୍କ ପାଇଁ ୪.୫ କେ.ଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେ.ଜି ଓଜନର ବ୍ୟାଗ ବ୍ୟବହୃତ କରିପାରିବେ। ଏହା ଠାରୁ ଅଧିକ ଓଜନର ବ୍ୟାଗ ନେବା ପାଇଁ କଟକଣା ଜାରି କରାଯାଇଛି। ତତ୍ ସହିତ କୌଣସି ବି ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ୧ମ ଓ ୨ୟ ଶ୍ରେଣୀର ପିଲାଙ୍କୁ ହୋମୱାର୍କ କରିବାକୁ ନ ଦେବାକୁ ଏହି ଗାଇଡ଼ଲାଇନରେ ସ୍ପଷ୍ଟ ସୂଚନା ଦିଆଯାଇଛି। ଏନସିଇଆରଟି ନିୟମ ଅନୁଯାୟୀ ୧ମ ଓ ୨ୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଭାଷା ଓ ଗଣିତ ବ୍ୟତିତ ଆଉ କୌଣସି ବିଷୟରେ ଶିକ୍ଷା ଦେବେ ନାହିଁ। ତୃତୀୟରୁ ୫ମ ଶ୍ରେଣୀର ପିଲାମାନଙ୍କ ପାଇଁ ଭାଷା, ଇଭିଏସ ଓ ଗଣିତ ଶିକ୍ଷା ଦେବା ସହ ଅତିରିକ୍ତ ବହି ଓ ସାମଗ୍ରୀ ଆଣି ବିଦ୍ୟାଳୟକୁ ଆସିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ କହିପାରିବେ ନାହିଁ। ଯଦି କୌଣସି ବିଦ୍ୟାଳୟ ଉପରୋକ୍ତ ନିୟମ ଉଲଂଘନ କରୁଥିବେ ତେବେ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସୂଚନା ଦିଆଯାଇଛି କିନ୍ତୁ ଏହାକୁ ଆଜି ପର୍ଯ୍ୟନ୍ତ କେହିପାଳନ କରିନାହାନ୍ତି। ଏଠାରେ ପ୍ରକାଶ ଥାଉକି, ଛୋଟଛୋଟ ପିଲାମାନଙ୍କ ପାଠପଢା କଥା ଯାହା ହେଉନା କାହିଁକି ପ୍ରତିଦିନ ପାଠ୍ୟପୁସ୍ତକ ଭର୍ତ୍ତି ବ୍ୟାଗକୁ ନେଇ ସ୍କୁଲକୁ ଯିବା ଆସିବା କରିବା . ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଜଣେ ପିଲାର ଓଜନଠାରୁ ସ୍କୁଲ ବ୍ୟାଗ ଓଜନ ୧୦ ପ୍ରତିଶତ ଅଧିକ ହେବ ନାହିଁ ବୋଲି ଗାଇଡ଼ଲାଇନ୍ ପ୍ରକାଶ ପାଇଥିଲେ ସୁଦ୍ଧା ଏହି ଗାଇଡ଼ଲାଇନ ବନ୍ତ ବ୍ଲକ ଓ ତା ଆଖପାଖ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଛୋଟଛୋଟ ପିଲାମାନେ ପାଠ୍ୟପୁସ୍ତକ ଭର୍ତ୍ତି ଓଜନଦାର ବ୍ୟାଗ୍ ଧରି ସ୍କୁଲକୁ ନିୟମିତ ଯାଉଥିବାର ଦେଖିବାକୁ ମିଳୁଛି। ଏଠାରେ ବେସରକାରୀ ତଥା ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଞ୍ଚଳରୁ ବହୁ ପିଲା ବରପଦା, ଭଦ୍ରକ ଆଦି ସ୍ଥାନରେ ଥିବା ସ୍କୁଲକୁ ପଢିବା ପାଇଁ ଯାଉଛନ୍ତି। ଏଥିରେ ପଢାଖର୍ଚ୍ଚ ଅଧିକ ହେବା ଅଭିଭାବକ ମାନଙ୍କୁ ଯେତିକି ବାଧୁ ନାହିଁ, ପିଲାଙ୍କ ଓଜନଦାର ବହି ଭର୍ତ୍ତି ବ୍ୟାଗ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତବ୍ୟକ୍ତ କରୁଛନ୍ତି। ବିଭିନ୍ନ ଆଳରେ ବହୁ ସ୍କୁଲ ଏହାକୁ ଆଜି ପର୍ଯ୍ୟନ୍ତ ଏଡ଼ାଇ .ଲିବା ସହ ସରକାରଙ୍କ ଦ୍ୱାରା ପ୍ରକାଶ ଗାଇଡ଼ଲାଇନ ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନଥିବାରୁ ଏଥି ପାଇଁ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ଚଳିତ ଶିକ୍ଷା ବର୍ଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ଦାବି ହେଉଛି।

## ପୋଖରୀରେ ବୁଡି ଚାଷୀଙ୍କ ମୃତ୍ୟୁ

ତିହିଡ଼ି,୬।୮ (ସମିସ): ତିହିଡ଼ି ବ୍ଲକ ଅଧୀନ ହରିସିଂହପୁର ଗ୍ରାମର ଜନୈକ ଚାଷୀ ଆଜି ପୋଖୀରେ ପଡ଼ିଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ରବୀନ୍ଦ୍ର ଦାସ (୫୮)। ବୁଧବାର ସେ ବିଲରେ ଚାଷ କାର୍ଯ୍ୟ ଶେଷ କରି ଘରକୁ ଫେରିଥିଲେ। ନିକଟରେ ଥିବା ଏକ ପୋଖୀରେ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡି ଯାଇଥିଲେ। ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୬।୮ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବନ୍ଧଗାଁ ଗ୍ରାମପଞ୍ଚାୟତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରି.ଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମ ବିଭାଗ କାର୍ଯ୍ୟାଳୟ ଦ୍ୱାରା ମୃତ୍ୟୁକାଳୀନ, ଶିକ୍ଷା, ବିବାହ ପାଇଁ ୭ଜଣ ହିତାଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ୩ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଏବଂ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ଅତିଥି ଭାବରେ ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ସହାୟକ ଅଧିକାରୀ, ସୌମ୍ୟଜିତ୍ ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ସଞ୍ଜିତ୍ ଦେଓ, ସହାୟକ ଶ୍ରମ ଅଧିକାରୀ, ଭଦ୍ରକ, ତାପସ କୁମାର ମହାନ୍ତି, ସହାୟକ ଏଲ୍.ଏ.ଡିସ୍.ଏସ୍, ଭଦ୍ରକ, ସମସ୍ତି ମହାନ୍ତି, ଜିପିଡ଼ିଓ, ଭଦ୍ରକ, ନିରୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧପନ୍ତରିଆ କଲ୍ୟାଣ ମଣ୍ଡପ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର

‘ସକାଳ’ ପ୍ରଭାବ



ବନ୍ତ/ଆଗରପଡ଼ା,୬।୮ (ସମିସ): ଜୁନ ୧୨ ତାରିଖରେ ‘କଲ୍ୟାଣ ମଣ୍ଡପ ନିର୍ମାଣ ସରିବାର ନା ଧରୁନି’ ଏକ ଶୀର୍ଷକ ଖବର ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତରେ ଅଧପନ୍ତରିଆ ହୋଇ ପଡ଼ିରହିଥିବା କଲ୍ୟାଣମଣ୍ଡପର ନିର୍ମାଣ କାର୍ଯ୍ୟ ନିମନ୍ତେ ୧୦ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର ମଂଜୁର ଅର୍ଥରେ କଲ୍ୟାଣ ମଣ୍ଡପର ଛାତ ପଡ଼ିବାପାଇଁ ପ୍ରସ୍ତୁତି ଚାଲିଥିବା କନିଷ୍ଠଯନ୍ତ୍ରୀ ପ୍ରକାଶ କରିଛନ୍ତି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ପଂଚାୟତରେ ନିର୍ମାଣାଧୀନ କଲ୍ୟାଣମଣ୍ଡପରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ସମପରିମାଣର ଅର୍ଥ ମଞ୍ଜୁର ହୋଇପାରୁ ନ ଥିବାରୁ ଉକ୍ତ ମଣ୍ଡପଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଂ.ଯତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଯୋଜନାରେ ଆଉ ୧୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା। ଇତି ମଧ୍ୟରେ ୭ ବର୍ଷ ପରେ ମଧ୍ୟ ପ୍ରକଳ୍ପଟି ଅଧପନ୍ତରିଆ ହୋଇ ରହିଛି। ଏହା ସଂପୂର୍ଣ୍ଣ ହେବାକୁ ଆହୁରି ୧୫ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଉକ୍ତ ପଂ.ଯତର ତୋଟାସାହିଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଇତି ମଧ୍ୟରେ ଉକ୍ତ ପ୍ରକଳ୍ପ ନିର୍ମାଣକୁ ୫ ବର୍ଷର୍ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ। ନିର୍ମାଣକୁ ୩ବର୍ଷ ପୂରିଯିବା ପରେ ମଧ୍ୟ ପ୍ରକଳ୍ପଟି ଗ୍ରେଡ଼ ବିମରେ ଅଟକି ରହିଥିଲା। ତୋଟାସାହି ଉକ୍ତ ଅଞ୍ଚଳର ଏକ ପବିତ୍ର ସ୍ଥାନ ହୋଇଥିବା ବେଳେ ଜିଲ୍ଲାରେ ସାବିତ୍ରୀ ଆଡ଼ି ନାମରେ ପରିଚିତ ଥିବାରୁ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣର ଗୁରୁତ୍ୱ ଥିବା ସ୍ଥଳେ ଏହା ଅଧପନ୍ତରିଆ ଅବସ୍ଥାରେ ରହିଥିବା ନେଇ ବାରମ୍ବାର ଦୈନିକ ‘ସକାଳ’ରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ଅର୍ଥାଭାବରୁ ଏହା ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେହିପରି ବ୍ଲକର ବିଭିନ୍ନ ପଂଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ହେଉଛି ସତ କିନ୍ତୁ ଏଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ପଂଚାୟତର କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆବଶ୍ୟକଥିବା ଅର୍ଥ ପାଇଁ ସୁପାରିସ କରାଯାଇଛି। ଅର୍ଥ ମଂଜୁର ହେଲେ ଏହାର ନିର୍ମାଣ କାର୍ଯ୍ୟରେ ତ୍ୱରାନ୍ୱିତ ଆସିବ ବୋଲି ପ୍ରକାଶ କରିଥିଲେ। ତେଣୁ ରାଜ୍ୟର ଶାସନ ଗାଦିରେ ନୂତନ ସରକାର ବସିବାକୁ ଇତି ମଧ୍ୟରେ ୧ବର୍ଷ ପୂରଣ ହୋଇଯାଇଥିବାରୁ ଉକ୍ତ ପ୍ରକଳ୍ପର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କିପରି ହେବ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ପଂଚାୟତବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଥିବା ଖବର ଦୈନିକ ‘ସକାଳ’ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ପୁରଷଣ୍ଡ ପଂଚାୟତରେ ଅଧପନ୍ତରିଆ ଅବସ୍ଥାରେ ଥିବା କଲ୍ୟାଣମଣ୍ଡପର ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଅର୍ଥ ମଂଜୁର ହୋଇଥିବାରୁ ଅନ୍ୟ ପଂଚାୟତ ପାଇଁ ମଧ୍ୟ ବିଭାଗ ଅର୍ଥ ମଂଜୁର କରିବା ପାଇଁ ଚେଷ୍ଟିତ ହେବାକୁ ପଂଚାୟତବାସୀଙ୍କ ସମତେ ବିଭିନ୍ନ ମହଲରୁ ଦାବି ହେଉଛି।

### ଭୂମିକନ୍ୟା ମହିଳା ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ

# ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ




ଭଦ୍ରକ,୬।୮ (ସମିସ): ଭୂମିକନ୍ୟା ମହିଳା ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲରେ ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ବରେଣ୍ୟ ଅତିଥି ଉପଦେଷ୍ଟା ଇଂ.ଅଭୟ ସୁତାର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ନିହାର ରଞ୍ଜନ କର, ଡା ସଂଗୀତା ବଳ ପ୍ରମୁଖ ଯୋଗଦେଇ ଭୂମିକନ୍ୟା ମହିଳା ସଂଗଠନ ସର୍ବଦା ଜନହିତ କାର୍ଯ୍ୟ କରିବା ସହିତ ଦୁଃଖୀ, ଅସହାୟଙ୍କୁ ସାହାଯ୍ୟ କରୁଛି ବୋଲି କହିଥିଲେ। ପ୍ରତ୍ୟେକ ତ୍ରୟ ମାସିକରେ ସାହିତ୍ୟ ସଭା କରିବା ସହିତ ବୃକ୍ଷ ରୋପଣ, ଅନାଥ ଆଶ୍ରମରେ ସେବା ଯୋଗାଇଦେବା ଭଳି ମହତ ସେବା କାର୍ଯ୍ୟ କରୁଥିବାରୁ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛି ବୋଲି ମତପ୍ରକାଶ ପାଇଥିଲା। ସଂଗଠନର ସଭାପତି ସଂଯୁକ୍ତା ବଳ ନାୟକ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦିକା ଦମୟନ୍ତୀ ରାଉତ ସମ୍ପାଦକୀୟ ବିବରଣୀ ପାଠ, ଉପସଭାପତି ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶାନ୍ତିଲତା ବାରିକ, ଶିକ୍ଷୟତ୍ରୀ ମନୋରମା ରାୟ, ଗୀତାଞ୍ଜଳି ଅଗସ୍ତି, ବିଶ୍ୱ ବିଜୟିନୀ, ସଂଗୀତା ସାହୁ, ମାନସୀ ସୂତାର, ମିନତୀ ବାରିକ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଉପଦେଷ୍ଟା ସଂଯୁକ୍ତା ଯାଦବ ମଞ୍ଚ ଆମନ୍ତ୍ରଣ ଓ ଉପସଭାପତି ମମତା ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ, ଜଗା ଚାକର ସଂଘ, ଜୟ ସନ୍ତୋଷୀ ମା’ ସ୍ୱୟଂ ସହାୟକ ଗୋଷ୍ଠୀ, ଭଦ୍ରକ ସ୍ୱୟଂ ସହାୟକ ଗୋଷ୍ଠୀ, ଡାକ୍ତର ଶୁଭନ୍ତିକା ଅଙ୍କିତା, ଶିକ୍ଷୟିତ୍ରୀ ଝରଣା ପୁହାଣ, ଆଇନଜୀବୀ ସସ୍ମିତା ସାହୁ, ସ୍ୱାସ୍ଥ୍ୟ ସେବିକା ନିରୁପମା ଦାଶ, ସଫେଇ କାର୍ଯ୍ୟରେ ନିରୂପମା ନାୟକ, ଚିତ୍ରଶିଳ୍ପୀ ତପସ୍ୱିନୀ ନାୟକଙ୍କ ସମେତ ନୃତ୍ୟ ଅନୁଷ୍ଠାନ ଉତ୍ସବ କ୍ରିଏଟିଭ, ଦର୍ଶନ ଏକାଡେମୀ, ସାଇ ନୃତ୍ୟ ଏକାଡେମି ଓ ଶିଶୁ ନୃତ୍ୟ ଶିଳ୍ପୀଜାଗୃତି ଦାସ ମଲ୍ଲିକ, ଶିବାଙ୍ଗି ଭୋଇ, ବିଏସ ତେଜ ପ୍ରତାପ ମହାନ୍ତି ପ୍ରମୁଖଙ୍କୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟ ବିଚାର ପତି ଭାବେ ଗୌରାଙ୍ଗ ବାରିକ, ବୈକୁଣ୍ଠ ଓଝା ଦାୟିତ୍ୱ ନିର୍ବାହ କରିଥିଲେ।

### ଜଗୁ ସାଗର ପୋଖରୀ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ତତ୍ପର

# ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ



ଦୋବଲ,୬।୮ (ସମିସ): ବହୁ ପୁରାତନ ଐତିହାସିକ ଜଗୁ ସାଗର ପୋଖରୀ ଆଡି ପୋତି ବାସଗୃହ ନିର୍ମାଣ ଏବଂ ରାସ୍ତାକୁ ଜବରଦଖଲ ସହ ଘର ତିଆରି କରି ଭଡ଼ା ଟଙ୍କା ଆଦାୟ କରୁଥିବାରୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ତତ୍ପର ହୋଇଛି। ଧାମନଗର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଅମିନ ପଙ୍କଜ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ପୋଖରୀର ଆଡିରେ କେଉଁମାନେ ଜମି ଜବର ଦଖଲ କରିଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ତହସିଲରେ ଜମା କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସରକାରୀ ଜମି ଚିହ୍ନଟ କରି ଉଚ୍ଛେଦ କରାଗଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଗମନାଗମନ ସୁବିଧା ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ତହସିଲଦାର ସହ ଯୋଗାଯୋଗ କରିଥିଲେ ଯେ ସମସ୍ତ ତଥ୍ୟ ପ୍ରସ୍ତୁତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନା ଥାଉକି ଦୀର୍ଘବର୍ଷ ହେବ ଧାମନଗର ବଜାର ସନ୍ନିକଟରେ ଏହି ପୁରାତନ ପୋଖରୀ ରହିଛି। ସ୍ଥାନୀୟ ଲୋକ ଜବର ଦଖଲ କରି ପୋଖରୀକୁ ସଂକୁଚିତ କରି ସାରିଲେଣି। ଉକ୍ତ ପୋଖରୀକୁ ବର୍ଷେ ପୂର୍ବେ ପୁନରୁଦ୍ଧାର ପାଇଁ ୩୦ ଲକ୍ଷ ଖର୍ଚ୍ଚ କରାଯାଇଥିଲା। ମାତ୍ର ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତ୍ରରେ ଅର୍ଥ ହରିଲୁଟ ହୋଇଯାଇଛି। ଏବେ ପ୍ରଶାସନ ଉଚ୍ଛେଦ ପାଇଁ ଅଣ୍ଟା ଭିଡି ତଦନ୍ତ ଆରମ୍ଭ କରିଛି।

## ଭାରପ୍ରାପ୍ତ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିକପୁର, ୬।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇଙ୍କ ଅନ୍ୟତ୍ର ବଦଳି ହୋଇଥିବା ଆଦେଶନାମା ପ୍ରକାଶ ପାଇଥିବା ବେଳେ ତାଙ୍କୁ କାର୍ଯ୍ୟରୁ ଅପସାରଣ କରାଯାଇଛି। ତେଣୁ ଧାମନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଏଠାରେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ଶିକ୍ଷା ଅଧିକାରୀ ଆସିବା ଯାଏ ଶ୍ରୀ ସାହୁ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ। ସେ ଗତ ମଙ୍ଗଳବାର ଦିନ କାର୍ଯ୍ୟାଳୟରେ ଯୋଗ ଦେଇଥିବା ବେଳେ ତାଙ୍କୁ ଶିକ୍ଷକ ନେତା ତଥା ବରିଷ୍ଠ ଶିକ୍ଷକମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶିକ୍ଷକ ନେତା ରଞ୍ଜନ ମହାନ୍ତିଙ୍କ ସମେତ ଶରତ ଥାଟୋଇ, ପ୍ରଶନ୍ନ କୁମାର ରଥ, ସଞ୍ଜୟ କୁମାର ନନ୍ଦ, କୈଳାସ ଚନ୍ଦ୍ର ସାମଲ, ସୁବାସ ପଳତା, ମାଧବୀ ସେଠୀ, ପୁଷ୍ପକ ଭାରତୀ, ଉମାକାନ୍ତ ସାହୁ, ନିର୍ମଳ ଚନ୍ଦ୍ର ଧଳ, ବିପିନି ବିହାରୀ ଜେନା, ଜଗନ୍ନାଥ ପଣ୍ଡା, ଦୁର୍ଗା ମାର୍ଥା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ସ୍ୱାଗତ କରାଯାଇଥିଲା।

# ଗୋବିନ୍ଦପୁର ସରପଞ୍ଚଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ

ଅସୁରାଳି,୬।୮ (ସମିସ)



ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ଼ଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ତାଙ୍କର ଅନ୍ତିମ ଯାତ୍ରାରେ ହଜାର ହଜାର ବୁଲୁ ପ୍ରେମୀ ସାମିଲ ହୋଇଥିଲେ। ତାଙ୍କର ମର ଶରୀରକୁ ପଞ୍ଚାୟତର ଗୋବିନ୍ଦପୁର, କୋରୁଆ, ଅଜମତପୁର, ବରଗଡା, କଷଟି, ଇଚ୍ଛାପୁର ଏବଂ ମଙ୍ଗଳପୁର ଆଦି ପରିକ୍ରମା କରାଯାଇଥିଲା। ତାଙ୍କ ଅନ୍ତିମଯାତ୍ରାରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡାକ୍ତର ସଞ୍ଜୟ ଦାସ, ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଜୋନ ସଦସ୍ୟ ସାରଦା ପ୍ରସନ୍ନ ସାହୁ, ପୂର୍ବତନ ଅଧକ୍ଷ ଅଶୋକ ନାୟକ, ଚତୁର୍ଭୁଜ ନାୟକ ବିଜେପି ନେତା ଆନ୍ତର୍ଜାମୀ ପତୀ ସାହସପୁର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାହୁ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ଅଶୋକ ପଣ୍ଡା, ପ୍ରଶାନ୍ତ ନାୟକ, ଧୁଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ସିଦ୍ଧାର୍ଥ ଶଙ୍କର ମିଶ୍ର, ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ସେ ଘରେ ବସିଥିବା ବେଳେ ହଠାତ୍ ତାଙ୍କର ଦେହ ଅସୁସ୍ଥ ହେବାରୁ ସଙ୍ଗେ ସଙ୍ଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗ ଖବର ପ୍ରସାରିତ ହେବା ପରେ ଭଦ୍ରକ ଡାକ୍ତରଖାନାରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। ସେ ଗୋବିନ୍ଦପୁର ପଞ୍ଚାୟତର ଚାରି ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଅଣ କଂଗ୍ରେସ ରାଜନୀତି ତଥା ଜନତା ଦଳରୁ ରାଜନୈତିକ ଜୀବନ ଆରମ୍ଭ କରି ଲୋକଙ୍କ ସେବାରେ ସବୁବେଳେ ବ୍ରତୀ ଥିଲେ। ତାଙ୍କର ବିୟୋଗରେ ଧାମନଗର ବ୍ଲକ ନୁହଁ ସାରା ଭଦ୍ରକ ଜିଲାରେ ଏକ ଅପୂରଣୀୟ କ୍ଷତି ଘଟିଛି.। ସେ ବିଜୁ ଜନତା ଦଳର ଜଣେ ଦୃଢ ସଂଗଠନ ତଥା ବରିଷ୍ଠ ନେତୃତ୍ୱ ଥିଲେ। ତାଙ୍କ ମର ଶରୀର ଆଜି ଗ୍ରାମରେ ପହଞ୍ଚିବା ପରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଦେବାଶିଷ ମହାକୁଢ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଅଞ୍ଜନା ମହାକୁଢ଼, ହଳଧର ମହାକୁଢ଼, ପ୍ରଶାନ୍ତ ମହାକୁଢ଼ ସମେତ ପରିଜନ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା




ଧାମନଗର,୬।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ସମସ୍ତଙ୍କ ଜଣାଶୁଣା ଲୋକ ପ୍ରତିନିଧି ଚାରିଥରର ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଢ଼ଙ୍କ ଅକାଳ ବିୟୋଗ ଘଟିଛି। ଆଜି ପଂଚାୟତ ସମିତି ଧାମନଗର ପକ୍ଷରୁ ବିଡ଼ିଓ ବନବିହାରୀ ଦିନ୍ଦାଙ୍କ ସଂଚାଳନାରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ମଂଚାସୀନ ହୋଇ ଗୋବିନ୍ଦପୁର ପଂଚାୟତ ଚାରିଥରର ସରପଂଚ ସ୍ୱର୍ଗତ ମହାକୁଢ଼ଙ୍କ ବିୟୋଗରେ ଶୋକସଭା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ପ୍ରତିନିଧି ପ୍ରତାପ ସାମଲ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସମସ୍ତ ସରପଂଚ, ସମିତି ସଭ୍ୟ, ପଂଚାୟତ ନିର୍ବାହି ଅଧିକାରୀ, ଏପିଓ, ଜିପିଓ, ମୁଖ୍ୟ କିରାଣୀ, କୋଷାଧକ୍ଷ, ଏଡିଓଙ୍କ ସହ ବ୍ଲକ କର୍ମଚାରୀ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ସମାଜସେବୀ, ଦରଦୀ, ଅମାୟିକ ବ୍ୟକ୍ତ ଥିଲେ। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗ

# ବିଜୁ ଛାତ୍ର ଜନତା ଦଳର ଆନ୍ଦୋଳନ; ଡିଜିଙ୍କୁ ସ୍ମାରକପତ୍ର






ଭଦ୍ରକ,୬।୮ (ସମିସ):

ବିଜୁ ଯୁବ ଓ ଛାତ୍ର ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ରୁ ୮ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଷଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହାସହ ଗୋପାଳପୁର ବେଳାଭୂମିରେ ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାର ପ୍ରତିବାଦ କରି ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ନେତା ସୌମ୍ୟରଞ୍ଜନ ମହାପାତ୍ର(ସୁମନ)ଙ୍କ ନେତୃତ୍ୱରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଛାତ୍ର ବିଜେଡିର ଶୋଭାଯାତ୍ରା ବାହାରି ଭଦ୍ରକ ଏସ୍‌ପିଙ୍କ ଅଫିସ ଆଗରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ର ଛାତ୍ରୀମାନେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଛାତ୍ର ନେତୃତ୍ୱ କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ, ଯତୀନ ମିଶ୍ର, ଅଭିନାଶ ପୃଷ୍ଟୀ, ରଞ୍ଜନ ନାୟକ, ରାକେଶ ଜେନା, ରାକେଶ ରାୟ, ସୁରଜ ସିଂହ, ସ୍ମୃତିରଞ୍ଜନ ନାଥ, ମିଳନ ପୃଷ୍ଟି, ଦିବ୍ୟଜ୍ୟୋତି ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସାହିଲ ଖାନ, ସୌମ୍ୟବ୍ରତ ସାହୁ, ଏସ ଭବାନୀ, ରାକେଶ ମଲ୍ଲିକ, ରୋହିତ ଚୌଧୁରୀ, କାହ୍ନୁଚରଣ ନାୟକ, ଲକ୍ଷ୍ମୀଧର ଦଳେଇ, ଗୌତମ ସାହୁ।

### ଅପହୃତ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୁଲିସ ଟଙ୍କା ଦାବି କରିବା ଅଭିଯୋଗ

## ଭଦ୍ରକ ଏସ୍‌ପି ଓ ଧାମନଗର ଆଇଆଇସିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୬।୮ (ସମିସ) : ଜନୈକା ଅପହୃତ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କୁ ପୁଲିସ ଟଙ୍କା ଦାବି କରିଥିବା ଭଳି ସଂଗୀନ ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଯଦି ଏପରି ଅଭିଯୋଗ ସତ୍ୟ, ତେବେ ଏହା ସମଗ୍ର ପୁଲିସ ପ୍ରଶାସନ ଉପରେ କଳଙ୍କ ଲଗାଇବା ଭଳି ଅଧିକାରୀଙ୍କ ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି କରେ," ବୋଲି ହାଇକୋର୍ଟ କହିଛନ୍ତି। ଏପରି ଅଭିଯୋଗକୁ ଦୃଷ୍ଟି ରଖି ଭଦ୍ରକ ଜିଲ୍ଲା ପୁଲିସ ଅଧିକ୍ଷକ (ଏସପି), ଧାମନଗର ଥାନାର ଆଇଆଇସି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସମ୍ପୃକ୍ତ ଅପହୃତ ନାବାଳିକାଙ୍କ ପିତାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ୨୦୨୫ ଜୁନ ୧୮ ରେ ଅପହରଣ ହୋଇଥିବା ନାବାଳିକା ଝିଅକୁ ଉଦ୍ଧାର ପାଇଁ ପିତାଙ୍କ ପକ୍ଷରୁ ଏକ ଫୌଜଦାରୀ ରିଟ୍ ଆବେଦନ ରୁଜୁ ହୋଇଥିଲା । ଗତ ଶୁଣାଣିରେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଚଢଉ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ ବିଷୟରେ କୋର୍ଟକୁ ଅବଗତ କରିଥିଲେ। ଅଦାଲତ ମଧ୍ୟ ପୁଲିସକୁ ନାବାଳିକା ପୀଡିତାକୁ ଖୋଜିବାରେ କୌଣସି କସରତ ନଛାଡିବାକୁ କହିଥିଲେ। ହେଲେ ମାମଲା ଶୁଣାଣି ବେଳେ ପୁଲିସ ନାବାଳିକାଙ୍କୁ ଠାବ କରିସାରିଛନ୍ତି ହେଲେ ଉଦ୍ଧାର କରିବା ପାଇଁ ଆବେଦନକାରୀଙ୍କ ଠାରୁ ଟଙ୍କା ଦାବି କରିଥିବା ଅଭିଯୋଗ ଆଣିଥିଲେ ଆବେଦନକାରୀଙ୍କ ଆଇନଜୀବୀ। ଟଙ୍କା ନଦେଲେ ଉଦ୍ଧାର ଓ ତଦନ୍ତର ଗତିକୁ ମନ୍ଥର କରାଯିବ ବୋଲି ପୁଲିସ ପକ୍ଷରୁ ଆବେଦନକାରୀଙ୍କୁ ଚେତାବନୀ ଦିଆଯାଇଥିଲା । ପୁଲିସ ବିଭାଗ ବିରୁଦ୍ଧରେ ଏପରି ଅଭିଯୋଗ ପାଇଁ ଅଦାଲତ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୧କୁ ଧାର୍ଯ୍ୟ ହୋଇଛି।


## ମାଟି ବ୍ୟବହାରକୁ ନେଇ ଅସନ୍ତୋଷ

ବାରିକପୁର, ୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ବଳିଘାଇ ଦେଇ ପଡୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ କାର୍ଯ୍ୟ ଦୀର୍ଘ ଦିନ ଧରି ହେଉଛି। ରାସ୍ତା ଦୋହରୀକରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବା ହୋଇଛି। ସେତୁର ଦୁଇ ପାର୍ଶ୍ୱରେ ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ପ୍ରାୟ ୩-୪ ମିଟର ଯାଏଁ ସଂଯୋଗ ପଥ ନିର୍ମିତ ହେଉଛି। ଏଥିରେ ବାଲି ଓ ଡଷ୍ଟ ପରିବର୍ତ୍ତେ ସମ୍ପୂର୍ଣ୍ଣ ମାଟି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ପକ୍କା ପୋଲ ଓ ମୁଖ୍ୟ ରାସ୍ତା ସଂଯୋଗ ପାଇଁ



ବେଳେ କାମର ମାନକୁ ନେଇ ସ୍ଥାନୀୟ ଲୋକମାନେ ବିଭିନ୍ନ ସମୟରେ ଆପତି ଅଭିଯୋଗ କରିଛନ୍ତି। ସଂପ୍ରତି ପର୍ବତୀ ଘାଟଠାରେ ୩ ନମ୍ବର ହାଇଲେବୁଲ କେନାଲ ଉପରେ ଦୁଇଟି ନୂତନ ସେତୁ ନିର୍ମାଣ ହୋଇଛି। ଗୋଟିଏ ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିବା ବେଳେ ଅନ୍ୟଟିର ଏବେ ସେତୁ ସଂଯୋଗୀ ରାସ୍ତା ନିର୍ମାଣ ଆରମ୍ଭ ମଝିରେ ମାଟି ରହିଲେ ଏହା ସେତୁ ଓ ରାସ୍ତା ଉଭୟକୁ ଦୁର୍ବଳ କରିବ ବୋଲି ମତପ୍ରକାଶ ପାଇଛି। ଏହି ବାଟଦେଇ ଅନେକ ଭାରି ଯାନ ଚଳାଚଳ କରୁଥିବା ବେଳେ ଏଭଳି କାର୍ଯ୍ୟ ର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଯାନ୍ତ୍ରିକ ମାନ ଦଣ୍ଡକୁ ଫାଙ୍କୁଥିବା ବେଳେ ସଂଯୋଗ ରାସ୍ତାରେ ମାଟି ବ୍ୟବହାର ସମ୍ପୂର୍ଣ୍ଣ ଭୁଲ ବୋଲି ଅନେକେ କହିଛନ୍ତି।

## ହ୍ୱାଟ୍‌ସଆପ୍‌ରେ ମିଳିବ ତହସିଲ ସେବା ସହାୟତା




ଭଦ୍ରକ, ୬।୮ (ସମିସ): ତ୍ୱରିତ ସେବା ପାଇଁ ହ୍ୱାଟ୍‌ସଆପ୍ ନମ୍ବର ଜାରି କରାଯାଇଛି। ଯେକୌଣସି ଅଭିଯୋଗ ପାଇଁ ଯୋଗାଯୋଗ କରିବା ସହ କେହି ଅର୍ଥ ବା ଲାଞ୍ଚ ଦାବି କଲେ ଏହି ନମ୍ବରରେ ଅବଗତ କରିପାରିବେ। ଏ ନେଇ ଭଦ୍ରକ ତହସିଲ ତରଫରୁ ଏକ ନମ୍ବର ଜାରି କରାଯାଇଛି। ୯୧୭୮୨୫୮୫୩୫ ନମ୍ବରରେ ତହସିଲ ଅଧୀନରେ ଆବେଦନ କରିବା ପରେ ଏହାର ସ୍ଥିତି ଜାଣିବା ପାଇଁ ବ୍ୟବହାର କରିବେ ସାଧାରଣ ଲୋକେ। କୌଣସି କାର୍ଯ୍ୟରେ ବିଳମ୍ବ ହେଲେ, ମଧ୍ୟସ୍ଥି ଓ କର୍ମଚାରୀ ଲାଞ୍ଚ ଦାବି କଲେ ଏହି ନମ୍ବରରେ ଯୋଗାଯୋଗ କରିବେ। ଜଣେ ଅତିରିକ୍ତ ତହସିଲଦାରଙ୍କ ଦାୟିତ୍ୱରେ ଏହି ନମ୍ବର ରହିବ। ଯଦି କୌଣସି ସେବାର ଆବେଦନକାରୀ ତ୍ୱରିତ ସେବା ପାଇଁ ଚାହିଁବେ ତେବେ ନିଜର ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ଶୀଘ୍ର ସେବା ଉପଲବ୍ଧ ହେବ ବୋଲି ତହସିଲଦାର କହିଛନ୍ତି।

## ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ

ଦାନଗଦି,୬।୮ (ସମିସ): ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ)ର ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ ଉଦ୍ୟମରେ ତିନିଦିନିଆ ବର୍ଷା ଋତୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ, ଡ୍ରାଇଭର, କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଡୁବୁରି ସ୍ଥିତ ଟାଟା ଷ୍ଟିଲର ମେନ୍ ଗେଟ୍-୧ରେ ଅନୁଷ୍ଠିତ ଏହି ଅଭିଯାନକୁ କଳିଙ୍ଗନଗର ଅତିରିକ୍ତ ପୁଲିସ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଓ ଇନ୍ସପେକ୍ଟର ଇନ୍‌ଚାର୍ଜ କଳିଙ୍ଗନଗର ଥାନା ପ୍ରକାଶ କୁମାର ସାହୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା କଷ୍ଟକର ସଡ଼କ ପରିସ୍ଥିତି ଜନିତ ବିପଦକୁ ହ୍ରାସ କରିବା। ଏହି ଅଭିଯାନରେ ବର୍ଷଋତୁ ସମୟରେ ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ସଚେତନ କରାଯିବା ସହିତ, ବାଇକ୍ ଚାଳକ ଏବଂ ପିଲିଅନ୍ ଆରୋହୀଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥି ସହ ବର୍ଷାଋତୁରେ ଗ୍ରହଣୀୟ ମୁଖ୍ୟ ସତର୍କତା ସମ୍ବନ୍ଧୀୟ ସୁରକ୍ଷା ପତ୍ରିକା ମଧ୍ୟ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଅଭିଯାନ ମାଧ୍ୟମରେ ବର୍ଷା ଋତୁ ସମୟରେ ସାପ କାମୁଡ଼ା, ଡେଙ୍ଗୁ, ମ୍ୟାଲେରିଆ ଓ ଜଳବାହିତ ରୋଗ ପାଇଁ ମଧ୍ୟ ଲୋକମାନଙ୍କୁ ସତର୍କ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ରୋଗ ପ୍ରତିରୋଧର ଉପାୟ ଓ ରୋଗ ଚିହ୍ନଟ ପାଇଁ ପ୍ରାରମ୍ଭିକ ଲକ୍ଷଣ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା।

## ସୁଶାନ୍ତ ପଣ୍ଡାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧବାର୍ଷିକୀରେ ୭୧ ୟୁନିଟ ରକ୍ତ ସଂଗ୍ରହ





ଅସୁରାଳି, ୬।୮ (ସମିସ): ଧାମନଗର ବ୍ଲକର ଯୁବନେତା ଓ କଟସାହି ଗ୍ରାମପଞ୍ଚାୟତର ଗୌରବ ସ୍ୱର୍ଗତ ସୁଶାନ୍ତ ପଣ୍ଡା (ଅଖୁଜାନାନା)ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ତାଙ୍କ ଜୀବନ ଓ ଦାୟିତ୍ୱବୋଧକୁ ସ୍ମରଣ କରି ବରିଷ୍ଠ ନେତୃତ୍ୱ ଓ ଯୁବ ସମାଜସେବୀମାନେ ତାଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ପଞ୍ଚାୟତସମିତି ଅଧ୍ୟକ୍ଷ ଶର୍ମିଷ୍ଠା ବେହେରା, ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଦସ୍ୟ ଶାରଦା ପ୍ରସନ୍ନ ସାହୁ, ବିଦ୍ୟୁତ୍‌ଲତା ନାୟକ, ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ସଭାପତି ସୁଶାନ୍ତ ରାଉତ, ନିର୍ବାଚନମଣ୍ଡଳୀରସ୍ତରୀୟ ସଭାପତି ସ୍ୱଧନା ନାୟକ, ଯୁବ ଭାଇଭଉଣୀ ଏଥିରେ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ୭୧ ୟୁନିଟ୍ ରକ୍ତଦାନ କରାଯାଇ ସ୍ୱର୍ଗତ ନେତାଙ୍କ ଜୀବନ ଦାୟିତ୍ୱ ଓ ସାମାଜିକ ଉଦ୍ଦିପନାକୁ ଅନୁସରଣ କରାଯାଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଯୁବ ନେତୃତ୍ୱ ଏହି ଉଦ୍ୟମରେ ସାମିଲ ହୋଇଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ସ୍ୱର୍ଗତ ସୁଶାନ୍ତ ପଣ୍ଡାଙ୍କ ଦୟା, ଦାୟିତ୍ୱବୋଧ ଓ ଜନସେବାର ଆଦର୍ଶକୁ ନୂତନ ପିଢି ପାଇଁ ପ୍ରେରଣା ଦେଇ ଯାଇଛି।

## ଶତ ପ୍ରତିଶତ ଭିନ୍ନକ୍ଷମଙ୍କୁ ଭତ୍ତା କେବେ ?

ଦୋଳସାହି, ୬।୮ (ସମିସ): ନାଇଁ ଟଙ୍କା ସରକାରଙ୍କ ପାଖରେ। ଶତ ପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁନି ବଢା ଭତ୍ତା। ତିହିଡ଼ି ବ୍ଲକ୍‌ର ୩୧ଟି ପଞ୍ଚାୟତରେ ଶତାଧିକ ହିତାଧିକାରୀ ବଢା ଭତା ପାଇବାକୁ ବାକିଥିବା ଜଣାଯାଇଥିଲା ବେଳେ ଅନେକ ଶତ ପ୍ରତିଶତ ଭିନ୍ନକ୍ଷମ ବଢା ଭତା ପାଇ ନଥିବା ଜଣାଯାଇଛି। ସୂଚନା ମୁତାବକ, ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା



ହିତାଧିକାରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏହି ପଞ୍ଚାୟତର ବିଶ୍ୱନାଥପୁର ଗାଁର ଶତପ୍ରତିଶତ ଭିନ୍ନକ୍ଷମ ପାଗିଳି ମାଝୀଙ୍କୁ ବଢା ଭତ୍ତା ମିଳୁ ନଥିବା ଜଣାପଡିଛି। ସରକାରଙ୍କ ପାଖରେ ଟଙ୍କା ନଥିବା ନେଇ ଏହି ବଢା ଭତ୍ତା ପ୍ରଦାନ କରାଯାଇପାରୁ ନଥିବା ଜଣାଯାଇଛି।

## ଅସୁରକ୍ଷିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

ବାରିକପୁର/ମଞ୍ଜୁରୀ ରୋଡ, ୬।୮ (ସମିସ): ଭଣ୍ଡାରିପୋଖରୀ ତହସିଲ ମଞ୍ଜୁରୀରୋଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଦୀର୍ଘ ଦିନ ହେବ ଅସୁରକ୍ଷିତ ରହିଛି। ଦୁଇ ବଖରା ବିଶିଷ୍ଟ ଉକ୍ତ ସଙ୍କଟାପନ୍ନ କାର୍ଯ୍ୟାଳୟଟିରେ ଦୈନିକ ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ଜଣେ କର୍ମଚାରୀ ସରକାରୀ କାର୍ଯ୍ୟ କରିଥାନ୍ତି। ଏହାଛଡା ଅତି ସଙ୍କୁଚିତ ଅବସ୍ଥାରେ




ସରକାରୀ କାଗଜପତ୍ର ମଧ୍ୟ ରହିଛି। ଅନେକ ବର୍ଷ ହେବ କାର୍ଯ୍ୟାଳୟଟି ନିର୍ମିତ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ବାବଦରେ ଏହାର କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ତେଣୁ ସରକାରୀ ବାସଗୃହଟି ଧିରେଧିରେ ଦୁର୍ବଳ ହୋଇଯାଇଛି। ଏବେ ଘରର ଛାତରୁ ଖଣ୍ଡ ଖଣ୍ଡ ହୋଇ ପ୍ଲାଷ୍ଟର ଝଡୁଛି। ବର୍ଷାହେଲେ ପାଣି ମଧ୍ୟ ଝରୁଛି। ଅବସ୍ଥା ଏପରି ହେଲାଣି ଯେ ଛାତର ଲୁହା ଛଡ଼ ପଦାକୁ ଦେଖା ଯାଉଛି। କେତେବେଳେ ଯେ ପୁରାତନ ଜରାଜୀର୍ଣ୍ଣ ଛାତଟି ଗଳି ପଡିବ କହି ହେଉନାହିଁ। ନିକଟସ୍ଥ ନାଆମୀ ସହିତ ଶାନସାଶନ, ରାଜେନ୍ଦ୍ରପୁର ଓ ବନ୍ଧାଳମଢିଆଳୀ ପଂଚାୟତର ଶହଶହ ଲୋକ ଏଠାକୁ ରାଜସ୍ୱ କାର୍ଯ୍ୟ ସମ୍ପାଦନ ପାଇଁ ଆସିଥାନ୍ତି। ଏପରିସ୍ଥଳେ ବିପଦସଙ୍କୁଳ କାର୍ଯ୍ୟାଳୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅନେକ ଭୟ ଜାତ ହୋଇଛି। ତେଣୁ ଏହା ଉପରେ ତହସିଲଦାର ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦୁର୍ବଳ କେନାଲ ବନ୍ଧ, ଘାଇ ଆଶଙ୍କା

ବାରିକପୁର, ୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ଚାଷ ଜମିକୁ ଧାମନଗର, ଆଖୁଆପଦା ଓ ଶାଳଣିଆ ଜଳସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଦ୍ୱାରା କେନାଲ ଜରିଆରେ ଜଳ ଯୋଗା ଯାଇଥାଏ। ଗୁରୁତ୍ୱ ଦୃଷ୍ଟିରୁ କେନାଲଗୁଡିକର ସଦୃଢିକରଣ ଏବଂ ଜଳ ସୁପରିଚାଳନା ପାଇଁ ବିଭାଗ ସଦାସର୍ବଦା ତତ୍ପର ରହିବା କଥା। ବିଶେଷ କରି ଖରିଫ ଚାଷ ସମୟରେ ବିଭାଗୀୟ ଯନ୍ତ୍ରୀ କେନାଲ ପରିଦର୍ଶନ କରି ସ୍ଥିତି ପରଖିବା ଜରୁରୀ ଅଟେ। ଦେଖିବାକୁ ଗଲେ ଚିରାଚରିତ ଢଙ୍ଗରେ କେନାଲ ଗୁଡିକରେ ପାଣି ଆସୁଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ସତେ ଯେମିତି କେହି



ଗଭୀର ଭାବେ ଦୃଷ୍ଟି ଦେଉନାହାନ୍ତି। ସୂଚନା ଅନୁଯାୟୀ ଧାମନଗର ଜଳସମ୍ପଦ ବିଭାଗ ଅଧୀନ ତାଳପଦାଠାରୁ ୩ନଂ କେନାଲଟି ବାହାରିଥିବା ବେଳେ ଏହାଦ୍ୱାରା ୬/୭ ଗୋଟି ପଞ୍ଚାୟତ ଅଞ୍ଚଳ ଚାଷ ଜମିକୁ ପାଣି ମାଡିଥାଏ। ଏହି କେନାଲରୁ ୨ଟି ମୁଖ୍ୟ ଶାଖା କେନାଲ ସହିତ ଅନେକ ମାଇନର ଓ ସବମାଇନର କେନାଲ ବାହାରି ଚାଷ ଜମିକୁ ଜଳ ଯୋଗାଇଥାଏ। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ କେନାଲଟିର ପ୍ରଥମେ ରକ୍ଷଣାବେକ୍ଷଣ ତଥା ସଦୃଢିକରଣ ଜରୁରୀ ଅଟେ। ପରିତାପର ବିଷୟ ସରସଦା କୋଳିଗଡିଠାରୁ ତାଳପଦା ଯାଏଁ ମୁଖ୍ୟ କେନାଲର ବାମ ପାର୍ଶ୍ୱ ବନ୍ଧଟି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ କେନାଲ ଗର୍ଭକୁ ବନ୍ଧର ଆଂଶିକ ଖସି ଯାଇଛି। ପୁରୁଣା ବନ୍ଧ ଏବେ ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ହରାଇ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରିକି କେତେକ ସ୍ଥାନରେ ପରିସ୍ଥିତି ଏଭଳି ହୋଇଛି ଯେ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। କେନାଲରେ ଏବେ ସମ୍ପୂର୍ଣ୍ଣ ପାଣି ପ୍ରବାହିତ ହେଉଥିବା ବେଳେ ଦୁର୍ବଳ ବନ୍ଧକୁ ନେଇ ଅନେକ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଶହ ଶହ ଚାଷୀ ଦାବି କରିଛନ୍ତି।

# ଆରମ୍ଭ ହେଲା ବରପଦା-ଆଗରପଡ଼ା ରାସ୍ତା ନିର୍ମାଣ କାର୍ଯ୍ୟ

ବନ୍ତ/ଆଗରପଡ଼ା, ୬।୮ (ସମିସ):

ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୁରବସ୍ଥାରେ ସୁଧାର ଆଣିବା ନେଇ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ଆଗରପଡ଼ାସ୍ଥିତ ଇଲେଭେନଷ୍ଟାର କ୍ଲବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଅବଧି ମଧ୍ୟରେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ କଂଗ୍ରେସ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ପଂଚାନନ ମଣ୍ଡଳ,ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କାର୍ତ୍ତିକ ଜେନା, ଛାୟାକାନ୍ତ ନନ୍ଦ, ଗୟାଧର ପତି, ବାଙ୍କବିହାରୀ ଜେନା ପ୍ରମୁଖ ଏଥିରେ ସାମିଲ ଥିଲେ। ପରେ ବିଭାଗୀୟ ଅଧିକାରୀ ଖୁବ୍ ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘଟଣାସ୍ଥଳରେ ଥାନାଧିକାରୀ ଦେବରାଜ ଜେନା ମଧ୍ୟ



ଉପସ୍ଥିତ ଥିଲେ। ବର୍ତ୍ତମାନ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ବରପଦାଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଏବଂ ଏକମାତ୍ର ଐତିହାସିକ କର୍ମମନ୍ଦିର ଆଗରପଡ଼ାଠାରେ ଅବସ୍ଥିତ ଥିବାରୁ ଉକ୍ତ ଅଞ୍ଚଳ ଓଡ଼ିଶା ତଥା ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଜି ପର୍ଯ୍ୟନ୍ତ ଏହି ଅଂଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଯଥା ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଆଗରପଡ଼ା-ବରପଦା ରାସ୍ତା, ବ୍ଲକ ଓ ତହସିଲ ଯିବା ପାଇଁ ଆଗରପଡ଼ା-ବନ୍ତ ରାସ୍ତା, ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଯିବା ପାଇଁ ଆଗରପଡ଼ା-ଆନନ୍ଦପୁର ରାସ୍ତା ଏବଂ ବାଲେଶ୍ୱର ଜିଲ୍ଲାକୁ ଯିବା ପାଇଁ ଆଗରପଡ଼ା-କୁପାରୀ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି ଏବଂ ରାସ୍ତା ଗୁଡ଼ିକ ମରଣଯନ୍ତା ପାଲଟିଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ବଜାର ଉପରେ ଆମ ଜିଲ୍ଲା ତଥା ପଡ଼ୋଶୀ ବାଲେଶ୍ୱର ଓ କେନ୍ଦୁଝର ଏହିପରି ପାଖାପାଖି ୩ଟି ଜିଲ୍ଲାର ଅଧିବାସୀ ନିର୍ଭର କରିଥାନ୍ତି। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର କଂଗ୍ରେସ ଦଳର ନେତୃତ୍ୱମାନେ ପ୍ରଶାସକଙ୍କ ପାଖରେ ନିଜର ଦାବି ରଖି ଆସୁଥିଲେ। କିଛିଦିନ ତଳେ ଆଗରପଡ଼ା-ବରପଦା ରାସ୍ତାର ମରାମତି କରାଯାଇଥିଲେ ସୁଦ୍ଧା ଏହା ନିମ୍ନମାନର ହୋଇଥିବାରୁ ପୁଣି ସେହି ରାସ୍ତା ଶୋଚନୀୟ ହେବା ସହ ଯାତାୟତ ଆଉ ସମ୍ଭବ ହୋଇପାରୁ ନାହିଁ। ପ୍ରଶାସନ ଉକ୍ତ ଘଟଣାଟିକୁ ସକରାତ୍ମକ ଭାବରେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ।

## ଜଳେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଜଳେଶ୍ୱର, ୬।୮ (ସମିସ): ସବୁଜ ବନାନୀ ସୃଷ୍ଟି ଓ ପରିବେଶ ସୁରକ୍ଷା ଲକ୍ଷ୍ୟରେ ବର୍ଷା ଦିନିଆ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଂଘଟିତ ହେଉଛି । ଜଳେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ଗୋବରଘଟା ପଞ୍ଚାୟତସ୍ଥିତ ଏସବି ନୋଡାଲ ଏବଂ ଯଦୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଶେଖ୍ ସବୀରଙ୍କ ନେତୃତ୍ୱରେ ବିନୋଦ ସାହୁ, ଗିରିଜା ଶଙ୍କର ଦାସ, ଶିରୀଶ ଚୌହାନ, ସମୀର ନନ୍ଦୀ, ରବିନାରାୟଣ ଦାସ, ରାଜୀବ ଧର, ତାରାପଦ କର, ସତ୍ୟ ନାରାୟଣ ମହାପାତ୍ର, ମୂଳଚାନ୍ଦ ଲଢ଼ା, ସେଖ ସୈଫୁଦ୍ଦିନ ପ୍ରମୁଖ ସମାଜସେବୀ ଉପସ୍ଥିତ ହୋଇ ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ମୋଟ ୪୦ଟି ଗୁଆ ନଡ଼ିଆ ଚାରା ରୋପଣ କରାଯାଇଥିଲା । ଗ୍ରାମ ସଭାପତି ଦୀପକ କୁମାର ଗିରି, ପ୍ରଧାନ ଶିକ୍ଷକ ସୁବେଶ ପ୍ରଧାନ, ଗୋପୀନାଥ ଗିରି ପ୍ରମୁଖ ଓ ସମସ୍ତ ଶିକ୍ଷକ କର୍ମଚାରୀ ଉକ୍ତ ମହତ୍ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର



ସିମୁଳିଆ, ୬।୮ (ସମିସ): ଶିକ୍ଷାନୁଷ୍ଠାନ ଗୁଡିକରେ ସୁରକ୍ଷା, ଛାତ୍ରୀ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଆଜି ସିମୁଳିଆ ବ୍ଲକ ବିଜୁ ଛାତ୍ର ଯୁବ ଜନତା ଦଳ ପକ୍ଷରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସିମୁଳିଆ ପୁଲିସ ଜରିଆରେ ରାଜ୍ୟ ପୁଲିସ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଜୁ ଛାତ୍ର ବ୍ଲକ ସଭାପତି ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ସିମୁଳିଆ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାର୍କୋଣା ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇଥିଲେ । ପରେ ଶୋଭାଯାତ୍ରା ବାହାରି ସିମୁଳିଆ ଥାନାରେ ପହଁଚିବା ପରେ ସ୍ଲୋଗାନ ଦିଆଯାଇ ସିମୁଳିଆ ପୁଲିସ ସବ୍‌ଇନ୍ସପେକ୍ଟର କ୍ଷୀରୋଦ କୁମାର ସାହୁଙ୍କ ଜରିଆରେ ଡିଜିପିଙ୍କୁ ଦସ୍ତଖତ ଥିବା ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ଯୁବ ସଭାପତି ଗଦାଧର ଜେନା, ମଣିଭଦ୍ର ସାହୁ, ଯୁବନେତା ଦୀପ୍ତି ଜେନା, ଗୋବର୍ଦ୍ଧନ ମହାନ୍ତି, ମିଳନ ମହାନ୍ତି, ପ୍ରମୋଦ ରାଉତ, ସଚିନ ସ୍ୱାଇଁ, ପ୍ରଶାନ୍ତ ବେହେରା, ପ୍ରାକ୍ତନ ଜିଲ୍ଲାପରିଷଦ କ୍ଷୀତିଶ ମହାନ୍ତି, ବରିଷ୍ଠ ନେତା ବାବୁଲି ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ପୂର୍ବତନ ରାଜ୍ୟ ସଭାପତିଙ୍କ ବିୟୋଗରେ ଶୋକ

ସୋର, ୬।୮ (ସମିସ): ଓଡ଼ିଶା ପ୍ରାନ୍ତୀୟମୁନି ସମାଜର ପୂର୍ବତନ ସଭାପତି କମଳାକାନ୍ତ ମୁନି(ପାଣିଗ୍ରାହୀ)ଙ୍କର ୭୫ ବର୍ଷ ବୟସରେ ସାମାଧି ଯୋଗରେ ମହାପ୍ରୟାଣ ଘଟିଛି । ଏହି ଖବର ପ୍ରସାରିତ ହେବା ପରେ ସମଗ୍ର ମୁନି ସମାଜର ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ମାଟିଆପଲ୍ଲୀ ଛକସ୍ଥିତ ସୋର ମୁନି ସମାଜ କାର୍ଯ୍ୟାଳୟରେ ସଭାପତି ଭାସ୍କର ଚନ୍ଦ୍ର ପାତ୍ରଙ୍କ ଅଧ୍ୟତାରେ ସଂପାଦକ ଅନନ୍ତ ଜେନା, ଜଗନ୍ନାଥ ବାରିକ, ଅନନ୍ତ କୁମାର କର, ସୁଶାନ୍ତ ପୃଷ୍ଟି ପ୍ରମୁଖ ଯୋଗଦେଇ ଏକ ଶୋକ ସଭାରେ ସ୍ୱର୍ଗତ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି ଯାଗେଶ୍ୱର ଶିବମୁନିଜୀ ମହାରାଜାଙ୍କ ସିଦ୍ଧାନ୍ତ ବାଣୀକୁ ପାଥେୟ କରି ସାରା ଜୀବନ ମୁନି ସମାଜର ଜଣେ ସମର୍ଥ ଓ ସାର୍ଥକ ସାରଥି ଭାବରେ ନିଜକୁ ଗଢିବା ସଙ୍ଗେ ସଙ୍ଗେ ସାରା ଓଡ଼ିଶାର ପୁରପଲ୍ଲୀରେ ଯୋଗ ମାଧ୍ୟମରେ ନିରୋଗ ରହିବାର ମନ୍ତ୍ର ବୁଣି ମୁନି ଜଣେ ଉତ୍ତମ ଯୋଗ ପ୍ରଶିକ୍ଷକ ଭାବରେ ନିଜକୁ ପ୍ରତିଷ୍ଠା ଲାଭ କରିଥିଲେ ବୋଲି ମତ ପ୍ରକାଶ କରିଥିଲେ । ଏହା ପରେ ତାଙ୍କର ଜନ୍ମସ୍ଥାନ ସାଉଡ଼କୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ୪ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

ଚନ୍ଦନେଶ୍ୱର, ୬।୮ (ସମିସ) : ୨ଟି ସ୍ଥାନରେ ଚୋରି କରି ଫେରାର ଥିବା ଜଣେ ଅଭିଯୁକ୍ତ ଦୀର୍ଘ ୪ ମାସ ପରେ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାମନଗର ଥାନା ଅଧୀନ ବସନ୍ତ ପୁର ଗାଁର ଅମିତ ନାଥଙ୍କ ପୁଅ ସଞ୍ଜୟ ନାଥ(୨୫) ବୋଲି ଜଣା ପଡିଛି । ଏ ନେଇ ଭୋଗରାଇ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା କଥା ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ପ୍ରକାଶ କରିଛନ୍ତି । ଭୋଗରାଇର ଜଗନ୍ନାଥପୁର ଓ କାନ୍ଠିଥଭଉଁରୀରେ ୪ ମାସ ପୂର୍ବରୁ ଚୋରି ହୋଇଥିଲା । ସେତେବେଳେ ପୁଲିସ ତଦନ୍ତ କରି ସାଗର ନାଥଙ୍କୁ ଗିରଫ କରିଥିଲେ । ମାତ୍ର ସଞ୍ଜୟ ଫେରାର ହୋଇ ଯାଇଥିଲେ । ଏବେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି ।

## ନ୍ୟାୟ ପାଇଁ ଥାନାରେ ଧାରଣାଦେଲେ ଜନପ୍ରତିନିଧି



ସିମୁଳିଆ, ୬।୮ (ସମିସ): ପୋରସ୍ତମପୁର ପଞ୍ଚାୟତ ପିଠାଖିଆ ପଦା ଗ୍ରାମରେ ଛେଳି ବିଲରେ ଧାନ ଖାଇବାକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ କଳିଲାଗି ଉଭୟ ଥାନାରେ ପୃଥକ ଅଭିଯୋଗ କରିଛନ୍ତି । ନ୍ୟାୟ ଦେବା ପାଇଁ ପୂର୍ବତନ ବିଧାୟକ ଓ ଜନପ୍ରତିନିଧି ଥାନାରେ ଦେଲେ ଧାରଣା । ସୂଚନାରୁ ପ୍ରକାଶ ବଡ଼ ଭାଇ ବାବାଜୀ ଜେନାର ଛେଳି ସାନ ଭାଇ ମନରଞ୍ଜନ ଯେନଙ୍କ ବିଲରେ ଧାନ ଖାଇ ଥିବାରୁ ସାନଭାଇ ଓ ତାର ସ୍ତ୍ରୀ ମିଶି ଛେଳିର କାଦ ପକାଇ ଦେଇଥିଲା । ବଡ଼ ଭାଇର ସ୍ତ୍ରୀ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଉଭୟସିମୁଳିଆ ଥାନାରେ ପୃଥକ ପୃଥକ ଅଭିଯୋଗ କରିଥିଲେ । ସିମୁଳିଆ ପୁଲିସ ଦୁଇ ଜଣଙ୍କ ନାମରେ ପୃଥକ ପୃଥକ କେସ କରି ବଡ଼ ଭାଇ ବାବାଜୀ ଜେନାଙ୍କୁ କୋର୍ଟ ଚାଲାଣ କରିଥିଲେ । ବଡ଼ ଭାଇକୁ ନ୍ୟାୟ ଦେବ ପାଇଁ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବିଜେଡି ଦଳର ଜନ ପ୍ରତିନିଧି ସିମୁଳିଆ ଥାନାରେ ଧାରଣାରେ ବସିଥିଲେ ।

## ନୟନଯୋରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବସ୍ତାବ୍ଲକ/ରାଜଘାଟ, ୬।୮ (ସମିସ): ବସ୍ତା ଥାନା ଗାନ୍ଧିଛକ ନିକଟରେ ନୟନ ଯୋରିରୁ ଯୁବକଙ୍କ ମୃତଦେହ ଉଦ୍ଧାର କଲେ ବସ୍ତା ଅଗ୍ନୀଶମ ବାହିନୀ । ବସ୍ତା ଥାନା କୁଡିଆ ଗ୍ରାମର ଅନନ୍ତ ଜେନା ନାମକ ଜଣେ ଯୁବକ ଗତକାଲି ରାତିରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅନ୍ଧାର ରାତିରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ ନୟନ ଯୋରିକୁ ଖସି ପଡିଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଛି । ଆଜି ସକାଳେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ମୃତଦେହ ଦେଖି ଅଗ୍ନିଶମ ବାହିନିକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦହେ ଉଦ୍ଧାର କରି ବସ୍ତା ପୁଲିସକୁ ହସ୍ତାନ୍ତର କରିଛି ।

# ପ୍ରାର୍ଥନା ସମୟରେ ୧୫ ଛାତ୍ରୀ ଅସୁସ୍ଥ

ବାହାନଗା, ୬।୮ (ସମିସ)





ବାଲେଶ୍ୱରଜିଲ୍ଲାବାହାନଗାବ୍ଲକରନିଗମାନନ୍ଦ ସ୍ମୃତି ବିଦ୍ୟାପୀଠରେ ସୋମବାର ସକାଳେ ଏକ ଚିନ୍ତାଜନକ ଘଟଣା ଦେଖାଦେଇଛି । ବିଦ୍ୟାଳୟ ପ୍ରାର୍ଥନା ସମୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମେ ୨ ଜଣ ଓ ପରେ ଗୋଟିଏ ପରେ ଗୋଟିଏ କରି ୧୫ରୁ ଉର୍ଦ୍ଧ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ । ଛାତ୍ରୀମାନଙ୍କୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅବସ୍ଥା ଗୁରୁତର ହେବାରୁ ୧୩ ଛାତ୍ରୀଙ୍କୁ ରେମୁଣାସ୍ଥିତ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ଖବର ଅନୁସାରେ କଲ୍ୟାଣୀସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠରେ ୨ଟି ଶ୍ରେଣୀ ଅର୍ଥାତ ନବମ ଏବଂ ଦଶମ ଶ୍ରେଣୀ ରହିଛି । ଏହି ସ୍କୁଲରେ ସମୁଦାୟ ୧୭୪ ଜଣ ଛାତ୍ରଛାତ୍ରୀ ପାଠ ପଢନ୍ତି । ସବୁଦିନ ପରି ଆଜି ମଧ ୧୧୪ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ସ୍କୁଲକୁ ଆସିଥିଲେ । ପ୍ରାର୍ଥନା ସମୟରେ ପ୍ରଥମେ ଜଣେ ଓ ପରେ ଆଉ ଜଣେ ଛାତ୍ରୀ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ । ସ୍କୁଲ କର୍ତ୍ତୃପକ୍ଷ ଉଭୟଙ୍କୁ ଅସୁସ୍ଥ ଅବସ୍ଥାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ସ୍କୁଲରେ ଜଣକ ପରେ ଜଣେ କରି ୧୩ରୁ ଉର୍ଦ୍ଧ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡିଯାଇଥିଲେ । ତୁରନ୍ତ ସ୍ଥାନୀୟ ଲୋକ ଏବଂ ଅଭିଭାବକଙ୍କ ସହାୟତାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀମାନଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ୧୩ ଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । କେଉଁ କାରଣ ପାଇଁ ପ୍ରାର୍ଥନା ସମୟରୁ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ ହେବା ଏବଂ ସମସ୍ତଙ୍କର ସମାନ ଭାବେ ଛାତି ଯନ୍ତ୍ରଣା ହେବା ଜଣା ପଡ଼ିନାହିଁ । ଘଟଣା ଜଣାପଡିବା ପରେ ଗୋପାଳପୁର ମେଡିକାଲ ପରିସରରେ ଅଭିଭାବକ ଏବଂ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ । ସେହିପରି ସ୍କୁଲରେ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ ହେବା ଘଟଣା ସମ୍ପର୍କରେ ସୂଚନା ପାଇ ବାହାନଗା ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ, ବାହାନଗା ବ୍ଲକର ଏଇଇ ଲକ୍ଷ୍ମୀକାନ୍ତ ଦାସ, ସୋର ବିଧାୟକ ମାଧବ ଧଡ଼ାଙ୍କ ସହ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ଦାଶ, ଜିଲ୍ଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକଙ୍କ ସହ ଅନେକ ଜନପ୍ରତିନିଧି ଏବଂ ନେତୃବୃନ୍ଦ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ବାବଦରେ ଆଲୋଚନା କରିବା ସହ ସ୍କୁଲକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି । ସେହିପରି କେଉଁ କାରଣ ପାଇଁ ଏଭଳି ପରିସ୍ଥିତି ଘଟିଲା ଜଣାପଡିନଥିବା ବେଳେ ଗୋପାଳପୁର ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟୀରେ ରଖି ଆଜି ପାଇଁ ସ୍କୁଲକୁ ଛୁଟି କରିଦିଆଯାଇଛି । ସେପଟେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ହେଲ୍ପ ଲାଇନ ସଦସ୍ୟ ମଧ୍ୟ ବାଲେଶ୍ୱର ମେଡିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବାର ଜଣାପଡିଛି ।

**ଛାତିରେ ଯନ୍ତ୍ରଣା ଯୋଗୁଁ ୧୩ଜଣ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର**

**ବିଦ୍ୟାଳୟରେ ପହଞ୍ଚି ତଦନ୍ତ କଲା ମେଡିକାଲ ଟିମ୍**

## କଲେଜ ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା, ୬।୮ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ତିନି ପ୍ରଥମ ବର୍ଷ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଇଂରାଜୀ ବଭାଗ ମୁଖ୍ୟ ପ୍ରାଧ୍ୟାପକ ଦେବବ୍ରତ ଦାସ, ଗଣିତ ବିଭାଗ ମୁଖ୍ୟ ଡ. ସୁକାନ୍ତ କୁମାର ଗିରି, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଜିତ କୁମାର ଭୂୟାଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ



କଠୋର ଅଧ୍ୟବସାୟ ଓ ପରମ୍ପରାଗତ ଜ୍ଞାନ ଦ୍ୱାରା ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ଓ ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ । ବିଭାଗୀୟ ଅଧ୍ୟାପିକା ମିତାରାଣୀ ଜେନା ଅତିଥି ପରିଚୟ ସ୍ୱାଗତ ଭାଷଣ, ବିଭାଗୀୟ ମୁଖ୍ୟ ନଗେନ୍ଦ୍ର ନାଥ ପାତ୍ର ବିବରଣୀ ପ୍ରଦାନ କରିଥିଲେ । ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ର ଛାତ୍ରୀ ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଭାଗୀୟ ଅଧ୍ୟାପକ ମାସଙ୍ଗ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଡେମୋନଷ୍ଟ୍ରେସନ ମହେନ୍ଦ୍ର କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାତୃ ସ୍ତନ୍ୟପାନ ସଚେତନତା କର୍ମଶାଳା




ଜଳେଶ୍ୱର, ୬।୮ (ସମିସ): ଜଳେଶ୍ୱରର ଅଗ୍ରଣୀ ମହିଳା ସେଚ୍ଛାସେବୀ ଅନୁଷ୍ଠାନ ଇନର ହୁଇଲ କ୍ଲବ ଅଫ ଜଳେଶ୍ୱର ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମାତୃ ସ୍ତନ୍ୟପାନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଇନର ହୁଇଲ କ୍ଲବ ସଭାପତି ଜୟନ୍ତୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ମୁଖ୍ୟ ବକ୍ତା ଡାକ୍ତର ଦିପ୍ତିମୟୀ ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ପ୍ରମୁଖ ମାତୃ ସ୍ତନ୍ୟପାନର ଉପକାରିତା ଓ ଉପାଦେୟତା ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ରାଜେଶ୍ୱରୀ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ ସବିତା ବେହେରା, ସଂଜିତା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ଲବ ସମ୍ପାଦିକା ପାରମିତା ସ୍ୱାଇଁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବସ୍ତା ଶାଖାରେ ଅବ୍ୟବସ୍ଥା




ରାଜଘାଟ, ୬।୮ (ସମିସ): ଅବ୍ୟବସ୍ଥା ଭିତରେ ଚାଲିଛି ବ୍ୟାଙ୍କ ଅଫ ଇଣ୍ଡିଆ ବସ୍ତା ଶାଖା । ବସ୍ତା ବଜାରରେ ଥିବା ଏହି ବ୍ୟାଙ୍କଟି ହେଉଛି ସର୍ବ ପୁରାତନ । ୪୦ ହଜାର ଗ୍ରାହକ ବିଶିଷ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ ଏହି ଶାଖାରେ ପ୍ରତେକ ଦିନ ଶହ ଶହ ଗ୍ରାହକ ଉକ୍ତ ବ୍ୟାଙ୍କକୁ ବିଭିନ୍ନ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି । ମାତ୍ର ଶାଖା ପ୍ରବନ୍ଧକଙ୍କ ମନମାନି କାର୍ଯ୍ୟ ପାଇଁ ଗ୍ରାହକ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଯେପରିକି ଗ୍ରାହକଙ୍କ ବସିବା ପାଇଁ ଉଦିଷ୍ଟ ଥିବା ପ୍ରକୋଷ୍ଠରେ ଭଙ୍ଗା ମଟର ସାଇକେଲ ଓ ଭଙ୍ଗା ଚୌକି ଦୀର୍ଘ ଦିନ ହେବ ପଡ଼ି ରହିଛି । ଯାହା ଫଳରେ ଶାଖା କାର୍ଯ୍ୟାଳୟ ଟି ଗୋଦାମ ଘର ସଦୃଶ ଲାଗୁଥିବା ବେଳେ ଲୋକେ ବସିବାକୁ ହଇରାଣ ହେଉଛନ୍ତି । ସେହିପରି ପାସବୁକ୍ ପ୍ରିଣ୍ଟ ପାଇଁ ଉଦ୍ଦିଷ୍ଟ ପ୍ରିଣ୍ଟର ଖରାପ ହୋଇ ପଡିଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୪ଜଣ କିରାଣୀ ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ କିରାଣୀରେ ଶାଖା ଚାଲିବା ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ମଧ୍ୟାନ ଭୋଜନ ବିରତି ସମୟରେ ସମସ୍ତ କର୍ମଚାରୀ ମୁଖ୍ୟ ଫାଟକର ଭିତର ପଟୁ ତାଲା ଲଗାଇ ଭୋଜନ କରିବାକୁ ଯିବା ସମସ୍ତ ଗ୍ରାହକଙ୍କୁ ବିସ୍ମିତ କରିଛି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ ଶାଖା ପ୍ରବନ୍ଧକ ମନୋଜ ମହାପାତ୍ରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ପାଇଁ ଏଭଳି ଅବସ୍ଥା ହୋଇଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି ।

## ଅବସରପ୍ରାପ୍ତ ବରିଷ୍ଠ ଆଦର୍ଶ ଶିକ୍ଷକଙ୍କ ପରଲୋକ



ଚନ୍ଦନେଶ୍ୱର, ୬।୮ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବାଜିତପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ସରିଷା ଗ୍ରାମର ଅବସରପ୍ରାପ୍ତ ତଥା ଆଦର୍ଶ ପ୍ରଧାନ ଶିକ୍ଷକ ସୁଧାଂଶୁ ମହାନ୍ତିଙ୍କ ୭୯ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ବୁଧବାର ତାଙ୍କ ମର ଶରୀର ଭୋଗରାଇରେ ପହଞ୍ଚିବା ପରେ ଏକ ବିଶାଳ ପଟୁଆରରେ ଶୋଭାଯାତ୍ରାରେ ନିଆ ଯାଇ ଅନ୍ତିମ ସଂସ୍କାର କରାଯାଇଛି । ଅବସର ପରେ କିଆଁ ଗଡ଼ିଆ ମଠର ମହନ୍ତ ବ୍ରଜଗୋବିନ୍ଦ ଦାସ ଗୋସ୍ୱାମୀଙ୍କ ଠାରେ ଦୀକ୍ଷା ଗ୍ରହଣ କରିବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସାମିଲ ରହି ସାମାଜିକ, ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନିଜକୁ ଯୋଡି ରଖିଥିଲେ । ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ମହାନ୍ତିଙ୍କ ବଡ଼ ପୁଅ ଝାଡେଶ୍ୱର, ମଝିଆ ପୁଅ କାର୍ତ୍ତିକେଶ୍ୱର, ସାନ ମଝିଆ ପୁଅ ଦୀପକ ଓ ସାନପୁଅ ତପନ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଭୋଗରାଇରେ ଶୋକର ଛାୟା ଖେଳି ଯାଇଥିଲା । ବୁଧବାର ତାଙ୍କ ମର ଶରୀର ଭୋଗରାଇରେ ପହଞ୍ଚିବା ପରେ ଜଗନ୍ନାଥପୁର ଛକ ଠାରୁ ଦକ୍ଷିଣ ତେଘରି ସରକାରୀ ସ୍କୁଲ ଓ ଶଙ୍ଖାରୀ ହାଟ ପର୍ଯ୍ୟନ୍ତ ଏକ ବିଶାଳ ପଟୁଆରରେ ପରିକ୍ରମା କରାଯାଇ ନିଜ ଜନ୍ମମାଟି ଦକ୍ଷିଣ ସରିଷା ଗାଁକୁ ନିଆଯାଇଥିଲା । ଉଦୟପୁର ବେଳାଭୂମି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁତ୍ର ଝାଡେଶ୍ୱର ମୁଖାଗ୍ନି ଦେଇଥିଲେ ।

## ଗହମ ଯୋଗାଣରେ ଅନିୟମିତତା

ଖଇରା, ୬।୮ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ସେପ୍ଟେମ୍ବର ମାସ ପାଇଁ ଯୋଗାଣ ବିଭାଗ ତରଫରୁ ମିଳିଥିବା ଗହମ ବଣ୍ଟନରେ ଅନିୟମିତତାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଦି ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନ କରନ୍ତି ମୂଳ ଆବେଦନ ମୁତାବକ ଗହମ ନ ଦିଅନ୍ତି ତେବେ ଖୁବଶିଘ୍ର ହିତାଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବ୍ୟକ୍ତି ସର୍ବାଧିକ ୫କିଲୋ ଚାଉଳ କିମ୍ବା ଗହମ ପାଇଁ ଆବେଦନ କରିଥାନ୍ତି । ଯିଏ ଯେଉଁ ପରିମାଣର ଚାଉଳ ଓ ଗହମ ଆବେଦନ କରିଥାନ୍ତି ଯୋଗାଣ ବିଭାଗ ସେହି ଅନୁପାତରେ ରେସନ ଯୋଗାଇ ଦେଇଥାନ୍ତି । ୨ବର୍ଷ ଧରି ଗହମ ଯୋଗାଣ ବନ୍ଦ ରହିବା ପରେ ଏବେ ସେପ୍ଟେମ୍ବର ମାସଠାରୁ ଗହମ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖଇରା ବ୍ଲକର ୭୫ ଡିଲର ପଏଣ୍ଟପାଇଁ ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ପିଏଚ୍‌ଏଚ୍) ରେ ୫ହଜାର ୭୯୮ କୁଇଣ୍ଟାଲ ଚାଉଳ ମିଳିଥିବା ବେଳେ ୪୫୪ କୁଇଣ୍ଟାଲ ଗହମ ମିଳିଛି । ହେଲେ ଯେଉଁ ମାନେ ୨କିଲୋ କିମ୍ବା ତାଠାରୁ କମ ଗହମ ଆବେଦନକାରୀଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି । ଅର୍ଥାତ ଖଇରା ଗହମ ଆବେଦନ କାରୀଙ୍କ ସଂଖ୍ୟା ହିସାବକୁ ନେଲେ ଖଇରା ବ୍ଲକ ପାଇଁ ପାଖାପାଖି ୧ହଜାର ୮ଶହ କୁଇଣ୍ଟାଲ ଗହମ ଆବଶ୍ୟକ ଥିବା ବେଳେ ଯଥେଷ୍ଟ କମ ଗହମ ଯୋଗାଣ କୁ ନେଇ ହିତାଧିକାରିଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ସେପଟେ ଚାଉଳ ସେପ୍ଟେମ୍ବର ଏବଂ ଅକ୍ଟୋବର ପାଇ ପ୍ରଦାନ କରାଯାଇଥିବା ବେଳେ ଗହମ କେବଳ ସେପ୍ଟେମ୍ବର ପାଇଁ ପ୍ରଦାନ କରାଯାଇଛି । ଏପଟେ ଧାନ ବିକ୍ରି ପାଇଁ ଅନଲାଇନରେ କଟକଣାକୁ ନେଇ ଚାଷୀଙ୍କ କ୍ରୋଧ ପଞ୍ଚମରେ ପହଞ୍ଚିଥିବା ବେଳେ ପୁଣି ଯୋଗାଣ ବିଭାଗରେ ଗହମ ଯୋଗାଣରେ ଏଭଳି ଚରମ ଅବହେଳା ଯୋଗୁଁ ଏହି ବିଭାଗ ଲୋକଙ୍କ ବିଶ୍ୱସନୀୟତା ହରାଇଛି ବୋଲି ଗହମ ଯୋଗାଣରୁ ବଞ୍ଚିତ ଅଲିପୁର ଗ୍ରାମର ଭରତ କଟୁଆଳ କହିଛନ୍ତି । ସେହିଭଳି ଗହମକୁ ଚାତକ ଭଳି ଚାହିଁ ବସିଥିବା ସୁଣ୍ଡିରା ଗ୍ରାମର କ୍ଷେତ୍ରମଣି ନାୟକ ଓ ପଦ୍ମାବତୀ ଖଟୁଆ, ପୁର୍ବପଡା ଗ୍ରାମର ସ୍ନେହଲତା ଖଟୁଆ, ତ୍ରିଲୋଚନପୁର ଗ୍ରାମର ଛବିରାଣୀ ବାରିକ ଏଭଳି ଅନିୟମିତତା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ଉପରୁ ଯେମିତି ଲିଷ୍ଟ ଆସିଛି ଡିଲର ମାନେ ସେହିଭଳି ଭାବେ ଗହମ ଓ ଚାଉଳ ହିତାଧିକାରୀଙ୍କୁ ବାଣ୍ଟୁଥିବା କହିଛନ୍ତି ।

**ଆନ୍ଦୋଳନକୁ ଓହ୍ଲାଇବେ ହିତାଧିକାରୀ**

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



କାଳିପଦା, ୬।୮ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଚୌମୁଖ ରାମ ପ୍ରସାଦ ସରକାରୀ ହାଇ ସ୍କୁଲର ଆବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା, ଜାମଶୂଳୀ କଲେଜର ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଅତିଥି ଆର ପି ଭାବରେ ଯୋଗ ଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ଗୁଣବତ୍ତା ସମ୍ପର୍କରେ କହିଥିଲେ । ମେଳାରେ କୋଡିଏରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଗୁରୁମା କୃଷ୍ଣା ସୁର, ଝୁନା ରାଣୀ ଦାସ, ବିଦ୍ୟୁତ ପ୍ରଭା ଦେ, ଚିନ୍ମୟୀ ଦେ, ବିଷ୍ଣୁ ପ୍ରିୟା କୁହ୍ଲାରୀ, ସୁସ୍ମିତା ପ୍ରଧାନ, ଲତିକା ସାହୁ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଗୁରୁଜୀ ଜଳଧର ଦେ, ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରାଯାଇ ଥିଲା ।

ସାକ୍ଷାତକାର

# କଳାକାର ପାଇଁ ପ୍ରତ୍ୟେକଟି ଚରିତ୍ର ଗୁରୁତ୍ୱପୂର୍ଣ୍ଣ”

## ଲିଲି ନାୟକ



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ନାଚିବା ମୋର ଈଶ୍ୱରପ୍ରଦତ୍ତ ଗୁଣ ଥିଲା । ମା' କହୁଥିଲେ ମାତ୍ର ଚାରିବର୍ଷ ବୟସରୁ ମୁଁ ଟିଭି ଦେଖି ଦେଖି ନାଚିବା ଆରମ୍ଭ କରିଥିଲି । ସେବେଠୁ ମୋ ମା' ମୋତେ ଷ୍ଟେଜ୍ ପ୍ରୋଗ୍ରାମକୁ ନେଇ ଯାଉଥିଲେ । ସ୍କୁଲସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚରେ ନୃତ୍ୟ ପରିବେଷଣ କରିଛି । ଧୀରେ ଧୀରେ ନୃତ୍ୟ ପ୍ରତି ମୋର ଅହେତୁକ ଦୁର୍ବଳତା ହେଲା । ନୃତ୍ୟ ପାଇଁ ମୁଁ କେବେ ବି ତାଲିମ ନେଇନି । ବାପା ମା' ଚାହିଁଥିଲେ ମୁଁ ରଙ୍ଗିନ ପରଦାରେ କାମ କରେ । ପରବର୍ତ୍ତୀ ସମୟରେ ଗ୍ଲାମର ଦୁନିଆକୁ ଆସିବା ଲକ୍ଷ୍ୟରେ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ସୁଦ୍ଧା ମୁଁ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି । ତନ୍ମଧ୍ୟରୁ 'ଗୁଆଘିଅ' ଗୀତଟି ମାତ୍ର ୧୧ ଘଣ୍ଟାରେ ୧୦୦ ମିଲିୟନ କ୍ରସ୍ କରିଥିଲା । 'ଗୁଆ ଘିଅ' ମ୍ୟୁଜିକ୍ ଭିଡିଓ ପାଇଁ ପୂରା ଟିମ୍‌କୁ ଶ୍ରେୟ ମିଳିଛି ।

**ପିଲାଦିନେ ସେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ଭଲ ନାଚୁଥିଲେ । ଭବିଷ୍ୟତରେ ଭଲ ନୃତ୍ୟଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ । ଶିଶୁ କଳାକାର ଭାବେ ସେ ଅଭିନୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ସେ ରଙ୍ଗିନ ଦୁନିଆରୁ କିଛି ବର୍ଷ ପାଇଁ ଦୂରେଇ ଯାଇଥିଲେ । ତେବେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଅଧିକ ଦିନ ଅଟକାଇ ପାରିନଥିଲା । ସେ ପୁଣି ମ୍ୟୁଜିକ୍ ଭିଡିଓରୁ କ୍ୟାରିୟର ଆରମ୍ଭ କରିଥିଲେ । 'ତୁ କିଏ ମୋର' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡ଼ିଓ । ସେ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି । ତାଙ୍କ ଅଭିନୀତ 'ଗୁଆଘିଅ' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଲିଲି ନାୟକ । ବଡ଼ ପରଦାରେ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରୁଥିବା ଲିଲିଙ୍କଠାରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ ।**

**ହିଟ୍ ହୋଇଥିବା ମ୍ୟୁଜିକ୍ ଭିଡିଓ?**

● 'ଗୁଆ ଘିଅ', 'ତୁମୋ ଓଦା ଆଖି', 'ରାଣୀ ତୁ', 'ବାରମାସୀ', 'ସାଙ୍ଗ ହୋ', 'ଗୋଟା ପାନ', 'ମଦରେ ମଦ ତୁ ସହର', 'ଏ କି ଋତୁ', 'ନୂଆ ନୂଆ ପ୍ରେମ', 'ହୃଦୟଟା ତୋ ପାଖେ ରହିଯାଉଛି', 'ପ୍ରେମ ଗଳି', 'ପ୍ରେମଶିଲଖା', 'ତୋ ପ୍ରେମରେ ଦିୱାନ' ଆଦି ଅନେକ ମ୍ୟୁଜିକ୍ ହିଟ୍ ହୋଇଛି ।

**କ୍ୟାମେରାକୁ କେମିତି ସାମ୍ନା କରନ୍ତି?**

● ମଞ୍ଚରେ ଯେତେ ନୃତ୍ୟ ପରିବେଷଣ କଲେ ବି, ଏବେ ଯେଉଁ ପ୍ରୋଜେକ୍ଟରେ କାମ କଲେ, ମୋ ଭିତରେ ଭୟ ଥାଏ । ମୋତେ ପୁଣି ଏକ ନୂଆ କାମ କରିବା ଭଳି ଅନୁଭବ ହୁଏ । ମୁଁ କେବେ ଭାବେନି ମୁଁ ସବୁ ଜାଣିଛି । ତେଣୁ ଭୟ ରହିଲେ ସେ କାମକୁ ସେତିକି ଜୋସ୍‌ରେ କରିବା ଦ୍ୱାରା କାମ ଭଲ ହୁଏ । ଏଥିପାଇଁ ଅଧିକ ପରିଶ୍ରମ ମଧ୍ୟ କରିଥାଏ । ମୁଁ ଭାବେ ଏହି ଭୟ ପ୍ରତ୍ୟେକ କଳାକାରଙ୍କ ଭିତରେ ରହିବା ଦରକାର ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ସବୁତକ ମୁଁ ମୋ ମା'ଙ୍କୁ ଦେଇଥିଲି ।

**ବଡ଼ ପରଦା ପାଇଁ କିଛି ଯୋଜନା ଅଛି କି?**

● ମ୍ୟୁଜିକ୍ ଭିଡିଓ କରିବା ସମୟରେ ମୋତେ ବିଭିନ୍ନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଛି । ହେଲେ କିଛି ବ୍ୟକ୍ତିଗତ କାରଣ ଯୋଗୁଁ ମୁଁ ଧାରାବାହିକ କରିନି । ତେବେ ଆଗକୁ ବଡ଼ ପରଦାରେ ଭଲ ଚରିତ୍ର ମିଳିଲେ ମୁଁ ନିଶ୍ଚୟ ଅଭିନୟ କରିବି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ କେମିତି ହେବ ଆଦି ଉପରେ କାମ କରୁଛି । ଏଯାବତ୍ କୌଣସି ଥିଏଟର୍ ଯାଇନି ।

**ଆପଣଙ୍କ ଡ୍ରିମ୍ ରୋଲ୍?**

● ମୁଁ ଭାବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ସିନ୍ ଗୁରୁତ୍ୱପୂର୍ଣ୍ଣ । ଯେ କୌଣସି ଚରିତ୍ର ମିଳିଲେ ମୁଁ ଏହାକୁ ନିଖୁଣ ଭାବେ ଫୁଟାଇବାକୁ ଚାହିଁବି । ତେବେ ଚ୍ୟାଲେଞ୍ଜିଂ ଚରିତ୍ରକୁ ଗ୍ରହଣ କରିବାକୁ ବିଶେଷ ପ୍ରାଧାନ୍ୟ ଦେବି ।



**ଡ୍ୟାନ୍ସକୁ ବାଦ୍ ଦେଲେ, କେଉଁଥିରେ ଆପଣଙ୍କ ରୁଚି ରହିଛି?**

● ଚିତ୍ର ଆଙ୍କେ । ଭଲ ଭଲ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରେ । ମୋ ପସନ୍ଦର ନାୟକ ଓ ନାୟିକାଙ୍କ ଅଭିନୀତ ସିନେମା ଦେଖିବାକୁ ଭଲ ପାଏ ।

**ନିଜକୁ କେମିତି ଫିଟ୍ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ସେଥିପାଇଁ ମୁଁ ଯୋଗ, ୱାର୍କଆଉଟ୍, ଡ୍ୟାନ୍ସ କରେ । ■

## 'ଲଢ଼େଇ'ରେ ଅଭିଲିପ୍ସା



ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'ରେ ଲୋହିତାକ୍ଷଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିଲିପ୍ସା । ଅଭିଲିପ୍ସାଙ୍କର ଏହା ହେଉଛି ପ୍ରଥମ ଫିଲ୍ମ । ନିଜର ପ୍ରଥମ ଫିଲ୍ମକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି । ଏଥିରେ ତାଙ୍କୁ ସୁଯୋଗ କେମିତି ମିଳିଲା ପ୍ରଶ୍ନର ଉତ୍ତରରେ ଅଭିଲିପ୍ସା କୁହନ୍ତି, "ନିର୍ଦ୍ଦେଶକ ଅଶୋକ ପତି ଇନ୍‌ଷ୍ଟାଗ୍ରାମରେ ମୋର କିଛି ରିଲ୍ସ ଓ ମ୍ୟୁଜିକ ଭିଡିଓ ଦେଖିଥିଲେ । ତା'ପରେ ଅଭିନେତା ମନ୍ମୟ ଦେ'ଙ୍କ ଜରିଆରେ ମୋ ସହିତ ଯୋଗାଯୋଗ କରିଥିଲେ । ଏହି ଭୂମିକା ପାଇଁ ମୋତେ ଅଡିସନ୍ ଓ ଲୁକ୍ ଟେଷ୍ଟ ଦେବାକୁ ପଡ଼ିଥିଲା । ଶେଷରେ ମୁଁ ମନୋନୀତ ହୋଇଥିଲି ।" ପ୍ରଥମେ ଏହାକୁ ସେ ସହଜରେ ଗ୍ରହଣ କରି ପାରି ନଥିଲେ । ତାଙ୍କ ପାଇଁ ଏହା ବେଶ୍ ଅବିଶ୍ୱସନୀୟ ଥିଲା । ସବୁ କିଛି ଚୂଡ଼ାନ୍ତ ହେବା ପରେ ସେ ନିଜ ଭଉଣୀକୁ ପ୍ରଥମେ ଏହି କଥା ଜଣାଇ ଥିବା କହନ୍ତି । ବାପା ଓ ମା'ଙ୍କ ସମର୍ଥନ ନ ଥିଲେ ସେ ଏତେ ବାଟ ଆସିପାରି ନଥାନ୍ତେ ବୋଲି କହିଛନ୍ତି । ଚଳଚ୍ଚିତ୍ର ପାଇଁ ସମସ୍ତ ଶ୍ରେୟ ସେ ନିର୍ଦ୍ଦେଶକ ଅଶୋକ ପତି ଓ ପ୍ରଯୋଜକ ଦେବାଶିଷ ପଟ୍ଟନାୟକଙ୍କୁ ଦେଇଛନ୍ତି । ଏଥିରେ ଅଭିଲିପ୍ସାଙ୍କୁ ଜଣେ ଗାଉଁଲି ଝିଅର ଚରିତ୍ରରେ ଦେଖିବାକୁ ମିଳିବ । ଅନ୍ୟପକ୍ଷରେ ଚଳଚ୍ଚିତ୍ରରେ ସୁଯୋଗ ମିଳିବା ପୂର୍ବରୁ ଅଭିଲିପ୍ସା 'ଅଳ୍ପ ଟିକେ ପ୍ରେମ', 'ପାଟ ଓଢଣୀ', 'କର୍ଫ୍ୟୁ', 'ନିଜଠୁ ନିଜର' ଓ 'ଯେବେ ନିଜର କଲା ତୋ ନଜର' ଆଦି ଅନ୍ୟାନ୍ୟ ମ୍ୟୁଜିକ ଭିଡିଓରେ ଅଭିନୟ କରିଛନ୍ତି । ■

## 'ସନ୍ଧ୍ୟା' ଚରିତ୍ରରେ ଲିପି



ଦଶହରାରେ ଆସିବାକୁ ଯାଉଛି ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ର ଏହା ହେଉଛି ଷଷ୍ଠ ଅବଦାନ। ତେବେ ଦୀର୍ଘଦିନ ବ୍ୟବଧାନ ପରେ ଲିପିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ । ଏହି ସିନେମାରେ ଲିପି 'ସନ୍ଧ୍ୟା' ଚରିତ୍ରରେ ନଜର ଆସିବେ । ଜୀବନରେ ଜିତିବା ପାଇଁ କଠିନ ସଂଘର୍ଷ କରୁଥିବା ଜଣେ ଦୃଢ଼ ନାରୀଭାବେ ଏଥିରେ ତାଙ୍କୁ ଦେଖିବାକୁ ମିଳିବ । ଏହିପରି ଭାବେ ସେ ଏକ ଦମ୍‌ଦାର ଚରିତ୍ରରେ ଦର୍ଶକଙ୍କ ମନ ଜିଣିବେ । ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ୍ ନାୟକ । ଅନ୍ୟପକ୍ଷରେ ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି । ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅର୍ଦ୍ଧେନ୍ଦୁ ଓ ଏଲିନା । ■

## ଅଗଷ୍ଟ ୯ରୁ 'କିଚେନ ହଙ୍ଗାମା'






ଅଗଷ୍ଟ ୯ ତାରିଖରେ ତରଙ୍ଗ ଚ୍ୟାନେଲରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଶୁଭାରମ୍ଭ ହେବ ନୂଆ ରିଆଲିଟି ଶୋ' 'କିଚେନ ହଙ୍ଗାମା' । ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ । ତେବେ ଏହି ଶୋ' ଅନ୍ୟ ରିଆଲିଟି ଶୋ'ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ କଳାକାର ସେମାନଙ୍କର ଅଭିନୟ କି ନାଚ କିମ୍ବା ଗୀତ ନୁହେଁ, ବରଂ ରୋଷେଇ କଳା କୌଶଳ ଦେଖାଇବେ । ତେଣୁ ଏହି ଶୋ'ରେ ଟେଲିଭିଜିନର ଲୋକପ୍ରିୟ କଳାକାରଙ୍କ ମଧ୍ୟରେ ଏକ ଦମ୍‌ଦାର ରୋଷେଇ ପ୍ରତିଯୋଗିତା ଦେଖିବାକୁ ମିଳିବ । ଏଥିରେ ଯୋଡ଼ି ହୋଇ ପ୍ରତ୍ୟେକ କଳାକାର ରୋଷେଇ କରିବେ । ସେହିପରି ଏଥିରେ ବିଚାରକ ଭାବେ ନଜର ଆସିବେ ମାଷ୍ଟର ସେଫ୍ ଅବିନାଶ । ଶୋ'କୁ ସଂଚାଳନ କରିବେ ଚାନ୍ଦିନୀ । କେବଳ ରୋଷେଇ ନୁହେଁ, ନାଚ, ଗୀତ ମାଧ୍ୟମରେ ଏହି ଶୋ' ଦର୍ଶକଙ୍କର ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି । ■

## 'ବିନ୍ଦୁସାଗର'ରେ ବଲିଉଡ୍ ପ୍ରଯୋଜକ



ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର' । ବଲିଉଡ୍‌ର ଲୋକପ୍ରିୟ ପ୍ରଯୋଜକ ଶିଳାଦିତ୍ୟ ବୋରା ତାଙ୍କର ପ୍ଲାଟୁନ୍ ୱାନ୍ ଫିଲ୍ମସ ସହିତ ଏହି ଫିଲ୍ମ ମାଧ୍ୟମରେ ଓଡ଼ିଶାରେ ଡେବ୍ୟୁ କରିବେ। ତେବେ ଶିଳାଦିତ୍ୟ 'ନ୍ୟୁଟନ', 'ପିକାସୋ' ଫିଲ୍ମ ପାଇଁ ସୁପରିଚିତ। ସେ କହିଛନ୍ତି, ଓଡ଼ିଆ ଫିଲ୍ମ ଏବେ ଦର୍ଶକଙ୍କ ପାଇଁ ଚମତ୍କାର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ ବି ଏହା ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଖରେ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରି ନାହିଁ। ତେଣୁ ଖୁବ୍‌ଶୀଘ୍ର ଓଡ଼ିଆ ଚଳଚ୍ଚିତ୍ର ଏକ ନୂଆ ଶିଖରରେ ପହଞ୍ଚିବାକୁ ଯାଉଛି। ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି । ତାଙ୍କ ମତରେ, ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରିବ । ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଅନ୍ୟପଟେ ଓଡ଼ିଶା ଓ ଲଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାରର ଏକ କାହାଣୀ ଉପରେ ପର୍ଯ୍ୟବସିତ । ■

ପରଦା ପଛର କାହାଣୀ

## ଅଧା କେଶ ଓ ନିଶ କାଟି ସେଟ୍‌ରେ ଅଭିନେତା



ବଲିଉଡ୍‌ରେ ଅନେକ କଳାକାର ନିଜର ପ୍ରତିଭା ତଥା କଠିନ ପରିଶ୍ରମ ବଳରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ କିଶୋର କୁମାର। ସେ ଜଣେ ଭଲ ଗାୟକ ଓ ଅଭିନେତା ଭାବେ ପ୍ରସିଦ୍ଧ । ତାଙ୍କର ଅଭିନୟ ଓ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ୧୯୪୬ ମସିହାରେ 'ଶିକାରୀ' ଫିଲ୍ମ ମାଧ୍ୟମରେ ଅଭିନୟ ଜଗତରେ ପାଦ ଥାପିଥିବା କିଶୋର କୁମାର କୌତୁକିଆ ଓ ସ୍ପଷ୍ଟବାଦୀ ଥିଲେ। ତାଙ୍କୁ ନେଇ ଅନେକ ରୋଚକ କଥା ରହିଛି। ତେବେ ନିକଟରେ ତାଙ୍କ ସହ ଜଡ଼ିତ ଏକ ରୋଚକୀୟ ଘଟଣା ସାମ୍ନାକୁ ଆସିଛି । ଥରେ ସେ ପ୍ରଯୋଜକଙ୍କ ଉପରେ ରାଗିଯାଇ, ଅଧା କେଶ ଓ ନିଶ କାଟି ସେଟ୍‌ରେ ପହଞ୍ଚିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ ତାଙ୍କ ଧର୍ମପତ୍ନୀ ଲୀନା ଚନ୍ଦାବରକର କହିଛନ୍ତି। ତାଙ୍କ କହିବାନୁଯାୟୀ, ଥରେ କିଶୋର କୁମାର କୌଣସି ଏକ ଫିଲ୍ମର ସୁଟିଂ କରୁଥିଲେ। କିନ୍ତୁ ପ୍ରଯୋଜକ ତାଙ୍କୁ ସେଥିରେ ଅଧା ଟଙ୍କା ଦେଇଥିଲେ । ଫିଲ୍ମ ପୂରା ହେଲା ପରେ ସେ କିଶୋରଙ୍କୁ ବାକି ଟଙ୍କା ଦେବା ପାଇଁ କହିଥିଲେ । ଏ କଥାକୁ ନେଇ କିଶୋର ଖୁବ୍ ରାଗି ଯାଇଥିଲେ। ଏହାର ଜବାବ ସେ ନିଜ ଷ୍ଟାଇଲ୍‌ରେ ଦେବାକୁ ସ୍ଥିର କରିଥିଲେ। ତା' ପରଦିନ ସେ ଅଧା କେଶ ଓ ଅଧା ନିଶ ନିଶ କାଟି ଫିଲ୍ମ ସେଟ୍‌କୁ ପହଞ୍ଚିଥିଲେ । ଏହାର କାରଣ ପଚାରିବାରୁ ସେ କହିଥିଲେ, "ଅଧା ଟଙ୍କା ମିଳିଛି । ତେଣୁ ଗେଟ୍‌ଅପ୍ ମଧ୍ୟ ଅଧା ରହିବ । ଯେତେବେଳେ ପୂରା ଟଙ୍କା ମିଳିବ, ସେତେବେଳେ ପୁରା ଗେଟ୍‌ଅପ୍ ରହିବ ।" ■

## ଉଷ୍ଟୁରେ ନୂପୁରଙ୍କୁ ସ୍ୱର୍ଣ୍ଣ; ପାୟଲଙ୍କୁ କାଂସ୍ୟ





ଭୁବନେଶ୍ୱର, ୬।୮ (ସମିସ): ଦୁଇ ଓଡ଼ିଆ ଉଷ୍ଟୁ ଖେଳାଳି ନୂପୁର ପଟ୍ଟନାୟକ ଓ ପାୟଲ ପଟ୍ଟନାୟକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜର୍ଜିଆ ଓପନ୍ ଇଣ୍ଟର ନ୍ୟାସନାଲ ଉଷ୍ଟୁ ଚାମ୍ପିଅନସିପ୍‌ରେ ନୂପୁର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ଉଷ୍ଟୁର ତାଓଲୁ ନାନ୍ ଷ୍ଟାଇଲ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ ପାୟଲ ୱିଙ୍ଗ୍ ଚୁନ୍ ଇଭେଣ୍ଟରେ ୩ୟ ହୋଇ କାଂସ୍ୟ ପଦକ ଜିତିଛନ୍ତି।

### ■ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିକାଶ



ଭୁବନେଶ୍ୱର, ୬।୮ (ସମିସ): ଜର୍ମାନୀର ନେହିମ୍ ହଷ୍ଟନ ସହରରେ ଚଳିତ ମାସ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଦେଶ ତଥା ରାଜ୍ୟ ପାଇଁ ପଦକ ଜିତିବା ଲାଗି ବିକାଶ ଆଶାବାଦୀ ରହିଛନ୍ତି। ବିଗତ ୮ ବର୍ଷ ଧରି ବିକାଶ ରାଜ୍ୟରେ ମିନିଗଲ୍ଫ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ କାମ କରିଚାଲିଛନ୍ତି। ସେ ୨୦୦୩ରେ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୨୪ରେ ଜାତୀୟ ମିନି ଗଲ୍ଫରେ ରୌପ୍ୟ ଓ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିକାଶଙ୍କୁ ଏହି ଅବସରରେ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

### ■ ଜୁନିଅର ମହିଳା ହକି

## ମହାରାଷ୍ଟ୍ରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୬।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଏହାର ଅନ୍ତିମ ପୁଲ୍ ମ୍ୟାଚରେ ପରାସ୍ତ ହୋଇଛି। ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ବୁଧବାର ୨ୟ ମୁକାବିଲାରେ ମହାରାଷ୍ଟ୍ରକୁ ଭେଟିଥିଲା। ଏହି ମ୍ୟାଚରେ ମହାରାଷ୍ଟ୍ର ପ୍ରଭାବୀ ପ୍ରଦର୍ଶନ କରି ୨-୧ ଗୋଲ୍‌ରେ ଓଡ଼ିଶାକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟିକା ତନୁଶ୍ରୀ କାଡ଼ୁ ଓ ଦୀକ୍ଷା ନୀତୀନ ସିନ୍ଧେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୫୪ତମ ମିନିଟ୍‌ରେ ଦୀପିକା ବରୱା ଗୋଟିଏ ଗୋଲ୍ ଶୁଝାଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ହରାଇଥିଲା। ଓଡ଼ିଶା ଏବେ ୨ ମ୍ୟାଚରୁ ୩ ପଏଣ୍ଟ ପାଇ ପୁଲ୍-ଡି'ରେ ଶୀର୍ଷରେ ରହିଛି। ଗୁରୁବାର ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅନ୍ତିମ ପୁଲ୍ ମ୍ୟାଚ୍ ଖେଳାଯିବା ପରେ କେଉଁ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ ତାହା ସ୍ପଷ୍ଟ ହେବ।

### ଜାତୀୟ ଜୁନିଅର ସନ୍ତରଣ ପ୍ରତିଯୋଗିତା

## ଓଡ଼ିଶାର ସାଇ ସ୍ୱରୂପଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୮ (ସମିସ): ଅହମଦାବାଦରେ ଚାଲିଥିବା ଜାତୀୟ ଜୁନିଅର ସନ୍ତରଣ ଚାମ୍ପିଅନସିପ୍‌ରେ ବୁଧବାର ଓଡ଼ିଶାକୁ ଏକ ବଡ଼ ସଫଳତା ମିଳିଛି। ପୁରୁଷ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ସାଇ ସ୍ୱରୂପ ସ୍ୱାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି ଦୂରତାକୁ ସାଇ ସ୍ୱରୂପ ୨ ମିନିଟ୍ ୩୨.୫୦ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ଜାତୀୟ ସନ୍ତରଣର କୌଣସି ପ୍ରତିଯୋଗିତାରେ ଓଡ଼ିଶାର ଜଣେ ସନ୍ତରଣକାରୀ ସ୍ୱର୍ଣ୍ଣ ପଦକ ଜିତିବାରେ ଏହା ପ୍ରଥମ ଘଟଣା ହୋଇଛି। ଏହି ସଫଳତା ଲାଗି ସାଇଙ୍କୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପ ଦୁଇ ଦିନ ତଳେ ଏହି ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ସେ ବାଳକ ଗ୍ରୁପ୍-୨ କାଟଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟକୁ ୩୧.୯୫ ସେକେଣ୍ଡରେ ଶେଷ କରି ୩ୟ ସ୍ଥାନ ହାସଲ କରିଥିଲେ। ଏଥିସହ ଓଡ଼ିଶାର ୨ୟ ପୁରୁଷ ସନ୍ତରଣକାରୀ ଭାବେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ପୂର୍ବରୁ ୧୯୯୧ରେ ରଙ୍ଗନିଧି ସେଟ୍ ପ୍ରଥମ ଓଡ଼ିଆ ଭାବେ କୋଲକାତାରେ ଅନୁଷ୍ଠିତ ଜାତୀୟ ସନ୍ତରଣର ସବ୍‌ଜୁନିଅର କାଟାଗୋରୀରେ କାଂସ୍ୟ ପଦକ ଜିତିଥିଲେ। ଏବେ ସାଇଙ୍କ ସ୍ୱର୍ଣ୍ଣିମ ସଫଳତା ଜାତୀୟ ସନ୍ତରଣରେ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। କଟକ ବାରଙ୍ଗର ସୁବାସ ଚନ୍ଦ୍ର ସ୍ୱାଇଁ ଓ ରୁନୁ ସ୍ୱାଇଁଙ୍କ ସୁପୁତ୍ର ସାଇ ସ୍ୱରୂପ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପରଫର୍ମାନ୍ସ ଆକ୍ୱାଟିକ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।



### ୨୦୨୭ ଦିନିକିଆ ବିଶ୍ୱକପ୍

# କୋହଲି-ରୋହିତଙ୍କୁ ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି):



ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଟି-୨୦ ଓ ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କହିସାରିଛନ୍ତି। ଉଭୟ ଏବେ କେବଳ ଦିନିକିଆ ଫର୍ମାଟ୍ ତଥା ୫୦ ଓଭର କ୍ରିକେଟ୍‌ରେ ଖେଳ ଜାରି ରଖିଛନ୍ତି। ଦିନିକିଆ ଫର୍ମାଟ୍‌ର ପରବର୍ତ୍ତୀ ତଥା ୧୪ତମ ବିଶ୍ୱକପ୍ ୨୦୨୭ରେ ଆଫ୍ରିକା ମହାଦେଶରେ ଖେଳାଯିବ। ଏବେ କୋହଲି ଓ ରୋହିତ୍ ଏହି ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି, 'ବିରାଟ-ରୋହିତଙ୍କ ବୟସ ୨୦୨୭ ମସିହା ବେଳକୁ ପାଖାପାଖି ୪୦ ବର୍ଷ ହୋଇସାରିଥିବ। ତେଣୁ ଏହି ବିଶ୍ୱକପ୍ ଲାଗି ଏକ ସ୍ପଷ୍ଟ ଯୋଜନା କରାଯିବା ଉଚିତ୍। କାରଣ ୧୪ ବର୍ଷ ତଳେ ଆମେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲୁ। ତେଣୁ ଏହି ସମୟ ମଧ୍ୟରେ କିଛି ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି।' ଏଥିରେ ଆହୁରି ମଧ୍ୟ କୁହାଯାଇଛି, ଏହା ଉପରେ ବିସିସିଆଇ ଖୁବ୍ ଶୀଘ୍ର ଆଲୋଚନା କରିବ। ୨୦୨୭ ବିଶ୍ୱକପ୍ ଲାଗି ଆମ ନିକଟରେ ୨ ବର୍ଷରୁ ଅଧିକ ସମୟ ରହିଛି। ସୀମିତ ଓଭର କ୍ରିକେଟ୍‌ରେ ବିରାଟ ଓ ରୋହିତ୍‌ଙ୍କ ଏକ ବଡ଼ ଅବଦାନ ରହିଛି। ସେମାନେ ପ୍ରାୟ ସବୁକିଛି ହାସଲ କରିସାରିଛନ୍ତି। ତେଣୁ ଆମେ ଭାବୁ ନାହୁଁ ଯେ କେହି ସେମାନଙ୍କ ଉପରେ ଚାପ ପକାଇବ। କିନ୍ତୁ ବିଶ୍ୱକପ୍ ଚକ୍ର ଆରମ୍ଭ ହେବା ପୂର୍ବରୁ ଉଭୟଙ୍କ ସହ ବୃତ୍ତିଗତ ଆଲୋଚନା ହେବା ଉଚିତ୍। ଯେଉଁଥିରେ ଉଭୟ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିଛନ୍ତି କି ନାହିଁ ଦେଖାଯିବ।'

କୋହଲି ଓ ରୋହିତ୍‌ଙ୍କ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ରାସ୍ତା କଷ୍ଟକର ହୋଇପଡ଼ୁଛି। କାହିଁକି ନା ଉଭୟଙ୍କ ଅନୁପସ୍ଥିତିରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରି ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲା। ଏହି ସିରିଜରେ ଭାରତ ସମସ୍ତ ୫ଟି ଯାକ ଟେଷ୍ଟରେ ଲଢ଼େଇ କରିଥିଲା। ଅଧିନାୟକ ଗିଲ୍‌ଙ୍କ ସମେତ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଆକାଶ ଦୀପ୍ ସେମାନଙ୍କ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ତେଣୁ ଏହି ଯୁବ ପିଢ଼ିର ଖେଳାଳି ଏବେ ଟିମ୍ ମ୍ୟାନେଜମେଣ୍ଟର ଆସ୍ଥା ଭାଜନ ହୋଇପାରିଛନ୍ତି। ଯାହା ଫଳରେ କୋହଲି ଓ ରୋହିତ୍‌ଙ୍କ ଭଳି ଦୁଇ ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଟାଣି ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଓ ରୋହିତ୍ ଏହି ଫର୍ମାଟ୍‌ରୁ ଅବସର ନେଇଥିଲେ। ଏହାପରେ ଟେଷ୍ଟରେ ଉଭୟଙ୍କ ପ୍ରଦର୍ଶନ ଆଶାନୁରୂପକ ନ ଥିଲା। ଯେଉଁଥିପାଇଁ ଇଂଲଣ୍ଡ ଗସ୍ତ ପୂର୍ବରୁ ଉଭୟ ଟେଷ୍ଟ ଫର୍ମାଟ୍‌କୁ ମଧ୍ୟ ଅଲ୍‌ବିଦା କରିଥିଲେ। ଏବେ ଉଭୟଙ୍କୁ ମଧ୍ୟ ଦିନିକିଆ ଫର୍ମାଟ୍‌ରୁ ଧିରେ ଧିରେ ଅବ୍ୟାହତି ଦିଆଯିବ ବୋଲି କ୍ରିକେଟ୍ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ଚାଲିଛି। ଭାରତ ଏହାର ପରବର୍ତ୍ତୀ ଦିନିକିଆ କ୍ରିକେଟ୍ ସିରିଜ ଅକ୍ଟୋବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଥିରେ ଉଭୟଙ୍କ ପ୍ରଦର୍ଶନ କେଉଁଭଳି ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜୁଲାଇର ଶ୍ରେଷ୍ଠ କ୍ରିକେଟର୍ ଦୌଡ଼ରେ ଗିଲ୍



ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଜୁଲାଇ ମାସର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଦୌଡ଼ରେ ରହିଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଜୁଲାଇ ମାସ ଲାଗି ଶ୍ରେଷ୍ଠ ପୁରୁଷ ଖେଳାଳିଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ଗିଲ୍‌ଙ୍କ ବ୍ୟତୀତ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ୱିଆନ ମଲ୍ଡର ମଧ୍ୟ ପୁରସ୍କାର ଦୌଡ଼ରେ ରହିଛନ୍ତି। ନିକଟରେ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ତାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବାରେ ସଫଳ ହୋଇଥିଲା। ଏହି ସିରିଜରେ ଗିଲ୍ ମଧ୍ୟ ବେଶ୍ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ ଶତକ ଓ ଗୋଟିଏ ଦ୍ୱିଶତକ ରହିଥିଲା। ଏହି ପ୍ରଦର୍ଶନ ବଳରେ ଗିଲ୍ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଅଧିନାୟକ ହୋଇଥିଲେ। ତାଙ୍କ ପୂର୍ବରୁ ୧୯୭୮ ମସିହାରେ ଗାଭାସ୍କର ଅଧିନାୟକ ଥିବାବେଳେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ୭୩୨ ରନ କରିଥିଲେ।

ସେହିଭଳି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ମଧ୍ୟ ଭାରତ ବିପକ୍ଷରେ ପ୍ରଥମ ୪ଟି ଟେଷ୍ଟ ଖେଳି ୪୩.୪୦ ହାରରେ ୩୦୪ ରନ କରିଥିଲେ। ସେ ମଧ୍ୟ ୧୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ଯେଉଁଥି ଲାଗି ତାଙ୍କ ନାମକୁ ମଧ୍ୟ ଜୁଲାଇ ମାସର ଶ୍ରେଷ୍ଠ କ୍ରିକେଟର୍ ଭାବେ ବିଚାରକୁ ନିଆଯାଇଛି। ଦକ୍ଷିଣ ଆଫ୍ରିକାର ମଲଡର୍ ଗତ ଜୁଲାଇରେ ଜିମ୍ବାୱେ ବିପକ୍ଷ ଟେଷ୍ଟ ମ୍ୟାଚରେ ଅପରାଜିତ ୩୬୭ ରନର ମାରାଥନ ତ୍ରିଶତକୀୟ ପାଳି ଖେଳିଥିଲେ।

## ପାକିସ୍ତାନ ସିରିଜ ଲାଗି ଶେଫର୍ଡ ଫେରିଲେ

ସେଣ୍ଟ ଲୁସିଆ, ୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜ ଲାଗି ବୁଧବାର ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ଲାଗି ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ରୋମାରିଓ ଶେଇଫର୍ଡଙ୍କୁ ଦଳରେ ସାମିଲ କରାଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଆଇପିଏଲ୍ ପୁନଃ କାର୍ଯ୍ୟସୂଚୀ ଲାଗି ରୋମାରିଓ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଖେଳିପାରି ନ ଥିଲେ। ସେହିଭଳି ଦ୍ରୁତ ବୋଲର ଆଲ୍‌ଜାରୀ ଜୋସେଫ୍‌ଙ୍କୁ ଏହି ସିରିଜ ଲାଗି ବିଶ୍ରାମ ଦିଆଯାଇଛି। ନିକଟରେ ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅଂଶଗ୍ରହଣ କରିଥିଲେ। ତେଣୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ସାଇ ହୋପ୍ ଘୋଷିତ ୧୫ ଜଣିଆ ୱେଷ୍ଟଇଣ୍ଡିଜ ଦଳର ନେତୃତ୍ୱ ଭାର ସମ୍ଭାଳୁଛନ୍ତି। ଦଳରେ ଜ୍ୱେଲ ଆଣ୍ଡ୍ରିଉ, ଜେଡିଆ ବ୍ଲାଡିସ୍, କେସି କାର୍ଟି, ରୋଷ୍ଟନ ଚେଜ୍, ମାଥ୍ୟୁ ଫୋର୍ଡ, ଜଷ୍ଟିନ ଗ୍ରେଭେସ୍, ଆମିର ଜୋଙ୍ଗୋ, ଶାମାର ଜୋସେଫ୍, ବ୍ରାଣ୍ଡନ କିଙ୍ଗ୍, ଏଭିନ୍ ଲୁଇସ୍, ଗୁଡାକେଶ ମୋତି, ଶେଫାନ ରଦରଫୋର୍ଡ, ଜେଡେନ ସେଲ୍ସ ଓ ରୋମାରିଓ ଶେଇଫର୍ଡ ରହିଛନ୍ତି। ଅଗଷ୍ଟ ୮, ୧୦ ଓ ୧୨ରେ ଯଥାକ୍ରମେ ୩ଟି ଯାକ ଦିନିକିଆ ମ୍ୟାଚ୍ ଖେଳାଯିବ।

### ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍

## କ୍ୟାରିୟର ଶ୍ରେଷ୍ଠ ସ୍ଥାନରେ ସିରାଜ



ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ବିରାଟ ଲମ୍ଫ ମାରିଛନ୍ତି। ସେ ଏକାଥରରେ ୧୨ଟି ପାହାଚ ଉପରକୁ ଉଠି ବୋଲିଂ ତାଲିକାର ୧୫ତମ ସ୍ଥାନ ହାସଲ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ସିରାଜଙ୍କ ଏହା କ୍ୟାରିୟର ଶ୍ରେଷ୍ଠ ମାନ୍ୟତା। ଏଥିପୂର୍ବରୁ ଗତବର୍ଷ ଜାନୁଆରୀରେ ସେ ୧୬ତମ ସ୍ଥାନ ଲାଭ କରିଥିଲେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସିରାଜ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ସିରିଜରେ ମୋଟ୍ ୧୮୫.୨ ଓଭର ବୋଲିଂ କରି ୨୩ଟି ୱିକେଟ୍ ନେଇଥିଲେ। ଯେଉଁଥି ପାଇଁ ର୍‌ୟାଙ୍କିଙ୍ଗ୍‌ରେ ସେ ୨୭ତମ ସ୍ଥାନରୁ ୧୫କୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ନିର୍ଣ୍ଣାୟକ ୫ମ ଟେଷ୍ଟରେ ସିରାଜ ମୋଟ୍ ୯ଟି ୱିକେଟ୍ ନେଇ ଦଳକୁ ରୋମାଞ୍ଚକ ଭାବେ ୬ ରନରେ ଜିତାଇଥିଲେ। ଫଳରେ ଭାରତ ଟେଷ୍ଟ ସିରିଜକୁ ୨-୨ରେ ସମ୍ମାନର ସହ ଡ୍ର ରଖିବାରେ ସଫଳ ହୋଇଥିଲା। ଇଂଲଣ୍ଡର ଗସ୍ ଆଟକିନସନ ମଧ୍ୟ ୨ଟି ସ୍ଥାନ ଉପରକୁ ଉଠିଛନ୍ତି। ସଦ୍ୟ ମାନ୍ୟତାରେ ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କ ସହ ମିଳିତ ଭାବେ ୧୦ମ ସ୍ଥାନରେ ରହିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ୍ ବୁମ୍‌ରା, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

### ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍

# ରଶିଦ ବିଶ୍ୱର ପ୍ରଥମ ବୋଲର୍



ଲଣ୍ଡନ, ୬।୮ (ଏଜେନ୍ସି):

ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ଇତିହାସ ରଚିଛନ୍ତି। ବିଶ୍ୱର ପ୍ରଥମ ବୋଲର ଭାବେ ରଶିଦ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍ ନେବାର ସୌଭାଗ୍ୟ ହାସଲ କରିଛନ୍ତି। ଇଂଲଣ୍ଡରେ ଆରମ୍ଭ ହୋଇଥିବା ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍'ରେ ରଶିଦ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଲଣ୍ଡନ ସ୍ପିରିଟ୍ ସହ ଓଭାଲ୍ ଇନଭିସିବଲ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨୬ ବର୍ଷୀୟ ରଶିଦ ଓଭାଲ୍ ପକ୍ଷରୁ ଖେଳୁଥିଲେ। ମ୍ୟାଚରେ ରଶିଦଙ୍କ ରିଷ୍ଟ ସ୍ପିନକୁ ବୁଝି ନ ପାରି ଲଣ୍ଡନ ସ୍ପିରିଟ୍‌ର ୩ଜଣ ବ୍ୟାଟର୍ ଆଉଟ୍ ହୋଇଥିଲେ। ରଶିଦ ୨୦ ବଲ୍ ପକାଇ ୧୧ ରନ ବ୍ୟୟରେ ୩ଜଣଙ୍କୁ ଆଉଟ୍ କରିଥିଲେ। ଲିଆମ୍ ଡଓସନଙ୍କୁ ଆଉଟ୍ କରି ସେ ଟି-୨୦ କ୍ୟାରିୟରରେ ୬୫୦ ୱିକେଟ୍ ପୂରଣ କରିଥିଲେ। ରଶିଦ ବର୍ତ୍ତମାନ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୪୮୨ ମ୍ୟାଚ୍ ଖେଳି ୧୬.୯ ଷ୍ଟ୍ରାଇକରେଟ୍‌ରେ ୬୫୧ ୱିକେଟ ନେଇଛନ୍ତି। ସେ ୧୭ଥର ୪ ୱିକେଟ୍ ଓ ୪ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଏହି ତାଲିକାରେ ରଶିଦଙ୍କ ପଛକୁ ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ରହିଛନ୍ତି। ବ୍ରାଭୋ ୫୮୨ ଟି-୨୦ ମ୍ୟାଚ୍ ଖେଳି ୬୩୧ଟି ୱିକେଟ୍ ନେଇଛନ୍ତି। ଭାରତୀୟ ଭାବେ ଯୁଜବେନ୍ଦ୍ର ଚହଲ ୩୨୬ ମ୍ୟାଚରୁ ୩୮୦ ୱିକେଟ୍ ନେଇ ତାଲିକାର ୧୪ତମ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ରଶିଦ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ଆଫଗାନିସ୍ତାନ ସମେତ ବିଭିନ୍ନ ଦେଶରେ ଅନୁଷ୍ଠିତ ଲିଗ୍‌ରେ ମଧ୍ୟ ଖେଳିଥାନ୍ତି। ଆଇପିଏଲ୍‌ରେ ସେ ବର୍ତ୍ତମାନ ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଓଭରଅଲ୍ ଟି-୨୦ରେ ସର୍ବାଧିକ ୱିକେଟ୍**

| ଖେଳାଳି | ଅବଧି | ମ୍ୟାଚ୍ | ବଲ୍ | ୱିକେଟ୍ |
|---|---|---|---|---|
| ରଶିଦ ଖାନ | ୨୦୧୫-୨୦୨୫ | ୪୮୨ | ୧୧୦୨୨ | ୬୫୧ |
| ଡ୍ୱେନ ବ୍ରାଭୋ | ୨୦୦୬-୨୦୨୪ | ୫୮୨ | ୧୧୧୮୩ | ୬୩୧ |
| ସୁନିଲ ନାରାୟଣ | ୨୦୧୧-୨୦୨୫ | ୫୫୪ | ୧୨୫୬୩ | ୫୮୯ |
| ଇମ୍ରାନ ତାହିର | ୨୦୦୬-୨୦୨୫ | ୪୩୪ | ୯୨୭୩ | ୫୪୭ |
| ଶାକିବ ଅଲ୍ ହାସାନ | ୨୦୦୬-୨୦୨୫ | ୪୫୧ | ୯୪୬୫ | ୪୯୮ |



**ଡୁରାଣ୍ଡ କପ୍** ବୁଧବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ନାମଧାରୀ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS